

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୯ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 August 2024

Vol.No. 35 ■ No.223 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କୋଲକାତା ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ନିଜ ଆଡୁ ହସ୍ତକ୍ଷେପ କଲେ ସୁପ୍ରିମକୋର୍ଟ : ୨୦ରେ ଶୁଣାଣି




ନୂଆଦିଲ୍ଲୀ, ୧୮/୮ : କୋଲକାତାରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ପରେ ହତ୍ୟା ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ସର୍ବୋଚ୍ଚ ନ୍ୟାୟାଳୟ ନିଜ ଆଡୁ ହସ୍ତକ୍ଷେପ କରିବା ସହ ମଙ୍ଗଳବାର ମାମଲାର ଶୁଣାଣି କରିବେ। ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତିନି ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିବେ। ପ୍ରଧାନ ବିଚାରପତିଙ୍କ ସହ ଖଣ୍ଡପୀଠରେ ରହିଛନ୍ତି ଜଷ୍ଟିସ ଜେବି ପାର୍ଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ର । ମାମଲାର ନିରପେକ୍ଷ ତଦନ୍ତ ନେଇ ପ୍ରଧାନ ବିଚାରପତିଙ୍କୁ ଆବେଦନ କରାଯାଇଥିଲା। ଚିଠିରେ ଉଲ୍ଲେଖ ହୋଇଥିଲା ଯେ, ମାମଲା କେବଳ ଏକ ନିରୀହ ଜୀବନକୁ ଶେଷ କରିବା ପାଇଁ ନୁହେଁ । ଏହା ଆମ ଦେଶର ଆତ୍ମା ଉପରେ ଆକ୍ରମଣ । ଆମ ମହାନ ସମ୍ବିଧାନର ନ୍ୟାୟ ଏବଂ ମାନବିକତାର ଆଦର୍ଶ ପ୍ରତି ଘୋର ଅପମାନ। ଯେଉଁଭଳି ଭାବେ ଏକ ଜୀବନକୁ ନିର୍ମମ ଉପାୟରେ ନଷ୍ଟ କରିଦିଆଗଲା, ତାହା ଆମ ଜାତିର ସାମୂହିକ ଚେତନାକୁ ଦୋହଲାଇଦେଇଛି। ଯେଉଁ ପରିସରରେ ସେ ମାନବିକତାର ସେବା କରିଥିଲେ, ସେହି ପରିସରରେ ତାଙ୍କୁ ଅତି ନିର୍ମମ ଭାବେ ଦୁର୍ବ୍ୟବହାର କରାଯାଇ ହତ୍ୟା କରିଦିଆଗଲା। ତେଣୁ ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଆବେଦନରେ ଦାବି କରାଯାଇଛି। ତଦନ୍ତ ସମ୍ପର୍କରେ ଭୁଲ ତଥ୍ୟ ଦେଇଥିବାରୁ ଟିଏମସି ରାଜ୍ୟସଭା ସାଂସଦ ଶୁଖେନ୍ଦୁ ରୟ ଓ ବିଜେପି ନେତ୍ରୀ ଲକେଟ ଚାଟାର୍ଜୀଙ୍କୁ ପୁଲିସର ସମନ। ଶୁଖେନ୍ଦୁ, ମାମଲାରେ ପୁଲିସ କମିସନର ଓ ପୂର୍ବତନ ପ୍ରିନ୍ସିପାଲଙ୍କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲ 'ଏକ୍ସ'ରେ ଶୁଖେନ୍ଦୁ ଲେଖିଛନ୍ତି, କିଏ ଓ କାହିଁକି ଆତ୍ମହତ୍ୟାର ଖବର ପ୍ରଚାରିତ କଲା? ତାହା ଜାଣିବା ପାଇଁ ପୂର୍ବତନ ପ୍ରିନ୍ସିପାଲ ଓ ପୁଲିସ କମିଶନରଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବା ଜରୁରୀ। ଏହାବ୍ୟତୀତ ଦୁଇ ଜଣ ପ୍ରମୁଖ ଡାକ୍ତରଙ୍କୁ ସମନ କରିଛି ପୋଲିସ। ସେପଟେ ସିବିଆଇ ଟିମ୍ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡ ଓ ଏହାର ବାହାରେ ଥ୍ରୀ-ଡି ଲେଜର ମ୍ୟାପିଂର ଯାଞ୍ଚ ଏବଂ କୋଡିଂ କରିଛି। ହାଇ ଆକ୍ୟୁରେସି ଥ୍ରୀ ଡି ଲେଜର ସ୍କାନର ସହାୟତାରେ ଏହି ଡିଜିଟାଲ ମ୍ୟାପିଂ କରାଯାଉଛି।

## ଭୁବନେଶ୍ୱର ପରେ କଟକରେ ବି ସିମ୍ ବକ୍ସ ଠାବ



କଟକ, ୧୮/୮ (ନି.ପ୍ର): ଭୁବନେଶ୍ୱର ପରେ କଟକରେ ବି ସିମ୍ ବକ୍ସ ଠାବ । ମଧୁପାଟଣା ଥାନା ରାଜେନ୍ଦ୍ର ନଗର ଅଞ୍ଚଳର ଏକ ଘରୁ ସିମ୍ ବକ୍ସ ଠାବ ହୋଇଛି । ଅଭିଯୁକ୍ତ ରାଜୁ ମଣ୍ଡଳକୁ ନେଇ ସିମ୍ ବକ୍ସ ଠାବ ସ୍ଥଳରେ ତନାଘନା କରୁଛି ପୋଲିସ । ୫ ଦିନିଆ ରିମାଣ୍ଡରେ ଆଣି ରାଜୁ ମଣ୍ଡଳକୁ ଘାଣ୍ଟୁଛି ପୋଲିସ । ଘଟଣାସ୍ଥଳରେ ସାଇବର ଏକ୍ସପର୍ଟ ଟିମ୍ ଉପସ୍ଥିତ ରହି ସିମ୍ ବକ୍ସର ଯାଞ୍ଚ କରିଛନ୍ତି । ସେପଟେ ଅଭିଯୁକ୍ତ ରାଜୁ ମଣ୍ଡଳ ତଥ୍ୟ ଆଧାରରେ ସବୁଠି ଚଢ଼ାଉ ଚାଲିଛି । ତଦନ୍ତରେ ଆବଶ୍ୟକ ହେଲେ ସାଇଣ୍ଟିଫିକ୍ ଟିମର ସହଯୋଗ ନିଆଯିବ । କୋଲକାତା ପୋଲିସ ସାହାଯ୍ୟରେ ରାଜୁ ମଣ୍ଡଳର ପରିବାରକୁ ପଚରାଉଚରା କରାଯାଉଥିବା ଡିସିପି ପ୍ରତୀକ ସିଂ କହିଥିଲେ । ସୂଚନା ଅନୁସାରେ ଗତ ଶୁକ୍ରବାର ରାଜଧାନୀର ଏକ ଭଡ଼ା ଘରୁ ମିଳିଲା ସାତ ସାତଟି ସିମ୍ ବକ୍ସ । ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ମହାଦେବ ନଗର ଅଞ୍ଚଳରେ ଥିବା ଏଇ ଭଡ଼ା ଘରୁ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କାର୍ଡ ଓ ଲକ୍ଷ୍ମୀସାଗର ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ଜବତ କରିଥିଲା ▶▶ପୃଷ୍ଠା ୭

## ଆସିଷ୍ଟାଣ୍ଟ କମିଶନର ବିନୟ ତ୍ରିପାଠୀ ଗିରଫ

ଯାଜପୁର, ୧୮/୮ (ନି.ପ୍ର): ଯାଜପୁର ସିଟି ଆଣ୍ଡ ଜିଏସଟି ଏନ୍‌ଫୋର୍ସମେଣ୍ଟ ଆସିଷ୍ଟାଣ୍ଟ କମିଶନର ବିନୟ ତ୍ରିପାଠୀ ଗିରଫ । ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ସରକାରୀ ଟିକସ ହେରଫେର ଅଭିଯୋଗରେ ପ୍ରଥମେ ରେଡ୍ କରିଥିଲା ଭିଜିଲାନ୍ସ । ତାପରେ ଗିରଫ କରିଥିଲା । ଜବତ ସ୍କ୍ରାପ୍‌କୁ ବେଆଇନ ଭାବେ ସ୍କ୍ରାପ୍ ଡିଲରକୁ ବିକି ଧରାପଡ଼ିଥିଲେ ଏହି ଆସିଷ୍ଟାଣ୍ଟ କମିନର । ବିନୟଙ୍କ ୨ ବ୍ୟକ୍ତିଗତ ସହଯୋଗୀଙ୍କୁ ମଧ୍ୟ ଗିରଫ କରିଛି ଭିଜିଲାନ୍ସ । ତେବେ ଓଡ଼ିଶାରେ କୌଣସି ସାଧାରଣ ଅଫିସର କିମ୍ବା ବଡ଼ଅଫିସରଙ୍କୁ ଭିଜିଲାନ୍ସ ଗିରଫ କରିବା ଏବେ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ନୀକଟ ଅତୀତରେ ୧୦ ରୁ ଅଧିକ ସରକାରୀ ଯନ୍ତ୍ରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ▶▶ପୃଷ୍ଠା ୭

## ଏଥର ଗଣେଶ ପୂଜାରେ ଡିଜେ ବ୍ୟାନ୍: ଭସାଣିରେ ବାଜିବ ପାରମ୍ପରିକ ବାଦ୍ୟ



ଭୁବନେଶ୍ୱର, ୧୮/୮ (ନି.ପ୍ର): ଏଥର ଗଣେଶ ପୂଜାରେ ରାଜଧାନୀରେ ଡିଜେ ବନ୍ଦ । ବାଜିବ ପାରମ୍ପରିକ ବାଦ୍ୟ । ଉଭୟ ମେଲୋଡି ଓ ଭସାଣୀରେ ବି ଡିଜେ ବ୍ୟାନ୍ । ତା ସହ ଠାକୁରଙ୍କ ବିକୃତ ମୂର୍ତ୍ତି ନିର୍ମାଣ ଓ ପୂଜା ନଜରକୁ ଆସିଲେ ବି ହେବ କାର୍ଯ୍ୟାନୁଷ୍ଠାନ। ଏଥର ସେପ୍ଟେମ୍ବର ୭ରେ ପଡୁଛି ଗଣେଶ ପୂଜା । ତା ପୂର୍ବରୁ ଆଜି ଏକ କୋ-ଅର୍ଡିନେସନ ମିଟିଂ କମିଶନରେଟ ପୋଲିସ ଓ ରାଜଧାନୀର ବିଭିନ୍ନ ପୂଜା କମିଟି ମଧ୍ୟରେ ବସିଥିଲା । ଯେଉଁଥିରେ ଗଣେଶ ପୂଜା ପାଇଁ ଜୋର ଜବରଦସ୍ତ ଚାନ୍ଦା ଆଦାୟକୁ ବାରଣ ସହ ପୂଜାକୁ ନିଶାମୁକ୍ତ କରାଯିବାକୁ ବି ନିଷ୍ପତ୍ତି ହୋଇଛି। ତେବେ ଏଥର ଭସାଣ ଶୋଭାଯାତ୍ରା ପୂର୍ବରୁ ପୋଲିସ ଅନୁମତି ନେବା ଜରୁରୀ କରାଯାଇଛି । ଚଳିତ ଥର ପୂଜା ପାଇଁ ସିସିଟିଭି ନଜରରେ ସାରା ସହରରେ ରହିବ । ପବ୍ଲିକ ଭଲ୍ୟୁଣ୍ଟର ମଧ୍ୟ ନିୟୋଜିତ କରିବେ ପୂଜା କମିଟି । ୭ରେ ଗଣେଶ ପୂଜା ପରେ ୮, ୧୧ ଓ ୧୨ ତାରିଖରେ ଭସାଣି ପାଇଁ ସ୍ଥିର କରାଯାଇଛି । ପୋଲିସର ସମସ୍ତ ନିଷ୍ପତ୍ତି ଉପରେ ସହମତି ପ୍ରକାଶ କରିଛନ୍ତି ରାଜଧାନୀର ସମସ୍ତ ପୂଜା କମିଟି । ସେପଟେ ଗଣେଶଙ୍କ ବିକୃତ ମୂର୍ତ୍ତି ନିର୍ମାଣ କଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। କଟକରେ ଗଣେଶ ପୂଜା ପ୍ରସ୍ତୁତି ବୈଠକରେ କିଛି ଏଭଳି ସୂଚନା ଦେଇଛନ୍ତି ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା। କଟକ ସାରଳା ଭବନରେ କମିଶନରେଟ ପୋଲିସ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ସରିଛି। ଶାନ୍ତି କମିଟି, ମହାନଗର ପୂଜା କମିଟି ଏବଂ ବିଭିନ୍ନ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଛି। ▶▶ପୃଷ୍ଠା ୭

## ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ସାଙ୍ଗ

ଗଞ୍ଜାମ, ୧୮/୮ (ନି.ପ୍ର): ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ସାଙ୍ଗ। ଆଜି ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ଅଞ୍ଚଳରେ ଘଟିଛି। ଆଜି ଅପରାହ୍ନରେ ସିନ୍ଧୁରପୁର ଗାଁର ସନ୍ତୋଷ ନାୟକଙ୍କ ଝିଅ ସାଳିନି(୫), ବଳରାମ ଡାକୁଆଙ୍କ ଝିଅ ତୁଳସୀ(୬) ଓ ଅନ୍ୟମାନେ ପୋଖରୀକୁ ଗାଧୋଇ ପାଇଁ ଯାଇଥିଲେ। ଗାଧେଇବା ପରେ ଜଣେ ଘରକୁ ଫେରି ଆସିଥିଲେ। ହେଲେ ତୁଳସୀ ଓ ଶାଳିନୀ ଘରକୁ ଆସିନଥିଲେ। ପରିବାର ଲୋକେ ସେମାନଙ୍କୁ ଚାରିଆଡେ ▶▶ପୃଷ୍ଠା ୭

## ଭୁଶୁଡୁଛି ବିଜେଡିର ପଞ୍ଚାୟତ ଗଡ଼: ଦଳ ଛାଡୁଛନ୍ତି ଶଙ୍ଖ ସମର୍ଥିତ ପ୍ରତିନିଧି



ଭୁବନେଶ୍ୱର, ୧୮/୮ (ନି.ପ୍ର): ବିଜେଡିକୁ ଗାଁ ଚିନ୍ତା । ଭୁଶୁଡୁଛି ପଞ୍ଚାୟତ ସଂଗଠନ । ଦଳ ଛାଡୁଛନ୍ତି ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧି । ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଏକାଠି ରଖିବାକୁ ଦଳପତି ଆରମ୍ଭ କଲେ ରଣନୀତି । ୨୪ ନିର୍ବାଚନରେ ପରାଜୟ ପରେ ପଞ୍ଚାୟତରେ ବି ଖସିଲାଣି ବିଜେଡି। ପଞ୍ଚାୟତ ପ୍ରତିନିଧି ଏବେ ବିଜେପି ମୁହାଁ । ଯାଜପୁର ଓ କେନ୍ଦୁଝରରେ ତ ଶଙ୍ଖ ଦଳର ସ୍ଥିତି ସାଂଘାତିକ। ଦଳ ଖଣ୍ଡ ଖଣ୍ଡ ହେଉଥିବା ଦେଖି ପଞ୍ଚାୟତ ନେତାଙ୍କୁ ନେଇ ବୈଠକ କରୁଛନ୍ତି ନେତା । ଏପରିକି ନବୀନ ବି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି। ଆଉ ରାଜନୈତିକ ସମୀକ୍ଷକଙ୍କ ମତ ହେଲା ବିଜେଡି ପାଇଁ ଆଗକୁ ଅଧିକ ସଙ୍କଟ ଦେଖାଦେଇପାରେ । ବିଜେଡିକୁ ଗାଁ ଚିନ୍ତା । ଭୁଶୁଡୁଛି ପଞ୍ଚାୟତ ସଂଗଠନ । ଦଳ ଛାଡୁଛନ୍ତି ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧି । ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଏକାଠି ରଖିବାକୁ ଦଳପତି ଆରମ୍ଭ କଲେ ରଣନୀତି । ଦିନେ ବିଜେଡିର ଗଡ ଥିବା ଯାଜପୁର ଏବେ ଗେରୁମାମୟ ହେବାରେ ଲାଗିଛି । ଯେଉଁଥିପାଇଁ ଛନକା ପଶିଛି ଦଳରେ । କାଳ ବିଳମ୍ବ ନ କରି ପ୍ରଣବ ନିଜ ଯାଜପୁର ବାସଭବନରେ ସରପଞ୍ଚ, ସମିତି ସଭ୍ୟଙ୍କୁ ▶▶ପୃଷ୍ଠା ୭

## ତାରାଙ୍କ ବିସ୍ଫୋରକ ବୟାନ୍: କଂଗ୍ରେସରେ ବିଭାଜନ ସୃଷ୍ଟି ହେଉଛି



ଭୁବନେଶ୍ୱର, ୧୮/୮ (ନି.ପ୍ର): କଂଗ୍ରେସର ଫାୟାର ବ୍ରାଣ୍ଡ ନେତା ହେଉଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି। ହେଲେ ତାଙ୍କୁ କୁଆଡ଼େ କଂଗ୍ରେସ ଭିତରେ ବିରୋଧ କରାଯାଉଛି। ବିଜେପି ଓ ବିଜେଡିଙ୍କ ପରି କଂଗ୍ରେସରେ ତାଙ୍କୁ ବିରୋଧ କରାଯାଉଛି। ସେଥିପାଇଁ ସେ ନିଜକୁ ନିଜ ନିର୍ବାଚନମଣ୍ଡଳୀ ଭିତରେ ରଖିଛନ୍ତି। ଆଜି ଏପରି ଚାଞ୍ଚଲ୍ୟକର ବୟାନ୍ ଦେଇଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ଖାଲି ଏତିକି ନୁହେଁ, ତାରା ଆହୁରି କହିଛନ୍ତି- କଂଗ୍ରେସରେ ବିଭାଜନ ସୃଷ୍ଟି କରାଯାଉଛି। ଗଣ ମାଧ୍ୟମକୁ ସୂଚନା ଦେଇ ତାରା କହିଛନ୍ତି, ଗାଁ ଗହଳୀରେ ବିଜେପିର ବିରି ଅଖା ନଥିଲା। କିନ୍ତୁ ଏଥର ଲୋକେ ବିଜେପିକୁ ଭୋଟ୍ ଦେଇ ଜିତାଇଲେ। ଦୁଇଟି କାରଣ ପାଇଁ ବିଜେପି ଜିତିଲା। ପ୍ରଥମ କଥାଟି ହେଲା, ଲୋକମାନେ ବିଜେଡି ଉପରେ କ୍ଷୁବ୍ଧ ଥିଲେ ଏବଂ ଦ୍ୱିତୀୟଟି ହେଲା- ଓଡ଼ିଆଙ୍କ ସ୍ୱାଭିମାନ। ଯାହାଫଳରେ ବିଜେପି ସରକାରକୁ ଆସିଲା। ହେଲେ ଆମେ ତାହାର ଫାଇଦା ଉଠାଇ ପାରିଲୁ ନାହିଁ। କିନ୍ତୁ ଏବେ ମଧ୍ୟ ଗାଁ ଗହଳୀରେ ତାଙ୍କର ବିରି ଅଖା ନାହିଁ। ସେଥିପାଇଁ ସେମାନେ ବିଜେଡି ଓ କଂଗ୍ରେସରୁ କିଛି ଲୋକଙ୍କୁ ନେଇ ବିରି ଅଖାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ତାରା କହିଛନ୍ତି। ତାରା ଆହୁରି କହିଛନ୍ତି, ସାଧାରଣ ନିର୍ବାଚନରେ ସଫା ହୋଇଯାଇଥିବା ବିଜେଡି ପୁଣି ଥରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛି। ସରକାର ଗଢ଼ିବା ପରେ ବିଜେପି ମଧ୍ୟ ତା' ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଆରମ୍ଭ କରୁଛି। ହେଲେ ଆମେ କଂଗ୍ରେସ ବାଲାଙ୍କ ଭିତରେ ଗୋଡ଼ ଝିକାଝିକି ଚାଲିଛି। ଆମର କାହା ସହିତ କାହାର ମତ ମିଶୁନି। ସେଥିପାଇଁ ଆମେ ଯେଉଁମାନେ ପ୍ରକୃତ କଂଗ୍ରେସିଆ ଅଛୁ ଛାତିର କୋହ ଧରି ବସିଛୁ। ଏହା ଦେଖି ଆମକୁ ଦୁଃଖ ଲାଗୁଛି। କାନ୍ଦ ମଧ୍ୟ ଲାଗୁଛି। ଇଏ ଯେଉଁ ବିଭାଜନ ସୃଷ୍ଟି ହେଉଛି, ତାହା ହେବା କଥା ନୁହେଁ। ଆମର ମାଲିକ ଏକ। କଂଗ୍ରେସର ରାହୁଲ ଗାନ୍ଧିଙ୍କ ପରିବାର ହେଉଛନ୍ତି ଆମର ବସ୍। ସେମାନେ ଯାହା ନିଷ୍ପତ୍ତି ନେବେ, ତାକୁ ମାନିବାକୁ ପଡିବ ବୋଲି ତାରା କହିଛନ୍ତି। ବିଭାଜନ କିଏ କରୁଛି ପ୍ରଶ୍ନରେ ତାରା କହୁଛନ୍ତି, ବିଭାଜନ ଚାରିଆଡେ ଚାଲିଛି। କେହି ଦଳୀୟ ସ୍ୱାର୍ଥ କଥା ଚିନ୍ତା କରୁନାହାନ୍ତି। କେବଳ ନିଜ ସ୍ୱାର୍ଥ ସାଧନ ପାଇଁ ଚେଷ୍ଟା ଚାଲିଛି। କିନ୍ତୁ ସାଧାରଣ ଲୋକେ ସେମାନଙ୍କୁ କେବେ କ୍ଷମା ଦେବେନି। ଦେଖାଯାଉ କ'ଣ ହେଉଛି? ଆମେ ମଧ୍ୟ ସଙ୍ଗଠନ କରିଛୁ। ନିଜେ ବଞ୍ଚିଲେ ବାପାର ନାଁ, ସେଥିପାଇଁ ମୋ ନିର୍ବାଚନମଣ୍ଡଳୀ ଭିତରେ ମୁଁ ରହିଛି। ମୁଁ କେଉଁଠି ଯାଉନି। କାରଣ ଆମକୁ ବିଜେପି ଓ ବିଜେଡି ବିରୋଧ କରୁଛନ୍ତି। କଂଗ୍ରେସ ମଧ୍ୟ ବିରୋଧ କରୁଛନ୍ତି। ତେଣୁ ନିଜସ୍ୱ କଂଗ୍ରେସ କେମିତି ବଞ୍ଚିବ? ▶▶ପୃଷ୍ଠା ୭

## 'ପାଣ୍ଡିଆନଙ୍କ ହେଲିକପ୍ଟର ବୁଲାର ଚାଲିଛି ତଦନ୍ତ: ଖୁବଶୀଘ୍ର ଆସିବ ନିର୍ଯ୍ୟାସ'



ଭୁବନେଶ୍ୱର, ୧୮/୮ (ନି.ପ୍ର): ଭି.କେ. ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତର ତଦନ୍ତ ସହ ଖର୍ଚ୍ଚର ହିସାବ ଚାଲିଛି। ଖୁବଶୀଘ୍ର ଏହାର ନିର୍ଯ୍ୟାସ ଆସିବ । ରାଜ୍ୟବାସୀଙ୍କ ମନରେ ଯାହା ସନ୍ଦେହ ଅଛି ତାହା ସତ ହୋଇପାରେ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା । ଯେହେତୁ ଦୁର୍ନୀତି ବିରୋଧରେ ମୋହନ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି, ତେଣୁ ଅପେକ୍ଷା ▶▶ପୃଷ୍ଠା ୭

## ମାଗଣାରେ ମିଳିବ ମହାପ୍ରସାଦ: ଚାଲିଛି ରୂପରେଖ ପ୍ରସ୍ତୁତି



ପୁରୀ, ୧୮/୮ (ନି.ପ୍ର): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ସମସ୍ତ ଭକ୍ତଙ୍କୁ ମାଗଣାରେ ବଣ୍ଟନ କରାଯିବ ମହାପ୍ରସାଦ। ଏନେଇ ଯୋଜନା ରଖିଛନ୍ତି ରାଜ୍ୟ ସରକାର। ପୁରୀରେ ରଥ ସେବା ସମ୍ମାନ-୨୦୨୪ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ କେବଠୁ ଓ କେମିତି ଦିଆଯିବ ମହାପ୍ରସାଦ, ସେନେଇ ଆଇନ ମନ୍ତ୍ରୀ ସ୍ପଷ୍ଟ କରିନାହାଁନ୍ତି। ସେ କହିଛନ୍ତି, ଏ ସଂପର୍କରେ ରାଜ୍ୟ ସରକାର ଏକ ରୂପରେଖ ପ୍ରସ୍ତୁତ କରୁଛନ୍ତି। ତା'ସହ ଆହୁରି କହିଛନ୍ତି, ପୁରୀରେ ▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୫ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୪

ଅବଗଣନା

୦୬ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୫ ଅଗଷ୍ଟ, ୨୦୨୪, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ଜୟପୁର ପୌରପରିଷଦର ସାଧାରଣ ବୈଠକ

ଜୟପୁର, ୧୮/୦୮ (ନି.ପ୍ର): ଜୟପୁର ପୌର ସଭା ଗୃହରେ ପରିଷଦର ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପାଧକ୍ଷ ବି. ସୁନିତା, ସାଂସଦ ପ୍ରତିନିଧି ହାସନ ମଦାନି, ପୌର କାର୍ଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ ।
ବୈଠକରେ ପ୍ରଥମେ ଟାଟା ପାୱାର ବିରୁଦ୍ଧରେ ସମସ୍ତେ ଏକତ୍ରିତ ହୋଇ ଉଦବେଗ ପ୍ରକାଶ କରିଥିଲେ । ସହରର ଲଗାଯାଇଥିବା ସ୍ମାର୍ଟ ମିଟର ଲଗାଇବାକୁ ବିରୋଧ କରାଯାଇଥିଲା । ଏହା ସହ ରାସ୍ତା ମଝି ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହା ସହ ରାସ୍ତା ଉପରେ ୩୩ କେଭି ବିଦ୍ୟୁତ ତାର ଯାଇଥିବା ବେଳେ କେବୁଲ ତାର କରାଯାଉ ନାହିଁ । ସହରରେ ମାଳ ମାଳ ବିଦ୍ୟୁତ ତାର ଲମ୍ବିକି ରହିଛି ତେଣୁ ଆଗାମି ଦିନରେ ବିଦ୍ୟୁତ କାଯ୍ୟାଳୟକୁ ଘେରାଉ କରାଯିବ ବୋଲି ବିଧାୟକ ବାହନିପତି ସୂଚନା ଦେଇଥିଲେ । ଏହା ପରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଉ ନାହିଁ । ଦୀର୍ଘ ୨ ବର୍ଷ ହେବ ପ୍ରତିମୂର୍ତି ନିର୍ମାଣ କରାଯାଇଛି । ମୁଖ୍ୟ ଟ୍ରାଫିକ ଛକ ନିକଟରେ ସ୍ଥାପନ କରିବାକୁ ସ୍ଥିର କରାଯାଇଥିଲା । କିନ୍ତୁ, ଆଜି ଯାଏ ସ୍ଥାପନ କରାଯାଇ ନଥିବାରୁ ଉପାଧକ୍ଷ ବି ସୁନିତାଙ୍କ ସହ ବିଜେଡି କାଉନସିଲର ମାନେ କକ୍ଷ ତ୍ୟାଗ କରିଥିଲେ । ପରେ ଉପ ଜିଲାପାଳ ପ୍ରଭାତ କୁମାର ପରିଡା ପହଂଚି ଥିଲେ । ଯେଉଁ ସ୍ଥାନରେ ପ୍ରତିମୂର୍ତି ସ୍ଥାପନ କରିବା ନିଷ୍ପତି ହୋଇଥିଲା ସେହି ସ୍ଥାନ ପାଇଁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି । ତେଣୁ ପ୍ରତିମୂର୍ତି ସ୍ଥାପନ କରାଯାଇ ପାରୁ ନାହିଁ । ଉପ ଜିଲାପାଳ ଉକ୍ତ ମାମଲା ଓ ସ୍ଥିତି ଉପରେ ଅନୁଧାନ କରିବା ପରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମାନସିକ ସ୍ୱାସ୍ଥ୍ୟ ଏବଂ ପ୍ରତିବନ୍ଧକ ସମ୍ପର୍କିତ ଆଲୋଚନା ଚକ୍ର

କନ୍ଧମାଳ, ୧୮/୦୮ (ନି.ପ୍ର): ଫୁଲବାଣୀ ଜନ ସଚେତନତା ଅଭାବରୁ ସମଗ୍ର ପୃଥିବୀ ମଧ୍ୟରେ ଦିନକୁ ଦିନ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି । ମଣିଷ ମଧ୍ୟରେ ଥିବା ମାନସିକ ଅସୁସ୍ଥତାକୁ ଚିହ୍ନିବା ସହଜ ବିଷୟ ହୋଇ ନଥିବାରୁ ଲୋକମାନେ ଚିକିତ୍ସାରେ ଅବହେଳା କରିଥାନ୍ତି । ଯାହାର ଫଳସ୍ୱରୂପ ସମାଜ ମଧ୍ୟରେ ଦିନକୁ ଦିନ ଅବସାଦ ଆତ୍ମହତ୍ୟା, ହତ୍ୟା ପରି ବିଭିନ୍ନ ଜଘନ୍ୟ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ଏହିସବୁ ପରିସ୍ଥିତିକୁ ଆଖି ଆଗରେ ରଖି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ରୋଟାରୀ କ୍ଲବ୍ ଫୁଲବାଣୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ ସେବା ଟ୍ରଷ୍ଟ୍ ପରିସର ଫୁଲବାଣୀ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତିବନ୍ଧକ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରୋଟାରୀଆନ୍ ତଥା ଆଇନବୀ ବିଜୟ କୃଷ୍ଣ ପଟ୍ଟନାୟକ ପରିବାର ମାନଙ୍କ ସମସ୍ୟାର ଉଦାହରଣ ଦ୍ୱାରା ମଣିଷର ମାନସିକ ଅବସ୍ଥାକୁ ବୁଝାଇବାକୁ ଚେଷ୍ଟା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମକୁ ମିଳିତ ଭାବରେ କିପରି ଆହୁରି ସୁଦୃଢ଼ କରାଯିବ ସେହି ବିଷୟରେ ଆଲୋକପାତ କରିଥିଲେ । ସ୍ୱାତୀ ଅନୁଷ୍ଠାନ ର ପ୍ରକଳ୍ପ ସଂଯୋଜକ ପ୍ରଦୀପ ସ୍ୱାଇଁ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା, ମାନସିକ ରୋଗ, ଅନ୍ଦୋଳିତ ମାନସିକ ଅବସ୍ଥା ବିଷୟ କୁ ବିଭିନ୍ନ ଲେଖା ଏବଂ ଭିଡିଓ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର କ୍ଲିନିକାଲ ସାଇକୋଲୋଜିଷ୍ଟ ତପସ୍ୱିନୀ ଆଚାର୍ଯ୍ୟ ମାନସିକ ଅସୁସ୍ଥତା ର କାରଣ, ଲକ୍ଷଣ, ନିରାକରଣ ଏବଂ ଯୌଥ ପରିବାରର ଉପାଦେୟତା ବିଷୟରେ ବୁଝାଇଥିଲେ । ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କୁ ଚିକିତ୍ସା ପରିସରକୁ ଆଣିବା ନିମନ୍ତେ ଦେଖାଦେଉଥିବା ପ୍ରତିବନ୍ଧକର କାରଣ ସମ୍ବନ୍ଧରେ ସ୍ୱାତୀ ଅନୁଷ୍ଠାନର ମାନସିକ ସ୍ୱାସ୍ଥ୍ୟ ସ୍ୱଚ୍ଛାସେବୀ ମାନେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଯତ୍ନକାରୀ ମାନେ ଉପସ୍ଥିତ ରହି ସେମାନଙ୍କ ଅନୁଭୂତିମାନ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ । ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ପ୍ରତି ପରିବାର ଏବଂ ସମାଜର ଦାଇତ୍ୱ ବିଷୟରେ କନ୍ଧମାଳ ଜିଲ୍ଲାର ଉପ ଆରକ୍ଷୀ ଅଧିକାରୀ ସର୍ବେଶ୍ୱର ବେହେରା ସମ୍ୟକ୍ ଧାରଣା ଦେଇଥିଲେ । ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ନିମନ୍ତେ ଯତ୍ନକାରୀମାନଙ୍କ ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ବିଷୟରେ ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ.ହରିଶଙ୍କର ରାଉତ ପ୍ରକାଶ କରିଥିଲେ । ଆଗାମୀ ଦିନମାନଙ୍କରେ ସ୍ୱାତୀ ଏବଂ ରୋଟାରୀ ମିଳିତ ଭାବରେ କିପରି ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କ ନିମନ୍ତେ କାର୍ଯ୍ୟକ୍ରମ ସବୁ କରିପାରିବେ ସେହି ବିଷୟରେ ରୋଟାରୀ କ୍ଲବ୍‌ର ସଭାପତି ରୋଟାରୀଆନ୍ ବିପ୍ର ଚରଣ ପାତ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ଚିକିତ୍ସକ ସମ୍ମିଳନୀ

ଜୟପୁର, ୧୮/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ଥାନୀୟ ମଧୁମତୀ ହୋଟେଲ ସଭାଗୃହ ଠାରେ ଆଜି ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ଓ ଝାଣ୍ଡୁ ଫାର୍ମାସି ର ମିଳିତ ଉଦ୍ୟମରେ ସମ୍ପାଦକ କବିରାଜ ପରେମେଶ୍ୱର ପାତ୍ରଙ୍କ ଆହ୍ୱାନ କ୍ରମେ ଏକ ଚିକିତ୍ସକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଲା ପ୍ରାଚୀନ ପରମ୍ପରା ଚିକିତ୍ସା ପଦ୍ଧତିର ପ୍ରଚାର, ପ୍ରସାର ଓ ବିକାଶ ନିମନ୍ତେ ଏହି ସମ୍ମିଳନୀରେ ୨୧ ଜଣ ଚିକିତ୍ସକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା କରାଯାଇଥିଲା । ଜୟପୁର ଠାରେ ଏକ ଆୟୁର୍ବେଦ ମହାବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦୃଷ୍ଟି ଗୋଚରକୁ ନେବା ଲାଗି ନିଷ୍ପତି ନେବା ସହ ସ୍ଥାନୀୟ ସରକାରୀ ଆୟୁର୍ବେଦ କେନ୍ଦ୍ର ଗୁଡିକରେ ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ କାର୍ଯ୍ୟକାରୀ କରିବାକୁ ଆଲୋଚନା ହୋଇଥିଲା । ଏହି ନିକଟରେ ଏକ ବଡ଼ ଧରଣର ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା । ଏହି ସମ୍ମିଳନୀରେ କବିରାଜ ଦେବ ବାଘ, ବୈଦ ନିରଞ୍ଜନ ଜେନା, ଡଃ. ମନୋଜ ବିଶ୍ୱାଳ, ଡ଼. କଲ୍ୟାଣୀ ରାୟ, ଡ.ନାଥ ବାବୁ, ଶ୍ରୀନିବାସ ପାତ୍ର, ରାମଚନ୍ଦ୍ର ଦାସ୍ (ଗାଁ ବୈଦ)ସୌମ୍ୟ ବେହେରା, ବୈଦ ସୁଧିର ରାଉତ, ବୈଦ ମନୋଜ ବ୍ରହ୍ମା, କବିରାଜ ଯବୁଦାର ଜେନା, ବୈଦ୍ୟ ତ୍ରିପତି ସାହୁ ଏହିପରି ବଇଦବନ୍ଧୁ ମାନେ ଉପସ୍ଥିତ ରହିଥିବା ବେଳେ ପରିଷଦର ସହ ସମ୍ପାଦକ ବୈଦ୍ୟ ସତ୍ୟନାରାୟଣ ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିମାଇଁଙ୍କ ଅବର୍ତ୍ତମାନ ହେବା କୋସଲୀ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି

ବଲାଙ୍ଗିର, ୧୮/୦୮ (ନି.ପ୍ର): ପଶ୍ଚିମ ଓଡିଶାର ଜନଜୀବନର ସଂରକ୍ଷଣ, ସମ୍ବର୍ଦ୍ଧନ ପାଇଁ ତାଙ୍କର ତମାମ ଜୀବନ ଥିଲା ସମର୍ପିତ । କୋସଲୀ ଭାଷା ସାହିତ୍ୟ, ଲୋକ ସଂସ୍କୃତି ତଥା ପରମ୍ପରାର ସଂଗ୍ରାହକ ଭାବରେ ସେ ଥିଲେ ଅନନ୍ୟ । ଆଧୁନିକତାର ପ୍ରଭାବରେ ହଜି ଯାଉଥିବା ଆମ ଅଂଚଳର ପ୍ରାଚୀନ କୀର୍ତ୍ତିରାଜି, ବିଭିନ୍ନ ବ୍ୟବହୃତ ଜିନିଷ ସଂଗ୍ରହ କରି ତାର ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରିଥିଲେ ସ୍ୱର୍ଗତ ନିମାଇଁ ଚରଣ ପାଣିଗ୍ରାହୀ । ଲୋକ ସାହିତ୍ୟର ସଂଗ୍ରହ, ସଂପାଦନା ଓ ପ୍ରକାଶନ ଥିଲା ତାଙ୍କର ନିଶା । ତାଙ୍କର ଅବର୍ତ୍ତମାନ ହେବା କୋସଲୀ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି । ଆଗାମୀ ପିଢି ସଚେତନ ଭାବରେ ତାଙ୍କର ମ୍ୟୁଜିୟମ୍‌କୁ ସଂରକ୍ଷଣ କରି ରଖି ପାରିଲେ, ପ୍ରସ୍ତାବିତ କୋଶଳେଶ୍ୱରୀ ମନ୍ଦିର ତିଆରି କରାଯାଇ ପାରିଲେ ଓ ସଂଗୃହିତ ବିଷୟର ପ୍ରକାଶନ ହେଲେ ଆଗାମୀ ପାଇଁ ତାହା ହେବ ଏକ ମହାର୍ଘ ସଂପଦ ବୋଲି ମତ ଦେଇଛନ୍ତି ବହୁ ଜ୍ଞାନୀ, ଗୁଣୀ ଜନ । ବଲାଙ୍ଗିରର ବିଶିଷ୍ଟ ସାରସ୍ୱତ ସାଧକ, ସଂସ୍କୃତି ଗବେଷକ, ସଂଗ୍ରାହକ ନିମାଇଁ ଚରଣ ପାଣିଗ୍ରାହୀଙ୍କର ଗଙ୍ଗା ଶ୍ରାଦ୍ଧ ଅବସରରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତାର କୋସଲୀ ଅନୁବାଦ 'କୋସଲୀ ଗିତା'ର ଲୋକାର୍ପଣ ଅବସରରେ ମୀନା ଟେଂଟ ହାଉସ୍ ଠାରେ ଅନୁଷ୍ଠିତ ସ୍ମୃତି ସଭାରେ ଏପରି ମତ ଦେଇଛନ୍ତି ସମସ୍ତେ । ସ୍ରୋତସ୍ୱତୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି କୋସଲୀ ଗୀତା ଲୋକାର୍ପଣ ସମାରୋହ ସନ୍ଦୀପ କୁମାର କୁଅଁରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ବେଳେ ପଦ୍ମଶ୍ରୀ ଡକ୍ଟର ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ ହଲଧର ନାଗ, ନାଟ୍ୟକାର ନିର୍ଦ୍ଦେଶକ ଅଧାପକ କେଶରଂଜନ ପ୍ରଧାନ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ପ୍ରମୁଖ ମଂଚାସୀନ ହୋଇଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ 'କୋସଲୀ ଗିତା' କୁ ଲୋକାର୍ପିତ କରାଯାଇଥିଲା । ଲୋକାର୍ପଣ ଅବସରରେ ସ୍ୱର୍ଗତ ନିମାଇଁ ଚରଣଙ୍କ ୪ ଝିଅ ସାଗରିକା, ନିହାରିକା, ଅନାମିକା, ସ୍ୱାଗତିକା ମଂଚରେ ଉପସ୍ଥିତ ଥିଲେ । ପରେ ପରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅଧାପକ ବିନୟ କୁମାର ଦାଶ, କୃଷ୍ଣଚନ୍ଦ୍ର ବାରିକ, କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ସଂପାଦକ ଗୋରେଖନାଥ ସାହୁ, ହେମନ୍ତ ଦୀପ ବରଗଡ, ଟିକେଲାଲ ବେହେରା ଟିଟିଲାଗଡ, ଡକ୍ଟର ଦୋଳଗୋବିନ୍ଦ ବିଶି, ଟିଟିଲାଗଡ, ଅଧାପକ ସୁଶାନ୍ତ ମିଶ୍ର, ଘେଁସ, ସୁରେନ୍ଦ୍ର ଦାଶ, ବ୍ରଜମୋହନ ଦାନୀ ସୋନପୁର, ମନୋରଂଜନ ସାହୁ, (ମନ ମାଷ୍ଟ୍ରେ), ବରଗଡ, ଲାଲଚନ ବଗର୍ତ୍ତୀ, ବିଜୟା କୋସଲୀର ସଂପାଦକ ସୁରଜିତ ସିଂ ମହାରଥା, ନୂଆପଡା, ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଶଶିଭୂଷଣ ପୁରୋହିତ, ଡକ୍ଟର ଘାସିରାମ ମିଶ୍ର , ନାମଯଜ୍ଞ ମିଶ୍ର କବୟତ୍ରୀ ସବିତା ମହରା, ଅଧାପକ ଦୀଲ୍ଲୀପ ପଶାୟତ କବି ଆନନ୍ଦ ଚନ୍ଦ୍ର ସାହୁ, ସୁଶାନ୍ତ ବାଗ ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କ କର୍ମମୟ ଜୀବନର କାର୍ଯ୍ୟକୁ ଏକକ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସହ ତୁଳନା କରି ତାଙ୍କର ଅଧା ରହିଥିବା କାମକୁ ପୁରା କରିବାକୁ ଆହ୍ୱାନ ଦେଇଥିଲେ । ତାଙ୍କର ଅପ୍ରକାଶିତ ପାଣ୍ଡୁଲିପିର ମୁଦ୍ରଣ ପାଇଁ ଚେଷ୍ଟା ଜାରି ରହିବ ବୋଲି ସ୍ରୋତସ୍ୱତୀ ପ୍ରକାଶନୀ ତରଫରୁ କୁହାଯାଇଥିବା ବେଳେ ନିମାଇଁଙ୍କ ବଡଭାଇ କହ୍ନାଇ ଚରଣ ପାଣିଗ୍ରାହୀଙ୍କ ଧନ୍ୟବାଦ ଓ କୃତଜ୍ଞତା ପରେ ସ୍ମୃତିସଭା ଶେଷ ହୋଇଥିଲା । ସ୍ମୃତି ସଭାକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ରମାଇ ଚରଣ ପାଣିଗ୍ରାହୀ, ଧନମତ ପାଣିଗ୍ରାହୀ, ପ୍ରଦୀପ ପାଣିଗ୍ରାହୀ, ସଂଜୟ କୁମାର ମିଶ୍ର, ସ୍ୱାଗତ ମିଶ୍ର, ରାମରାଜ ପଣ୍ଡା, ଅନୁପମ ମିଶ୍ର, ଆଲୋକ ଦାଶ ପ୍ରମୁଖ ସ୍ମୃତିଚାରଣ ସଭା ଓ ଗଙ୍ଗା ଶ୍ରାଦ୍ଧରେ ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରୁ ବହୁ କବି ଲେଖକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମ ପକ୍ଷରୁ ଜୁଆଙ୍ଗ ପିଲାଙ୍କୁ ପାଠ୍ୟ ଉପକକରଣ ବଂଟନ

ଘଟଗାଁ, ୧୮/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ପଂଚାୟତର କୁଲାଦେରା'ରେ ବସବାସ କରୁଥିବା ବହୁଚର୍ଚ୍ଚିତ ଆଦିମ ଜନଜାତିର ଜୁଆଙ୍ଗ ପିଲାମାନଙ୍କୁ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, କ୍ଷିତୀଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ତରଫରୁ ଆଜି ପାଠ୍ୟ ଉପକରଣ ବଂଟନ କରାଯାଇଛି ! ଏଥିରେ ସାନ୍ତରାପୁର ପଂଚାୟତର ସରପଂଚ ଶ୍ରୀମତୀ ବବିତା ସିଂହ ମୁଖ୍ୟ ଅତିଥି ଓ ଅବସର ପ୍ରାପ୍ତ ଶିକ୍ଷାବିତ ଶ୍ର ପୁରନ୍ଦର ମହାନ୍ତ ଓ କୁଲାଡେରା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରଦ ଜୁଆଙ୍ଗ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ପିଲାମାନଙ୍କୁ ଖାତା, କଲମ, ବିସ୍କୁଟ, ଚକୋଲେଟ ଇତ୍ୟାଦି ଦେଇ ପିଲାମାନଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କ୍ଷିତିଜ୍ୟୋତିଃ ଆଶ୍ରମର ବାବା ଚରମାନନ୍ଦ ଦାସ (ପ୍ରତାପ )ଓ ପରିଚାଳକ ଅର୍ଜୁନ ଚରଣ ମହାନ୍ତ (ମିଟୁ )କାର୍ଯ୍ୟକ୍ରମ ପରିଚାଳନାରେ ଭଗବାନ ବେହେରା, ତାପସ କୁମାର ପଣ୍ଡା ଓ ନାରଦ ଜୁଆଙ୍ଗ ସହଯୋଗ କରିଥିଲେ ।

# ଭୀମ ପାଇଁ ଆବାସ ଯୋଜନା ସାତ ସପନ : ପଲିଥିନ ତଳେ ବିତୁଛି ଜୀବନ : ଦୃଷ୍ଟି ଆକର୍ଷଣ ପରେ ସ୍ଥିତି ପରଖିଛି ପ୍ରଶାସନ

ଚମ୍ପୁଆ, ୧୮/୦୮ (ନି.ପ୍ର): ଘରର କାନ୍ଥ ନାହିଁ କି ମୁଣ୍ଡ ଉପରେ ଚାଳ ନାହିଁ । ସିଧାସଳଖ ସୂର୍ଯ୍ୟ କିରଣ ବିଚ୍ଛୁରିତ ହୋଇ ପଡୁଛି ଘର ଭିତରେ । ପଲିଥିନ ଟାଣି ତାରି ଭିତରେ ଅତି ଦୟନୀୟ ଭାବରେ ବିପଦ ସଙ୍କୁଳ ଅବସ୍ଥାରେ ରହୁଛନ୍ତି ଦୁଇ ପ୍ରାଣୀ କୁଟୁମ୍ବ । ଚମ୍ପୁଆ ବ୍ଲକ କରଞ୍ଜିଆ ପଂଚାୟତ ଅନ୍ତର୍ଗତ କରଞ୍ଜିଆ ଭୁମିଜ ସାହିର ଭୀମ ବେଂଟକାର ପାଇଁ ଆବାସ ଯୋଜନା ସତେଯେମିତି ପାଲଟିଛି ସାତ ସପନ । ନିଃସନ୍ତାନ ଭୀମ ଓ ତାର ସ୍ତ୍ରୀ ପର ଘରେ ମୂଲ ଲାଗିଲେ ଚୂଲିଜଳେ । ସରକାରୀ ସହାୟତା କହିଲେ କେବଳ ଖାଦ୍ୟ ସୁରକ୍ଷା ଯୋଜନା ରେ ମିଳୁଥିବା କେଇ କେଜି ଚାଉଳ ।ବୟସ ୭୦ରୁ ଅଧିକ ହେଲେ ସୁଦ୍ଧା ଭତ୍ତା ଯୋଜନାରୁ ବଂଚିତ ଭୀମ ବେଂଟକାର ଓ ତାର ସ୍ତ୍ରୀ । ଆବାସ ଯୋଜନାରେ ଗ୍ରାମର ଅନେକ ଥିଲାବାଲା ସୁଯୋଗ ହାତେଇ ସାରିଥିବା ବେଳେ ଭୀମ ବେଂଟକାର କିନ୍ତୁ ଯୋଜନାରୁ ବଂଚିତ ରହିଛନ୍ତି । ନିରକ୍ଷରତା ହେତୁ ନିଜ ଭୋଟର୍ କାର୍ଡରେ ଜନ୍ମ ତାରିଖର ସଂଶୋଧନ କରି ନପାରି ଭତ୍ତା ଯୋଜନାରୁ ମଧ ବଂଚିତ ରହିଛନ୍ତି ଏମାନେ । ଆବାସ ଘର ପାଇଁ ବହୁବାର ପଂଚାୟତର ଦ୍ୱାରସ୍ଥ ହୋଇମଧ ନିରାଶ ହୋଇ ପ୍ରଶାସନ ଉପରୁ ଆସ୍ଥା ହରାଇ ସାରିଛନ୍ତି । ଭୀମ ୧୦ବର୍ଷ ରୁ ଅଧିକ ଦିନହେବ ଦିନରେ ନିଜ କୁଡ଼ିଆରେ ଓ ରାତିରେ ପର ଘରେ ଆଶ୍ରୟ ନେଉଥିବା ବେଳେ ତାର ଦୁର୍ଦ୍ଦଶା ଦେଖି ପଡୋଶୀ ମଧ ମର୍ମାହତ । ମାତ୍ର କରିବେ ବା କ'ଣ । ଆକାଶ କଇଁ ତୋଳିବେ ନା ଚିଲିକା ମାଛ ଖାଇବେ ? ତେବେ ଏହାକୁ ନେଇ ଗଣମାଧମ ପ୍ରତିନିଧିଙ୍କ ତରଫରୁ ଚମ୍ପୁଆ ବିଡ଼ିଓ ଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲା । କ୍ୟାମେରା ଆଗରେ କିଛି କହି ନଥିଲେ ସୁଦ୍ଧା ବିଡ଼ିଓ ରାଜା ରଞ୍ଜିତ ପ୍ରତାପ ବଳ ଓ ଏବିଡିଓ ଚୁନୁ ହାଁସଦା ସଙ୍ଗେ ସଙ୍ଗେ ଭୀମଙ୍କ ଘରେ ପହଂଚି ତାର ସ୍ଥିତି ପରଖି ତାକୁ ଆବାସ ଯୋଜନାରେ ସାମିଲ କରିବାକୁ ଆଶ୍ୱାସନା ଦେଇଥିବା ଜଣାପଡିଛି । ତେବେ କେବେ ଓ କେତେ ଦିନ ପରେ ଭୀମ ବେଂଟକାର ପ୍ରତି ସରକାରଙ୍କ ସୁଦୃଷ୍ଟି ର ସଫଳତା ମିଳିପାରିବ ତାହା ଦେଖିବାକୁ ବାକି ରହିଲା ?

# ମୋମିତାଙ୍କୁ ନ୍ୟାୟ ଦାବିରେ ଏବିଭିପି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଖୋର୍ଦ୍ଧା, ୧୮/୦୮ (ନି.ପ୍ର): କୋଲକାତାର ଆର. ଜି . କର୍ ମେଡିକାଲ କଲେଜର ସ୍ନାତକୋତ୍ତର ଛାତ୍ରୀ ଡକ୍ଟର ମୌମିତା ଦେବନାଥଙ୍କୁ ୩୬ ଘଣ୍ଟାର ରେସିଡେଣ୍ଟସ୍ ଡ୍ୟୁଟି କରୁଥିବା ସମୟରେ ସେମିନାର ହଲକୁ ପଶିଆସିଥିବା କେତେକ ଯୁବକ ଯେଉଁଭଳି ଗଣଦୁଷ୍କର୍ମ କରିବା ସହିତ ବର୍ବରୋଚିତ ହତ୍ୟାକାଣ୍ଡ ଘଟାଇଛନ୍ତି ତାହା ସମଗ୍ର ଭାରତ ବର୍ଷ ପାଇଁ ଅତି ନିନ୍ଦନୀୟ ଘଟଣା । ଡକ୍ଟର ମୌମିତା ଦେବନାଥଙ୍କୁ ତୁରନ୍ତ ନ୍ୟାୟ ମିଳିବା ସହିତ ଅପରାଧୀ ବଳାତ୍କାରୀ ରାକ୍ଷସ ମାନଙ୍କୁ ତୁରନ୍ତ ଫାଶୀ ଦଣ୍ଡ ଦିଆଯିବା ନ୍ୟାୟ ଦାବିରେ ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ମହମବତୀ ଶୋଭାଯାତ୍ରା କରାଯାଇଥିଲା ।ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଡକ୍ଟର ମୌମିତା ଦେବନାଥଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରହିଥିଲା । ମହମବତୀ ଶୋଭାଯାତ୍ରା କରି ଆମେ ନ୍ୟାୟ ଚାହୁଁ, ଡକ୍ଟର ମୌମିତା ଅପାଙ୍କୁ ନ୍ୟାୟ ମିଳୁ ନାରା ଦେଇ ନାରୀ ସ୍ୱାଧିନତାର ମୌଳିକ ଅଧିକାର ଦାବି କରିଥିଲୁ । ଘଟଣା କୁ ସପ୍ତାହେ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ସଠିକ୍ ତଦନ୍ତ କରାଯାଉନଥିବା ପ୍ରଶ୍ନ କରିବା ସହିତ ଡକ୍ଟର ମୌମିତା ଦେବନାଥଙ୍କୁ ଯଦି ନ୍ୟାୟ ନ ମିଳେ ତେବେ ଛାତ୍ରଶକ୍ତି ଆଗାମୀ ଦିନରେ ସମ୍ବିଧାନର ଶୃଙ୍ଖଳକୁ ଭାଙ୍ଗି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ତରଫରୁ ଚେତାବନୀ ଦେଇଛନ୍ତି ।ଏହି କାର୍ଯ୍ୟକ୍ରମରେ ଏବିଭିପିର ପୁରୀ ବିଭାଗ ସହସଂଯୋଜକ ଶୋଭନ ରାଉତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରିତୀପଲ୍ଲବୀ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ସୌମ୍ୟ ରଞ୍ଜନ ସାହୁ,ସ୍ୱାଗତିକା ସୁନ୍ଦରାୟ, ରାଜେନ୍ଦ୍ର ପ୍ରଧାନ, ମୋନିକା ମହାପାତ୍ର, ଅର୍ପିତା ସାହୁ, ବର୍ଷା ପ୍ରିୟଦର୍ଶିନୀ, ବିଷ୍ଣୁପ୍ରିୟା ସାହୁ, ସସ୍ମିତା ସାହୁ କିଶୋର କୁମାରଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ପର୍କିତ ସଂସଦୀୟ କମିଟିରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ

କେନ୍ଦୁଝର, ୧୮/୦୮ (ନି.ପ୍ର): କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ପର୍କିତ ସଂସଦୀୟ କମିଟିରେ ସଦସ୍ୟ କରାଯାଇଛି । ଲୋକସଭା ବାଚସ୍ପତି ଓମ ବିର୍ଲା ୨୦୨୪-୨୫ ବର୍ଷ ପାଇଁ ଗଠିତ କରିଥିବା ଏହି କମିଟିରେ ଶ୍ରୀ ନାୟକଙ୍କୁ ସାମିଲ କରିଛନ୍ତି । ଶ୍ରୀ ନାୟକ ଓଡିଶାର ଏକ ମାତ୍ର ସାଂସଦ ଭାବେ ଏହି ସଂସଦୀୟ କମିଟିରେ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଲୋକସଭା ସଚିବାଳୟ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଫଗନ ସିଂହ କୁଲସ୍ତେଙ୍କୁ ଏହି କମିଟିର ଅଧକ୍ଷ ଭାବେ ଘୋଷିତ କରାଯାଇଥିବା ବେଳେ ଏହି କମିଟିରେ ଉଭୟ ଲୋକ ସଭା ଓ ରାଜ୍ୟସଭାର ମୋଟ ୩୦ ଜଣ ସଦସ୍ୟ ଅଛନ୍ତି ।
ଏହି ସଂସଦୀୟ କମିଟିରେ ସଦସ୍ୟ ଭାବେ ମନୋନୀତ କରିଥିବାରୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଲୋକସଭାର ବାଚସ୍ପତି ଓମ ବିର୍ଲାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଶ୍ରୀ ନାୟକଙ୍କୁ କିଛି ଦିନ ପୂର୍ବରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଲୋକସଭାରେ ସଚେତକ ଭାବେ ଦାୟିତ୍ୱ ଦିଆଯାଇଥିଲା । ଶ୍ରୀ ନାୟକ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଭାପତି ଭାବେ ମଧ ଦାୟିତ୍ୱ ସଫଳତାପୂର୍ବକ ତୁଲେଇ ସାରିଛନ୍ତି ।

# କୋଲିକତା ଟ୍ରେନିଂ ଡାକ୍ତରଙ୍କୁ ଦୁଷ୍କର୍ମ ଘଟଣାରେ କୋରାପୁଟ ଜିଲ୍ଲା ହସପିଟାଲରେ ଡାକ୍ତରମାନଙ୍କର ଆନ୍ଦୋଳନ

ଜୟପୁର , ୧୮/୦୮ (ନି.ପ୍ର): କୋଲକାତାରେ ଟ୍ରେନିଂ ଡାକ୍ତରଙ୍କୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣା ପ୍ରତିବାଦରେ ଦେଶବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ । ଭାରତୀୟ ମେଡିକାଲ ସଂଘ ପକ୍ଷରୁ ୨୪ ଘଂଟା କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି । ଦେଶର ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ଧର୍ମଘଟ ହେଉଛି । ଓପିଡି ଓ ଡାକ୍ତରଖାନାରେ ନିୟମିତ ଅସ୍ତ୍ରୋପଚାର ବନ୍ଦ କରାଯାଇଛି । ଏମରଜେନ୍ସି ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ରୋପଚାର ହୋଇପାରୁନାହିଁ । ଏପଟେ ଓଡ଼ିଶାରେ ମଧ ୬ହଜାର ଡାକ୍ତର ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସେବା ବନ୍ଦ ରହିଛି । ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି । କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ ସମସ୍ତ ଡ଼ାକ୍ତର କଳା ବ୍ୟାଜ ପରିଧାନ କରି ଏହାର ପ୍ରତିବାଦ କରିଥିଲେ । ଏବଂ ଜଣେ ଡାକ୍ତର ୩୬ ଘଂଟା ନିଜ କାର୍ଯ୍ୟ କରି ଏଭଳି ଦୁଷ୍କର୍ମର ଶିକାର ହୋଇଥିବା ଘଟଣା ଆମକୁ ମର୍ମାହତ କରିଛି ବୋଲି ଜୟପୁର ମୁଖ୍ୟ ଚିକିତ୍ସାଳୟର ଡାକ୍ତର କହିଛନ୍ତି । ଏଭଳି ଘଟଣା ସାରା ଦେଶକୁ ଲଜ୍ଜିତ ଏବଂ ସ୍ତବ୍ଧ କରିଦେଇଛି ବୋଲି ଡାକ୍ତରମାନେ କହିଛନ୍ତି । କଳାବ୍ୟାଚ ପିନ୍ଧି କ୍ୟାଣ୍ଡେଲ୍ ଜାଳି ପ୍ରତିବାଦ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଡାକ୍ତର ମାନେ ସରକାରଙ୍କ ପାଖରେ ଦାବି କରିଛନ୍ତି । କିନ୍ତୁ ଯେଉଁଭଳି ଭାବେ ପ୍ରତିଦିନ ରୋଗୀମାନଙ୍କ ଚିକିତ୍ସା କରାଯାଉଛି ସେହିଭଳି ଆଜି ମଧ ସମସ୍ତ ରୋଗୀଙ୍କୁ ଚିକିତ୍ସା କରାଯାଉଛି ବୋଲି ଡାକ୍ତର କହିଛନ୍ତି । ରୋଗୀଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ ନ ଥିବା ଡାକ୍ତର କହିଛନ୍ତି । ହସ୍ପିଟାଲ ଗୁଡ଼ିକୁ ସେଫ୍ ଜୋନ୍ ଭାବେ ଘୋଷଣା ସହ ବିମାନବନ୍ଦର ଭଳି ସୁରକ୍ଷା ଯୋଗାଇ ଦେବାକୁ ଆଇଏମଏ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ମୁତୟନ, ସୁରକ୍ଷା ଯାଂଚର ପ୍ରୋଟୋକଲ୍ ପାଳନ କରିବାକୁ ଅପିଲ ହୋଇଛି । ଏହାସହ ହସ୍ପିଟାଲରେ ରେସିଡେଂଟ ଡାକ୍ତରଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ କରିବାକୁ ମଧ ଦାବି କରିଛି ସଂଘ । ଗତ ୯ ତାରିଖରେ କୋଲକାତାର ଆରଜି କର ମେଡିକାଲ କଲେଜରେ କାର୍ଯ୍ୟରତ ଜଣେ ପୋଷ୍ଟ ଗ୍ରାଜୁଏଟ ଟ୍ରେନିଂ ଡାକ୍ତରଙ୍କ ସହ ଦୁଷ୍କର୍ମ କରାଯାଇ ପରେ ହତ୍ୟା କରିଦିଆଯାଇଥିଲା । ଘଟଣା ପରେ ଦେଶବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଓ ବିରୋଧ ପ୍ରଦର୍ଶନ ଜାରି ରହିଛି ।

# କେରଳ ଆପୋଲୋ ହସପିଟାଲରେ ଚିକିତ୍ସିତ ସ୍ୱାମୀର ବିଲ ପୈଠ କରିବାକୁ ଅନୁରୋଧ

କେନ୍ଦ୍ରାପଡ଼ା, ୧୮/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଗୁପ୍ତି ଗ୍ରାମର ବସନ୍ତ ପରିଡା ଦୀର୍ଘ ବର୍ଷ ହେଲା କେରଳରେ ରହି ଶ୍ରମିକ ଭାବରେ କାମ କରୁଛନ୍ତି । ଅଗଷ୍ଟ ମାସ ୧୦ ତାରିଖ ହଠାତ୍ ସେ ମସ୍ତିଷ୍କାଘାତ ରେ ଅସୁସ୍ଥ ହୋଇ ଏରନାକୁଲାମର ଆଙ୍ଗାମାଲି ଠାରେ ଥିବା ଆପଲୋ ହସପିଟାଲ ରେ ଆଡମିଶନ କରିଥିଲେ । ସେଠାରେ ତାଙ୍କର ଅସ୍ତ୍ରୋପଚାର ଓ ଚିକିତ୍ସା ବାବଦକୁ ପ୍ରାୟ ୪ ଲକ୍ଷ ୩୫ ହଜାର ହୋଇଥିବା ବେଳେ ତାଙ୍କର ପରିବାର ସଦସ୍ୟ ମାତ୍ର ୨୦ ହଜାର ଟଙ୍କା ପୈଠ କରିଛନ୍ତି । ବର୍ତମାନ ତାଙ୍କର ଚିକିତ୍ସା ଚାଲୁଥିବାରୁ ଅବଶିଷ୍ଟ ୪ ଲକ୍ଷ ୧୫ ହଜାର ଟଙ୍କା ପୈଠ କରିବା ସହିତ ତାଙ୍କୁ ସୁସ୍ଥ ହେବା ପର୍ଯ୍ୟନ୍ତ ସେହି ଚିକିତ୍ସାଳୟରେ ଚିକିତ୍ସିତ କରାଇବା ପାଇଁ ତାଙ୍କ ପତ୍ନୀ ସୁଭଦ୍ରା ପରିଡ଼ା ଓ ୪ ଅବିବାହିତ ଝିଅ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ନିବେଦନ କରିଛନ୍ତି । ଏଥିସହିତ ଶ୍ରୀମତୀ ପରିଡା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋ ଓଡିଶା ପରିବାରର ନିର୍ଦ୍ଦେଶକ ଡାକ୍ତର ବିଜୟ କେତନ ଉପାଧ୍ୟେୟ, ମୁ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶ୍ରମ ନିର୍ଦ୍ଦେଶକ ଓ କେନ୍ଦ୍ରାପଡାର ବିଧାୟକ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କୁ ଏ ବିଷୟରେ ଅବଗତ କରାଇ ସାହାଯ୍ୟ ଲୋଡିଛନ୍ତି ।

# ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଂଟ ସେପ୍ଟେମ୍ବର ୧୧ରୁ

ବଲାଙ୍ଗୀର, ୧୮/୦୮ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ଆଜି କ୍ରୀଡ଼ା ସଂସଦର କାର୍ଯ୍ୟକାରୀ କମିଟି, ଟୁର୍ଣ୍ଣାମେଂଟ ଓ ଟ୍ରାନ୍ସଫର କମିଟି, ଚୟନ କମିଟି ଓ ଅମ୍ପାୟାର କମିଟି ବୈଠକଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧକ୍ଷତା କରିଥିଲେ । ସେହି ପରି କ୍ରୀଡ଼ା ସଂସଦର କୋଷାଧକ୍ଷ ତଥା ଫୁଟବଲ ଟୁର୍ଣ୍ଣାମେଂଟ କମିଟି ଅଧକ୍ଷ ପ୍ରଭାତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଟୁର୍ଣ୍ଣାମେଂଟ କମିଟି ସଭା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଆସନ୍ତା ସେପ୍ଟେମ୍ବର ୧୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଖେଳ ପଡ଼ିଆରେ ଆୟୋଜନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି । ଆଗ୍ରହୀ ଅଂଶଗ୍ରହଣକାରୀ ଦଳ ଅଗଷ୍ଟ ୩୦ ତାରିଖ ସୁଦ୍ଧା ତାଙ୍କ ଆବେଦନ ଫର୍ମ ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି । ଉକ୍ତ ବୈଠକରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା, କ୍ରୀଡ଼ା ସଂପାଦକ ବିଭୁତି ଭୂଷଣ ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର କୁମାର ପୁରୋହିତ, ଶିଶିର କୁମାର ବହିଦାର, ସୁଧିର ଚନ୍ଦ୍ର ପଣ୍ଡା, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଶରତ କୁମାର ନନ୍ଦ, ନରେଶ ଅଗ୍ରୱାଲ, ସୁନିଲ ଚନ୍ଦ୍ର ବିଶ୍ୱାଲ, ଭୁପେନ୍ଦ୍ର ପ୍ରସାଦ ସିଂ, ଶ୍ରୀକାନ୍ତ ରାଉତ, ନିସାରକାନ୍ତ ନାଗ, ନରସିଂସ୍ୱାମୀ ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ ।

## ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା

### କବୀର କୁମାର ଜେନା



ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ତେବେ ଅନେକ ହୁଏତ ଜାଣିନଥିବେ ଏଯାବତ୍ ଚଳି ଆସୁଥିବା ସଂସ୍କୃତ ବ୍ୟାକରଣର ଜନକ ପାଣୀନିଙ୍କ ୨୫ଶହ ତମ ଜୟନ୍ତୀ ଅବସରରେ ୧୯୬୯ ଅଗଷ୍ଟ ୧୯ ତାରିକ ଦିନ ଭାରତ ସରକାର ବିଶ୍ୱ ସଂସ୍କୃତ ଦିବସ ଘୋଷଣା କରିଥିଲେ। ସଂଯୋଗକୁ ସେହି ଦିନଟି ଥିଲା ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା। ତେବେ ପରବର୍ତ୍ତୀ ସମୟରେ ୨୦୧୯ରେ ୟୁନାଇଟେଡ ନେସନସ ଏଜୁକେସନାଲ ସାଇଣ୍ଟିଫିକ ଆଣ୍ଡ କଲଚରାଲ ଅର୍ଗାନାଇଜେସନ ଅଗଷ୍ଟ ୧୯କୁ ଆନ୍ତର୍ଜାତିକ ସଂସ୍କୃତ ଦିବସ ରୂପେ ଘୋଷଣା କରିଛି।

ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି। ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ। ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ। ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ। ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର। ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ। ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ। ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ। ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ। ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ। ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ। ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ। ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ। ହୁମାୟୁନ ମଧ୍ୟ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ।

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସଂସ୍କୃତ ଦିବସର ଭାବଗତ ସମ୍ପର୍କ ରହୁଥିବାରୁ ସଂସ୍କୃତ ଭାଷାର ମହତ୍ତ୍ୱ, ଅଧ୍ୟୟନ ଓ ବ୍ୟବହାର ପ୍ରତି ଜନସଚେତନତା ବଢ଼ିବା ସହିତ ଏହି ଭାଷାର ଗୁରୁତ୍ୱ ଉପଲବ୍ଧିକୁ ସମସ୍ତେ ଅନୁଭବ କରିବା ସହ ଏହାକୁ ଏକ ସକ୍ରିୟ ଭାଷା ରୂପେ ସଂରକ୍ଷିତ ଓ ସୁରକ୍ଷିତ ରଖିବା ପାଇଁ ବଜ୍ର ଶପଥର ଦିବସ ହେଉ ଏହି ପବିତ୍ର ରକ୍ଷା ବନ୍ଧନର ସ୍ମୃତି।


+ଆଇନଜୀବୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ, ରାଜାବଗିଚା, ତେଲେଙ୍ଗାବଜାର, କଟକ,
ମୋ: ୯୪୩୭୬୭୪୦୦୯


## ଭାଇ ଭଉଣୀ ପବିତ୍ର ବନ୍ଧନ

### ରବିନାରାୟଣ ପଟ୍ଟନାୟକ



ଭାଇ ଭଉଣୀ ସଂପର୍କ ଦୁନିଆର ସବୁଠୁ ନିଆରା ସଂପର୍କ । ବେଳେ ବେଳେ ଲାଗେ ଭଗବାନ୍ ସୃଷ୍ଟି ତିଆରି କଲା ବେଳେ ନିଶ୍ଚିନ୍ତ ଭାବିଥିବେ ବାପା ମା ସବୁ ବେଳେ ସମସ୍ତଙ୍କ ପାଖରେ ରହିପାରିବେ ନାହିଁ । ତେଣୁ ଏହି ସୃଷ୍ଟୀ ଭାଇ ଭଉଣୀ ସଂପର୍କ ତିଆରି କରିଛନ୍ତି ସୁଖ ଦୁଃଖ ବାଣ୍ଟିବା ପାଇଁ । କିନ୍ତୁ ଦୁଃଖର ବିଷୟ ଭାଇ ଭଉଣୀ ସମ୍ପର୍କ ଯାହା ସୃଷ୍ଟି କରିଥିଲେ ଦୁଃଖ ବାଣ୍ଟିବାକୁ ତାହା ଆଜି ସମ୍ପତ୍ତି ବାଣ୍ଟିବା ଭିତରେ ସୀମିତ ହୋଇଯାଇଛି ।ଆଜି ସମୟ ରେ ସଂପର୍କ ମୂଲ୍ୟ ଯେମିତି ଆଉ କିଛି ନାହିଁ । ମଣିଷ ଖାଲି ଭଲ ଗାଡ଼ି ଭଲ ଘର ଏଇ ପଛରେ ପଡିଛି । ସଂପର୍କ ଯାହା ଭଗବାନ୍ ବନେଇଛନ୍ତି ମଣିଷ ଆଜି ତ। ଭିତରେ ନିଜର ଲାଭ କ୍ଷତିକୁ ହିସାବ କରୁଛି। ଯେମିତି ଆଜି ସଂପର୍କ ଭଲ ପାଇବା ନୁହେଁ ଲାଭ କ୍ଷତିରେ ଚାଲିଛି ।

ଗୋଟେ ଜାଗାରେ ଭାଇ ଭଉଣୀ ରହୁଥିଲେ। ଭଉଣୀ ବଡ଼ ଭାଇ ସାନ। ଦୁଇ ଜଣ ଦୁଇ ଜଣକୁ ବହୁତ୍ ଭଲ ପାଉଥିଲେ ।ବାପା ମା ଯେହେତୁ ମରିଯାଇଥିଲେ ବଡ଼ ଭଉଣୀ ସାନ ଭାଇ କୁ ବାପା ମା ଙ୍କ ସ୍ନେହ ଦେଇକି ମଣିଷ କରୁଥିଲା । ଭଉଣୀ ସମସ୍ତଙ୍କ ଘରେ କାମ କରି ଭାଇର କିଛି ଅଭାବ ରଖେନି । ଏମିତି କିଛି ଜିନିଷ ନାହିଁ ଯାହା ତା ଭାଇ ତାକୁ ମାଗିଥିବ ଆଉ ଭଉଣୀ ତାକୁ ଦେଇନଥିବା ।କେବଳ ସାନ ଭାଇକୁ ଟିକେ କମ୍ ଶୁଭେ ଯେହେତୁ ଦୁର୍ଘଟଣାରେ ତାର ଗୋଟେ କାନ କଟା ଯାଇଥିଲା । ସାନ ଭାଇ ଭଉଣୀ କୁ ମା ପରି ଭଲ ପାଉଥିଲା ସବୁ ଦିନ ସ୍କୁଲ୍ ରେ ଯାହା ହୁଏ ସେଇଟା ଆସିକି ଭଉଣୀ କୁ କୁହେ । ସ୍କୁଲ୍ ରେ ବହୁତ୍ ଭଲ ପାଠ ପଢୁଥିଲା। ଶ୍ରେଣୀରେ ପ୍ରଥମ ହୁଏ । ସବୁ ବେଳେ ତା ଭଉଣୀ କୁ କୁହେ ମୁଁ ବଡ଼ ହେଲେ ନିଶ୍ଚିତ ଡାକ୍ତର ହେବି । ସେଇ ସ୍କୁଲରେ ପଢୁଥିବା ଅଲଗା ପିଲା ରାଗ ରଖନ୍ତି ଯେହେତୁ ସେ ଭଲ ପାଠ ପଢେ ତା ସହିତ ସବୁଥିଲେ ପ୍ରଥମ ସ୍ଥାନ ଅଧିକାର କରେ । ଗୋଟେ ଦିନ ଯିଏ ଶ୍ରେଣୀରେ ଦ୍ୱିତୀୟ ହୁଏ ସେ ଚିଡେଇକି କହିଲା ତୁ ପ୍ରଥମ ହେଲେ କଣ ହେଲା ତୁ ତ ଅଣକାନୁଆ ।ତୋର ଗୋଟେ କାନ ନାହିଁ । ତୁ ପ୍ରଥମ ହେଲେ କଣ ଲାଭ । ଏହା ତାକୁ ବହୁତ୍ ଖରାପ ଲାଗିଲା ସେ ସ୍କୁଲରୁ କନ୍ଦିକି ଘରକୁ ଆସିଲା ଆଉ ଭଉଣୀକୁ ସବୁ କହିଲା । ଭଉଣୀ ଯେତେ ବେଳେ ଡାକ୍ତର ପାଖକୁ ନେଇକି ଗଲା ଡାକ୍ତର କହିଲା ଜଣେ ଯଦି ତାକୁ କାନ ଦେବେ ତ। ହେଲେ ଯାଇକି ସେ କାନ ଲଗେଇ ପାରିବେ । ଯଦି ସେମିତି ମିଳିଲା ତେବେ ମୁଁ ଜଣେଇବି ବୋଲି ଡାକ୍ତର କହିଲେ। ଏହା ଶୁଣିକି ଭାଇ ଭଉଣୀ ନିରାଶ ହେଇକି ଘରକୁ ଫେରିଲେ । ଭାଇ ଆଉ ପାଠରେ ମନ ଦଉନଥାଏ । ସବୁ ବେଳେ ମନ ଦୁଃଖରେ ଥାଏ । ଗୋଟେ ଦିନ ଫୋନ ଆସିଲେ ଡାକ୍ତରଖାନାରୁ ଆଉ ଭାଇ ଫୋନ୍ ଧରୁ ଧରୁ ଡାକ୍ତର କହିଲେ କାନ ଯୋଗାଡ ହେଇଯାଇଛି। କିନ୍ତୁ ଯିଏ କାନ ଦବ ଗୋଟେ ସର୍ତ୍ତରେ କି ତା ପରିଚୟ କାହାକୁ ଦବାକୁ ମାନକରିଛି । ଏହାର କିଛି ଦିନ ପରେ ଡାକ୍ତରଖାନାକୁ ଅସିକି କାନ ଲଗା ହେଲା । ଏହା ପରେ ଭାଇର ଖୁସି ନ କହିଲେ ସରେ ।ଭାଇ ଖୁସିରେ ଡାକ୍ତରଙ୍କୁ ପଚାରିଲା ଦୟାକରି ମତେ ତାଙ୍କୁ ଦେଖନ୍ତୁ ଯିଏ ମତେ କାନ ଦେଇଛନ୍ତି । ଡ଼ାକ୍ତର ହସିକି କହିଲେ ଗୋଟେ କଥା ପଚାରୁଛି କୁହ ।ତୁମ ପାଇଁ ଏଇ ଦୁନିଆ ରେ ସବୁଠୁ ମହାନ୍ କିଏ ଉତ୍ତରରେ କହିଲା ମୋ ଭଉଣୀ ଡ଼ାକ୍ତର ସଙ୍ଗେ ଭଉଣୀ ପାଖକୁ ଗଲେ କାନକୁ ଓଢ଼ଣୀ ଗୋଡେଇ ଦେଇକି ଭଉଣୀ ଛିଡ଼ା ହେଇଥାଏ ସଙ୍ଗେ ସଙ୍ଗେ କାଢି ଦେଲେ ଭଉଣୀ ଗୋଟେ କାନ ନ ଥାଏ ।ଭାଇ ସଙ୍ଗେ ସଙ୍ଗେ ଭଉଣୀ ଗୋଡ଼ ତଳେ ପଡ଼ିକି କାନ୍ଦି କାନ୍ଦି କହୁଥାଏ ।ଭଗବାନ୍ ସମସ୍ତଙ୍କୁ ତୋ ପରି ଗୋଟେ ଭଉଣୀ ଦେଇଥାନ୍ତୁ।

ଭାଇ ଭଉଣୀ ସଂପର୍କ ବିଷୟରେ କହିବାକୁ ଗଲେ ଦୁନିଆ ର ସବୁଠୁ ମଧୁର ସଂପର୍କ । ଯୋଉଠି ଦବାକୁ ନ। ଡର ଥାଏ ନା ହରେଇବାକୁ କିଛି ଭୟ ଥାଏ । ପିଲା ବେଳୁ ବହୁତ୍ ସ୍ମୃତି ରହିଥାଏ । ଏମିତି ବହୁତ କଥା ଥାଏ ଯାହା ଭାଇ ଭଉଣୀ ଭିତରେ ଲୁଚିକି ରହିଥାଏ ବାପା ମା ଙ୍କ ପଯ୍ୟନ୍ତ ପହଞ୍ଚେନି । କେବେ କେବେନିଜ ଭୁଲ୍ କୁ ଅନ୍ୟର ଭୁଲ୍ ତାକୁ ମାଡ଼ ଖୁଆଉ କିନ୍ତୁ ସେ ମାଡ଼ ଖାଇଲା ବେଳେ କଷ୍ଟ ଆମକୁ ହୁଏ ।


+ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬




## ଭାଇ ତୋ ହାତରେ ବାନ୍ଧିବି ରାକ୍ଷୀ

### ପ୍ରଶାନ୍ତ କୁମାର ଦାଶ

ଭାଇତୋ ହାତରେ ବାନ୍ଧିବି ରାଖୀ
ଜଗାବଳିଆଙ୍କୁ କରିବି ସାକ୍ଷୀ
ସୁଖ ମନାସିବି ତୋର
ଡାକିବି ଠାକୁରେ ଛିଣ୍ଡାଇବେ ନାହିଁ
ଆମ ସମ୍ପର୍କର ଡୋର ।
ସୁଭଦ୍ରାପରି ମୁଁ ଭଉଣୀ ତୋର
କରିବାନି କେହି କାହାକୁ ପର
ହସିଖେଳି ନାଚି ଗାଇ
କାଟିବା ସୁଖରେ ଦିନ ଆଉ ରାତି
ଆମ ଛୋଟଘରେ ଥାଇ ।
ଭଲ ବହି ଖାତା ମୋ ହାତେ ଦବୁ
ତୋ ସାଥିରେ ପାଠଶାଳାକୁ ନବୁ
କରିବୁ ଆଦର ଗେଲ
ଠାକୁରେ ଢ଼ାଳିବେ ଆଶିଷର ବାରି
ହେବୁତୁ ମଣିଷ ଭଲ ।
ମିଠା ଦେଲି ଖୋଇ ପାଟିରେ ତୋର
ହସରେ ଉଛୁଳି ଉଠଇ ଘର
ମାଗୁଚି ମମତା ମୂଳ
ତୋ ମଥାରେ ଦେଲି ଚନ୍ଦନର ଟିପା
ଶରଧାରେ ସଜଫୁଲ ।
ଭୁଲିବୁନି ଭାଇ ଜୀବନସାରା
ଆମେ ଆକାଶର ଜହ୍ନ ଓ ତାରା
ହସୁଥିବା କିରି କିରି
ପବନ ସମାନ ଶୀତଳ ପରଶ
ବାଣ୍ଟିଦେବା ଥିରି ଥିରି ।
ମିଠାଟିକେ ଖୋଇ କହିଲା ଭାଇ
ମୋ ସୁନାଭଉଣୀ ନାଇଁଲୋ ନାଇଁ
କରିବିନି ଜମା ପର
କନିଆ ସାଜିକି ଶାଶୂଘର ଗଲେ
ଯିବି ମୁଁ ସାଥିରେ ତୋର ।


+କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦


## ଗହ୍ମା ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ

### ପୁଷ୍ପମିତ୍ର ମହାପାତ୍ର

ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ସାରା ଦେଶରେ ଏହି ଦିନ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥାଏ। ରାକ୍ଷୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କରେ ସାକ୍ଷୀ। ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷା ବନ୍ଧନ ଉତ୍ସବ। ସାରା ଦେଶରେ ଏହି ଉତ୍ସବକୁ ଅତି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଭାବେ ପାଳନ କରାଯାଇଥାଏ। ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ଦିନରେ ନାରିକେଳ ପୂର୍ଣ୍ଣିମା ପାଳନ କରାଯାଉଥିବାର ନଜିର ରହିଛି। କେତେକ ରାଜ୍ୟରେ ଏହା କାକରି ପୂର୍ଣ୍ଣିମା ନାମରେ ମଧ୍ୟ ପାଳିତ ହୋଇଥାଏ। ଓଡ଼ିଶାର ବ୍ରାହ୍ମଣୀ ଶାସନରେ ଏହି ଦିନରେ ଶ୍ରାବଣୀ ବେଦଉପାକର୍ମ ଦିବସ ଭାବେ ପାଳନ କରାଯାଇଥାଏ। ବ୍ରାହ୍ମଣମାନେ ଏହି ଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ କରିବା ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି। ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ। ଗହ୍ମା ପୂର୍ଣ୍ଣିମାରେ ଗାଈ, ଗୋରୁ ଏବଂ ଗୃହପାଳିତ ପଶୁଙ୍କୁ ପୂଜା କରାଯିବାର ପରମ୍ପରା ଆମ ରାଜ୍ୟରେ ରହିଛି। ଏହି ଦିନ ବିଭିନ୍ନ ପ୍ରକାରର ପିଠା, ପଣା ପ୍ରସ୍ତୁତ କରାଯାଇ ସାହି ପଡ଼ିଶାରେ ବଣ୍ଟା ଯାଇଥାଏ। ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଝୁଲଣ ଯାତ୍ରା ସମୟରେ ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ଦୋଳି ଖେଳା ଯାଇଥାଏ। ରାକ୍ଷୀ ପୂର୍ଣ୍ଣିମା ଆମ ଦେଶର ପ୍ରାଚୀନ ପରମ୍ପରା ଏବଂ ସଂସ୍କୃତିର ଏକ ମହାନ ପର୍ବ, ଯାହା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ଗାଥା ବହନ କରିଥାଏ।



ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଭଗବାନ ବଳରାମଙ୍କ ଜନ୍ମ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ସେ ଭଗବାନ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ଜଗନ୍ନାଥ ସଂସ୍କୃତିରେ ବଳରାମଙ୍କୁ ବଳଭଦ୍ର ନାମରେ ପୂଜା କରାଯାଇଥାଏ। ବାସୁଦେବଙ୍କ ଔରସରୁ ରୋହିଣୀଙ୍କ ଗର୍ଭରୁ ବଳରାମ ଜାତ ହୋଇଥିବାରୁ ପୁରାଣରୁ ଜଣାଯାଏ। ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ଦିନ ବଳରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥାଏ। ବଳରାମଙ୍କ ବିବାହ ରେବତ ରାଜାଙ୍କ କନ୍ୟା ରେବତୀଙ୍କ ସହ ହୋଇଥିଲା। ତାଙ୍କର ଦୁଇ ପୁତ୍ର ଥିଲେ ନିଶଠ ଏବଂ ଉଲ୍ମୁକ। ବଳରାମ ଥିଲେ ଭଗବାନ ବିଷ୍ଣୁଙ୍କ ସେବକ ଶେଷନାଗଙ୍କ ଅବତାର। ସେ ହଳଧର, ହଳାୟୁଦ୍ଧ, ସଂକର୍ଷଣ ଆଦି ନାମରେ ମଧ୍ୟ ପ୍ରସିଦ୍ଧ। ବଳରାମଙ୍କ ପରାକ୍ରମ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା ରହିଛି। ଗଦା ଯୁଦ୍ଧରେ ସେ ପ୍ରବୀଣ ଥିଲେ। ଦୁର୍ଯ୍ୟୋଧନ ତାଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଲାଭ କରିଥିଲେ। ବଳରାମ ଅନେକ ଥର ଜରାସନ୍ଧକୁ ଯୁଦ୍ଧରେ ହରାଇ ଦେଇଥିଲେ।

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବକୀ ଏବଂ ବସୁଦେବଙ୍କ ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ହାତରେ ମଥୁରା ରାଜା କଂସ ମୃତ୍ୟୁବରଣ କରିବ ବୋଲି ଆକାଶବାଣୀ ହେଲା। ଏହି ଆକାଶବାଣୀ ଶୁଣିବା ପରେ କଂସ ନିଜ ଭଉଣୀ ଦେବକୀ ଏବଂ ଭିଣୋଇ ବସୁଦେବଙ୍କୁ ନେଇ କାରାଗୃହରେ ବନ୍ଦୀ କଲା। ସମୟରେ କ୍ରମେ ଦେବକୀଙ୍କର ଛଅଜଣ ସନ୍ତାନଙ୍କୁ କଂସ ତଳେ କଚାଡ଼ି ମାରିଦେଲା। ଷଷ୍ଠ ଗର୍ଭରେ ବଳରାମ ଜନ୍ମ ହେବାର ଥିଲା। ତେବେ ସେ ଜନ୍ମ ନେବା ପୂର୍ବରୁ ଶ୍ରୀହରି ବିଷ୍ଣୁ ଯୋଗମାୟାଙ୍କ ସହାୟତାରେ ଦେବକୀଙ୍କ ଗର୍ଭରୁ ବଳରାମଙ୍କୁ ନେଇ ରୋହିଣୀଙ୍କ ଗର୍ଭରେ ସ୍ଥାପନ କଲେ। ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରାଯାଇଥିବାରୁ ବଳରାମଙ୍କ ନାମ ଶଙ୍କର୍ଷଣ ହେଲା। ବଳରାମଙ୍କ ବିବାହ ରେବତୀଙ୍କ ସହିତ ହୋଇଥିଲା। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ରେବତୀଙ୍କ ଉଚ୍ଚତା ୨୧ ହାତ ଥିଲା। ବଳରାମ ନିଜ ହଳ ସାହାଯ୍ୟରେ ରେବତୀଙ୍କୁ ଟାଣି ଛୋଟ କରିଦେଇଥିଲେ। ଏହାପରେ ଦୁହିଁଙ୍କ ବିବାହ ହୋଇଥିଲା। ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ମଠ ମନ୍ଦିରରେ ବିଶେଷକରି କୃଷ୍ଣ-ବଳରାମ ମନ୍ଦିରରେ ଓ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାନୀତି ହୋଇଥାଏ। ଏହି ଦିନ ଅଗଣିତ ଆଶ୍ରିତମାନେ ସଂଧ୍ୟା ସମୟରେ ବଳଭଦ୍ରଙ୍କ ପବିତ୍ର ଦର୍ଶନ ପୂର୍ବକ ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି।


+ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯


## ରାକ୍ଷୀକୁ ନେଇ ପୌରାଣିକ ତଥା ଐତିହାସିକ ମାନ୍ୟତା

### ଅଲେଖ ଚନ୍ଦ୍ର ସାମଲ



ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ମୁକସାକ୍ଷୀ ରାକ୍ଷା ବନ୍ଧନ ଉତ୍ସବ ବିଷୟରେ ହିନ୍ଦୁ ପୁରାଣରେ ଅନେକ ଗୁଡ଼ିଏ କାହାଣୀ ରହିଛି। ଏହି ଉତ୍ସବକୁ ହିନ୍ଦୁ ଧର୍ମରେ ଅତ୍ୟନ୍ତ ପବିତ୍ର ଉତ୍ସବ ଭାବେ ପାଳନ କରାଯାଇଥାଏ।

* ଗଣେଶଙ୍କ ଦୁଇ ପୁତ୍ର ଥିଲେ ଶୁଭ ଓ ଲାଭ। ଥରେ ଗଣେଶଙ୍କ ଭଉଣୀ ତାଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେ ରାଖୀ ପୂର୍ଣ୍ଣିମା ଦିନ ହିଁ ଗଣେଶଙ୍କ ହତାରେ ରାକ୍ଷୀ ବାନ୍ଧିଥିଲେ। ଏହି ଦିନ ହିଁ ଗଣେଶଙ୍କ ଦୁଇ ପତ୍ନୀ ରିଦ୍ଧି ଏବଂ ଶିଦ୍ଧିଙ୍କ ଠାରୁ ସୃଷ୍ଟ ଦୈବିକ ଜ୍ୟୋତିରୁ ସନ୍ତୋଷୀ ମା'ଙ୍କର ଉତ୍ପତ୍ତି ହୋଇଥିଲା।
* ଯମରାଜଙ୍କ ଭଉଣୀ ଯମୁନା ଥରେ ତାଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ। ସେହିଦିନ ଠାରୁ ଯମରାଜା ବରଦାନ ଦେଇଥିଲେ, ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିଲେ ଭାଇ ସବୁଦିନ ପାଇଁ ଅମର ହୋଇଯିବ। ଏଥି ସହିତ ଭାଇ ସର୍ବଦା ଭଉଣୀକୁ ସୁରକ୍ଷିତ ରଖିବାକୁ ଉତ୍ତରଦାୟୀ ରହିବ।
* ଭଗବାନ ବିଷ୍ଣୁଙ୍କର ଜଣେ ବଡ଼ ଭକ୍ତ ଥିଲେ ଅସୁର ସମ୍ରାଟ ବଳି, ତାଙ୍କ ଉପରେ କୌଣସି ବିପଦ ନ ଆସୁ ବିଷ୍ଣୁ ସର୍ବଦା ଚାହୁଁଥିଲେ। ଦିନେ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗ କରି ବଳିର ରାଜପ୍ରସାଦରେ ଅବସ୍ଥାନ କଲେ। ତେବେ ମହାଲକ୍ଷ୍ମୀ ବିଷ୍ଣୁଙ୍କୁ ବୈକୁଣ୍ଠ ଫେରାଇ ଆଣିବା ଲାଗି ଏକ ବ୍ରାହ୍ମଣୀ ବେଶରେ ବଳିର ରାଜପ୍ରସାଦକୁ ଗଲେ। ସେଠାରେ କିଛି ଦିନ ଅବସ୍ଥାନ କରିବା ପରେ ଶ୍ରାବଣ ପୂର୍ଣ୍ଣିମା ଦିନ ବଳି ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ। ଏହା ପରେ ଜଣେ ଭାଇ ହିସାବରେ ଲକ୍ଷ୍ମୀଙ୍କ ଅଳି ପୂରଣ କରିବା ବଳିଙ୍କ କର୍ତ୍ତବ୍ୟ ଥିଲା। ବିଷ୍ଣୁଙ୍କୁ ବୈକୁଣ୍ଠ ଫେରିଯିବା ଲାଗି ଲକ୍ଷ୍ମୀଙ୍କ ଅନୁରୋଧକୁ ରକ୍ଷା କରିଥିଲେ ବଳି।
* ଅତ୍ୟାଚାରୀ ଶିଶୁପାଳ ସହ ଯୁଦ୍ଧ କରିବା ବେଳେ ଭଗବାନ ଶ୍ରୀକୃଷ୍ଣଙ୍କର ଗୋଟିଏ ଆଙ୍ଗୁଠି କଟି ଯାଇଥିଲା। ସେଥିରୁ ରକ୍ତ ଝରିବାରୁ ଦ୍ରୌପଦୀ ନିଜ ପିନ୍ଧା ଲୁଗା ଚିରି ଶ୍ରୀକୃଷ୍ଣଙ୍କ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ। ଦ୍ରୌପଦୀଙ୍କୁ ସ୍ନେହରେ ଭଉଣୀ ଭାବେ ଆପଣେଇ ନେଇଥିଲେ କୃଷ୍ଣ। କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ର ହରଣ ବେଳେ କୋଟି ବସ୍ତ୍ର ଦେଇ ଭଗବାନ ଶ୍ରୀକୃଷ୍ଣ ତାଙ୍କ ସମ୍ମାନ ରକ୍ଷା କରିଥିଲେ।
* ଭାରତ ଅଭିଯାନରେ ଆସିଥିବା ମାସିଡୋନିଆର ପରାକ୍ରମୀ ରାଜା ଆଲେକ୍‌ଜାଣ୍ଡର ପ୍ରଥମ ଥର ପାଇଁ ରାଜା ପୁରୁଙ୍କ ଠାରୁ ପରାସ୍ତ ହୋଇଥିଲେ। ଆଲେକ୍‌ଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିବାରୁ ପୁରୁ ତାଙ୍କୁ ନିଜ ଭଉଣୀ ଭାବେ ଗ୍ରହଣ କରିଥିଲେ।
* ମଧ୍ୟଯୁଗରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବା ପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂର ଶାହାଙ୍କୁ ପରାସ୍ତ କରାଯାଇପାରିବ ନାହିଁ, ସେତେବେଳେ ସେ ଉପାୟଟିଏ ଚିନ୍ତା କଲେ। ମୋଗଲ ସମ୍ରାଟ ହୁମାୟୁନ୍‌ଙ୍କ ନିକଟକୁ ଏକ ରାକ୍ଷୀ ପଠାଇଲେ। ହୁମାୟୁନ୍ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କ ସୈନ୍ୟବାହିନୀ ପଠାଇଲେ।


+ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୬୧୨୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତୀୟ ହକି: ସଫଳତାର ନେପଥ୍ୟ ନାୟକ

ପ୍ୟାରିସରେ ଆୟୋଜିତ ଅଲିମ୍ପିକ୍‌ରେ ଗତ ଗୁରୁବାର ସନ୍ଧ୍ୟାରେ ଭାରତୀୟ ପୁରୁଷ ହକି ଦଳ ସ୍ପେନକୁ ୨-୧ ଗୋଲରେ ପରାସ୍ତ କରି କାଂସ୍ୟ ପଦକ ଜିତି ଏକ ନୂଆ ଇତିହାସ ରଚିଥିଲା। ଉଲ୍ଲେଖଯୋଗ୍ୟ, ଭାରତର ପୁରୁଷ ହକି ଦଳ ପ୍ରାୟ ୪୧ ବର୍ଷର ପଦକ ମରୁଡ଼ି ପରେ ୨୦୨୦ ମସିହାରେ ଟୋକିଓ ଅଲିମ୍ପିକ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ସଫଳତାକୁ ଦୋହରାଇବା ସହିତ କ୍ରମାଗତ ଦୁଇଥର କାଂସ୍ୟ ପଦକ ଜିତିବାର ଗୌରବ ଅର୍ଜନ କରିଛି ଭାରତୀୟ ହକି ଦଳ। କିନ୍ତୁ ଏହି ବିରଳ ସଫଳତା ପଛରେ ଯେଉଁ ବ୍ୟକ୍ତିଙ୍କ ପ୍ରୋତ୍ସାହନ ଓ ଆନ୍ତରିକ ଉଦ୍ୟମ ରହିଛି ତାହାକୁ ମଧ୍ୟ କ୍ରୀଡ଼ାପ୍ରେମୀମାନେ ଭୁଲି ଯାଇନାହାନ୍ତି। ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇବା ବେଳେ ଏହି ସଫଳତାର ନେପଥ୍ୟ ନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜାତୀୟ ଗଣମାଧ୍ୟମରେ ଶ୍ରେୟ ଦିଆଯାଇଛି। ଏହି ସଫଳତା ପଛର କାହାଣୀ ଓ ଭାରତୀୟ ହକିକୁ ଓଡ଼ିଶାର, ବିଶେଷକରି ନବୀନ ବାବୁଙ୍କ ଅବଦାନ ବିଷୟରେ ଜାଣିବାକୁ ହେଲେ ଭାରତର ଗୌରବମୟ ହକି ଇତିହାସର କିଞ୍ଚିତ ପଶ୍ଚାତବଲୋକନ କରିବାକୁ ପଡ଼ିବ। ଅଲିମ୍ପିକ୍‌ରେ ଭରିତୀୟ ହକି ଦଳର ଏକ ଗୌରବମୟ ଇତିହାସ ରହିଛି। ୧୯୨୮ ମସିହାରେ ପ୍ରଥମ ଅଲିମ୍ପିକ ପଦାର୍ପଣରେ ହିଁ ଭାରତ ସ୍ୱର୍ଣ ପଦକ ବିଜୟୀ ହେବାର ଗୌରବ ଅର୍ଜନ କରିବା ସହିତ ପରବର୍ତ୍ତୀ ୧୯୩୨, ୧୯୩୬ ଅଲିମ୍ପିକ୍‌ରେ ଲଗାତାର ତିନିଥର ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନର କରିବାର ବିରଳ ରେକର୍ଡ ସ୍ଥାପନ କରିଥିଲା। ପରବର୍ତ୍ତୀ ସମୟରେ ୧୯୪୮, ପୁଣି ଥରେ କ୍ରମାଗତ ୧୯୫୬, ୧୯୬୦ ଓ ୧୯୬୪ରେ ଏବଂ ୧୯୮୦ରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ବିଶ୍ୱ ହକି କ୍ରୀଡ଼ାରେ ଆଧିପତ୍ୟ ଜାହିର କରିଥିଲା। ୧୯୩୨ରୁ ୧୯୮୦ ପର୍ଯ୍ୟନ୍ତ ସମୟକୁ ଭାରତୀୟ ହକିର ସ୍ୱର୍ଣ୍ଣିମ ଯୁଗ ବୋଲି କୁହାଯାଏ। ୧୯୫୨ ଅଲିମ୍ପିକ୍‌ରେ ଭାରତକୁ ରୋପ୍ୟ ପଦକରେ ଏବଂ ୧୯୬୮ ଓ ୧୯୭୨ ଅଲିମ୍ପିକ୍‌ରେ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୧୯୭୬ ଅଲିମ୍ପିକ୍‌ରେ ପ୍ରଥମ ଥର ପାଇଁ ଆଷ୍ଟ୍ରୋଟ୍ରଫ (କୃତ୍ରିମ ଘାସ) ପଡ଼ିଆରେ ଏହି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା ଏବଂ ଭାରତ କୌଣସି ପଦକ ହାସଲ କରିବାରେ ସକ୍ଷମ ହୋଇ ନଥିଲା। ୧୯୮୦ ମସ୍କୋ ଅଲିମ୍ପିକ୍ ପରେ ଭାରତୀୟ ହକି ଦଳ ଦୀର୍ଘ ଚାଳିଶ ବର୍ଷ ପର୍ଯ୍ୟନ୍ତ କୌଣସି ପଦକ ହାସଲ କରି ପାରିନଥିଲା। ଭାରତୀୟ ହକି ଦଳର ପ୍ରଦର୍ଶନରେ ଅଚାନକ ପତନର ଏକ ପ୍ରମୁଖ କାରଣ ଭାବେ ଆଷ୍ଟ୍ରୋଟ୍ରଫ୍‌ର ପ୍ରୟୋଗକୁ ବିବେଚନା କରାଯାଏ। ହକି ବିଶେଷଜ୍ଞଙ୍କ ମତରେ ଘାସ ପଡ଼ିଆ ତୁଳନାରେ ଆଷ୍ଟ୍ରୋଟ୍ରଫରେ ବଲ ଅଧିକ ଗତିରେ ଆସୁଥିବାରୁ ଏହା ସହିତ ନିଜକୁ ଖାପ ଖୁଆଇବା ପାଇଁ ଆଷ୍ଟ୍ରୋଟ୍ରଫ ପଡ଼ିଆରେ ନିୟମିତ ଅଭ୍ୟାସ ଜରୁରୀ। ଆଷ୍ଟ୍ରୋଟ୍ରଫ ବ୍ୟୟସାପେକ୍ଷ ହୋଇଥିବାରୁ ଭାରତରେ ହାତଗଣତି ଏଭଳି ପଡ଼ିଆ ଉପଲବ୍ଧ ଥିଲା। ଏଣୁ ୨୦୦୮ ଅଲିମ୍ପିକ୍‌ରେ ଖେଳିବା ପାଇଁ ଭାରତୀୟ ହକି ଦଳ ଯୋଗ୍ୟତା ମଧ୍ୟ ହାସଲ କରିପାରି ନଥିଲା। ପରବର୍ତ୍ତୀ ୨୦୧୨ ଅଲିମ୍ପିକ୍‌ରେ ଯଦିଓ ଭାରତୀୟ ହକି ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଥିଲା, ବାରଟି ଦଳ ମଧ୍ୟରେ ଶେଷ ସ୍ଥାନରେ ରହିଥିଲା। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ୨୦୧୮ ମସିହାରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗର ହାତ ବଢ଼ାଇଥିଲେ। ଓଡ଼ିଶା ସରକାର ଭାରତୀୟ ହକି ଦଳର ସମସ୍ତ ବର୍ଗ ଯଥା ଉଭୟ ମହିଳା ଓ ପୁରୁଷ ଏବଂ ବରିଷ୍ଠ ଓ କନିଷ୍ଠ ଦଳର ପ୍ରମୁଖ ପ୍ରୋତ୍ସାହକ ଭାବେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରହିବେ ବୋଲି ନବୀନ ବାବୁ ସ୍ୱୀକୃତି ଦେଇଥିଲେ। ଏଥିପାଇଁ ଓଡ଼ିଶା ସରକାରଙ୍କୁ ପାଞ୍ଚ ବର୍ଷରେ ପ୍ରାୟ ୧୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ଉଲ୍ଲେଖଯୋଗ୍ୟ, କୌଣସି ଏକ ରାଜ୍ୟ ସରକାର ଜାତୀୟ ଦଳକୁ ଏଭଳି ପ୍ରୋତ୍ସାହନ ପ୍ରଦାନ କରିବା ଭାରତର କ୍ରୀଡ଼ା ଇତିହାସରେ ପ୍ରଥମ ଘଟଣା ଥିଲା। ସାଧାରଣତଃ ଜାତୀୟ କ୍ରୀଡ଼ା ଦଳଗୁଡ଼ିକର ପ୍ରୋତ୍ସାହନ ପାଇଁ ଦେଶର ଆଗଧାଡ଼ିର କମ୍ପାନୀମାନେ ହିଁ ଆଗେଇ ଆସିଥା'ନ୍ତି। ଯଦିଓ ନବୀନ ବାବୁଙ୍କ ନିଷ୍ପତ୍ତି ଦେଶର ଗୌରବକୁ ପୁନଃପ୍ରତିଷ୍ଠା କରିବା ପରି ଏକ ମହତ ଉଦ୍ଦେଶ୍ୟରେ ନିଆ ଯାଇଥିଲା, ତଥାପି ବିଭିନ୍ନ ସ୍ତରରେ ଏହି ନିଷ୍ପତ୍ତି ଉପରେ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଓଡ଼ିଶା ପରି ଏକ ଗରିବ ରାଜ୍ୟ ଏକ ନିମ୍ନପ୍ରଦର୍ଶନଗାମୀ ଜାତୀୟ କ୍ରୀଡ଼ା ଦଳକୁ ପ୍ରୋତ୍ସାହନ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଥିଲା। ନବୀନ ବାବୁ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ଥିଲେ। ଭାରତୀୟ ହକିର ବିକାଶ ପାଇଁ ତାଙ୍କର ଉଦ୍ୟମ କେବଳ ଜାତୀୟ ଦଳକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ସୀମିତ ନଥିଲା। ତାଙ୍କର ସହଯୋଗ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ୨୦୧୮ ଓ ୨୦୨୩ରେ ଦୁଇ ଦୁଇ ଥର ହକି ବିଶ୍ୱ କପ୍ ଓଡ଼ିଶାରେ ଆୟୋଜନ ହୋଇଥିଲା। ଓଡ଼ିଶାରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପରିସରରେ ନିର୍ମିତ ହୋଇଥିଲା। ପରବର୍ତ୍ତି ସମୟରେ ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ହେଲା। ହକିର ନର୍ସରୀ ଭାବେ ପରିଚିତ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ସତର ବ୍ଲକରେ ସତରଟି ଆଷ୍ଟ୍ରୋଟ୍ରଫ ପଡ଼ିଆର ମଧ୍ୟ ବିକାଶ କରାଗଲା।

## ମୋ' ପିଲାଦିନ ଆଉ କଟକର ଝୁଲଣ ପୂର୍ଣ୍ଣମା



### ସୁଷମା ପରିଜା

ଅପୂର୍ବ ଆମ ଓଡ଼ିଶା, ବୈଦିକ ଯୁଗର ସନାତନ ଧର୍ମ ଭଳି ଶୈବ,ଶାକ୍ତ, ଗାଣପତ୍ୟ, ବୌଦ୍ଧ ଧର୍ମ ଜୈନ ଧର୍ମ ର ଅପୂର୍ବ ସମାହାର ଦେଖିବାକୁ ମିଳେ ଏଠାରେ । ଆଉ ପରବର୍ତ୍ତୀ ସମୟରେ ଓଡ଼ିଶା ମରହଟ୍ଟା ,ପର୍ତ୍ତୁଗୀଜ୍, ମୋଗଲ, ଇଂରେଜ ମାନଙ୍କ ଅଧୀନରେ ଥିବା ବେଳେ ସେମାନଙ୍କ ଧର୍ମ ମଧ୍ୟ ସାମିଲ ହୋଇଯାଇଛି ଓଡ଼ିଶାର ଧର୍ମ ଧାରଣା ମଧ୍ୟରେ । ସବୁ ଧର୍ମର ନିଜ ନିଜର ସ୍ୱାତନ୍ତ୍ର୍ୟ ଭିତରେ ସମନ୍ୱୟ ମଧ୍ୟ ଦେଖିବାକୁ ମିଳିଥାଏ ଓଡ଼ିଶାରେ। ଆଉ ତତ୍ କାଳୀନ ଓଡ଼ିଶାର ରାଜଧାନୀ କଟକ ହେଉଛି ଏହାର ବଳିଷ୍ଠ ଉଦାହରଣ।

କଟକରେ ବାର ମାସରେ ତେର ଯାତ୍ରା , ସବୁ ଯାତ୍ରା ର ମହକ ଭିନ୍ନ ଭିନ୍ନ। ସେ ବୈଶାଖ ମାସ ର ଚନ୍ଦନଯାତ୍ରା ହେଉ ବା ଜ୍ୟେଷ୍ଠ ର ରଜ ପର୍ବ କି ଆଷାଢ଼ ର ରଥଯାତ୍ରା ,ଶ୍ରାବଣର ଝୁଲଣ ଯାତ୍ରା, ଭାଦ୍ରବ ର ଖୁଦୁରୁକୁଣୀ ମେଳନ ଆଶ୍ୱିନ ର ଦଶହରା କାର୍ତ୍ତିକ ର ପଞ୍ଚୁକ ବାଲିଯାତ୍ରା ମାର୍ଗଶିର ର ମାଣବସା ,ପୌଷ ର ରବିବାର ଓଷା, ମାଘ ର ମାଘମେଳା, ଫଗୁଣ ର ଦୋଳ ଆଉ ଚୈତ୍ର ମାସର ରାମନବମୀ,କଟକିଆ ସବୁ ପର୍ବପର୍ବାଣିକୁ ସମାନ ଭାବରେ ପାଳନ ଏବଂ ଉପଭୋଗ କରିଥାନ୍ତି । ଓଡ଼ିଶା ରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ପରେ ସବୁ ଜିଲ୍ଲା ଗୁଡିକରେ ଭାଗବତ ଟୁଙ୍ଗି ଏବଂ ମଠ୍ବାଡ଼ି ର ସ୍ଥାପନ କରାଯାଇଥିଲା। କଟକ ସହରରେ ମଧ ଅନୁରୂପ ବାସ୍ତରିଟି ମଠ ଆଉ ଅନେକ ଛୋଟ୍ବଡ ଟୁଙ୍ଗି ଗଢି ଉଠିଥିଲା। ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ସମ୍ପନ୍ନ ପରିବାର ଅଥବା ସାହି ମୁରବୀ ମାନଙ୍କ ଉପରେ ନ୍ୟସ୍ତ ହୋଇଥିଲା। ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ କଟକର ବକ୍ସିବଜାର ଅନ୍ତର୍ଗତ ବଡେଇ ସାହି ଠାରେ ଥିବା ମଠକୁ ବାସ୍ତରିମଠ ନାମରେ ନାମିତ କରି ସେଠାରେ ମଣ୍ଡଳ ମହାସଭା ଟିଏ ଗଠନ କରାଗଲା।। କଟକ ସହରର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଚାରି ଦିଗରେ ଥିବା ସମସ୍ତ ମଠ ଗୁଡ଼ିକୁ ଦିଗଭାଗ ମଣ୍ଡଳ ଅନ୍ତର୍ଭୁକ୍ତ କରାଗଲା, ଯଥା ୧୬ ଦିଗଭାଗ ମଣ୍ଡଳ,୨୨ଦିଗଭାଗ ମଣ୍ଡଳ, ୨୫ ଦିଗଭାଗ ମଣ୍ଡଳ ଏବଂ ୧୯ ଦିଗଭାଗ ମଣ୍ଡଳ । ପ୍ରତ୍ୟେକ ମଠର ସୁପରିଚାଳନା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଜଣେ ଅଧିକାରୀ, ଜଣେ ମହନ୍ତ ଏବଂ ଜଣେ କଟୁଆଳ ଭାବରେ ନିଯୁକ୍ତି ଦିଆଗଲା । ମହାସଭା ନିମନ୍ତେ ଅଧିକାରୀ ମଠର ମୁଖ୍ୟ ଏବଂ ମହନ୍ତ ହିସବ ରକ୍ଷକ ଆଉ କଟୁଆଳ ସମ୍ବାଦବାହୀ ଯୋଗସୂତ୍ର ରକ୍ଷାକାରୀ ଭାବରେ କାର୍ଯ୍ୟ କଲେ।

କୃଷ୍ଣ ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଝୁଲଣ ପୂର୍ଣ୍ଣମା , ଶରତ ରାସ, ବସନ୍ତ ରାସ ଇତ୍ୟାଦି ଉତ୍ସବ ନିଜ ନିଜ ମଠରେ ସ୍ୱତନ୍ତ୍ର ଭାବରେ ପାଳନ କରାଯାଇଥାଏ ଏବଂ ଇଚ୍ଛାମତେ ଅନ୍ୟ ମଠ ଗୁଡ଼ିକୁ ନିମନ୍ତ୍ରଣ ଦିଆଯାଇଥାଏ କିନ୍ତୁ ଫଗୁଣ ମାସର ଶୁକ୍ଳପକ୍ଷ ଆରମ୍ଭ ହେଲା ଦିନରୁ ପ୍ରତ୍ୟେକ ଦିଗଭାଗ ମଣ୍ଡଳ ର ସମୂହ ମେଳନ ଆରମ୍ଭ ହୋଇଥାଏ। ଏହା ଲାଗି ରହିଥାଏ ଚୈତ୍ର ମାସ ର କୃଷ୍ଣ ପକ୍ଷର ଦଶମୀ ଯାଏଁ। ମଣ୍ଡଳ ମହାସଭାର ମେଳନ ବା'ସ୍ତରି ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥାଏ । ମୋ' ମାଉସୀ ଘରର ମଠ ଟି ଷୋହଳ ଦିଗଭାଗ ମଣ୍ଡଳ ଅନ୍ତର୍ଭୁକ୍ତ। ତା'ର ଅଧିକାରୀ ପଦରେ ପୁରୁଷାନୁକ୍ରମେ ମୋ' ମାଉସୀ ର ଶ୍ୱଶୁର ଶ୍ରୀ ଲୋକନାଥ ମହାପାତ୍ର, ତାଙ୍କ ଅନ୍ତେ ମୋ' ମଉସା ଶ୍ରୀ ଯୋଗେନ୍ଦ୍ର ନାଥ ମହାପାତ୍ର ଏବଂ ବର୍ତ୍ତମାନ ତାଙ୍କର ପୁତ୍ର ଶ୍ରୀ ସଦାଶିବ ମହାପାତ୍ର ରହିଛନ୍ତି ।

କଟକର ମଙ୍ଗଳାବାଗ ରେ ଆମ ମାଉସୀ ଘରେ ହିଁ ଆମେ ରହୁଥିଲୁ ।ମୋ'ର ବାଲ୍ୟ, କୈଶୋର ଏବଂ ତାରୁଣ୍ୟ ସବୁ ସମୟ କଟିଛି ସେଠାରେ । ସେଦିନ ମାନଙ୍କରେ କଟକ ଆଜିର କଟକ ଭଳି ନଥିଲା ଠିକ୍ କୌଣସି ଉନ୍ନତ ଗାଆଁ ଭଳି ଥିଲା। ଗାଆଁ ଗଣ୍ଡା ଭଳି ଏଠାର ବାଉନ ବଜାର ତେପନ ଗଳି । ହେଲେ ମଙ୍ଗଳାବାଗ ଟି ସେ ସମୟରେ ମୁଖ୍ୟ ବଜାର ସ୍ଥାନ ଟିଏ ଥିଲା କାରଣ ବଡ଼ ମେଡ଼ିକାଲ ଟି ପାଖରେ ଥିଲା । ମହାନଦୀ କୂଳ ପାଖରେ ସବୁ ଠାରୁ ବଡ କାଠଗୋଲା ଏବଂ ସହରର ଏକମାତ୍ର କରତକଳ ଟି ମଧ ସେଠାରେ ଥିଲା। ମୋ' ମାଉସୀ ଘର ପୁରୁଣା କାଳିଆ ଜମିଦାର ଘର ।ତାଙ୍କର ଯୌଥ ପରିବାର, ଖଞ୍ଜା ଘର, ପୂର୍ବ ପୁରୁଷଙ୍କର ମଠ୍ବାଡ଼ି। ଏସବୁ ସହ ମୁଖ୍ୟ ସଡକକୁ ଲାଗି ତାଙ୍କର ଅନେକ ଗୁଡ଼ିଏ ଦୋକାନ ଘର। ଭିତର ପଟକୁ ଲାଗି ସେମାନଙ୍କର କାରଖାନା ଯେଉଁଠି ସାରା ପରିବାର ର ପୁରୁଷମାନେ ଠାକୁରଙ୍କ ସ୍ୱୋ ବାଦ୍ ସମୟ ତକ କାଠ ଆଉ ଶିଙ୍ଗ କାମରେ ଲାଗିଥାନ୍ତି। କାରଖାନା ରୁ କିଛି ଦୂରରେ ମଠ। ମଠ ବୋଇଲେ ବଡ଼ କଡି ବରଗା ର ଛାତ ଘରଟିଏ, ଘରର ପକ୍କା ଦଲାଣ କୁ ଲାଗି ଛୋଟ ଯେଉଁଠି ପଛକାକୁ କୁ ଲାଗି ଗୋଟିଏ ମଣ୍ଡପ ରହିଛି, ତହିଁରେ ଆସ୍ଥାନ ଉପରେ ବିଜେ ହୋଇଛନ୍ତି ତାଙ୍କ ବଂଶର ଆରାଧ ଦେବତା ଶ୍ରୀ ଶ୍ରୀ ରାଧାମାଧବ ଜୀଉ । ମାଧବ ହେଉଛନ୍ତି ପ୍ରାୟ ଦେଢ଼ ଫୁଟ ଲମ୍ୱର କଳା ମୁଗୁନି ପଥରରେ ତିଆରି ତ୍ରିଭଙ୍ଗୀ ଠାଣିରେ ପଦ୍ମଫୁଲ ଉପରେ ଦଣ୍ଡାୟମାନ ବଂଶୀଧାରୀ କୃଷ୍ଣ ମୂର୍ତ୍ତି , ଶ୍ରୀରାଧା ହେଉଛନ୍ତି ଏକ ଫୁଟ୍ ଉଚ୍ଚତାର ପିତ୍ତଳ ପ୍ରତିମା । ଉଭୟେ ସୁନ୍ଦର ବସ୍ତ୍ର ଆଭୂଷଣ, ମୟୂର ପୁଚ୍ଛ ପୁଷ୍ପ ମାଲ୍ୟରେ ସୁସଜ୍ଜିତ। ସେମାନଙ୍କ ସହିତ ରହିଛନ୍ତି ଉଭୟଙ୍କର ଚଳନ୍ତି ପ୍ରତିମା, କୃଷ୍ଣ ବର୍ଣ୍ଣର ଜୀବନ୍ତ ଶାଳଗ୍ରାମ । ଘର ଭିତରେ ରହିଛି ଶାଗୁଆନ କାଠର ସୁନ୍ଦର କାରୁକାର୍ଯ୍ୟଯୁକ୍ତ ସିନ୍ଧୁକ ଯେଉଁଥିରେ ଠାକୁର ଘରର ମୂଲ୍ୟବାନ ଆସବାବ ପତ୍ର ରଖାଯାଏ। ଘରର ଦ୍ୱାରବନ୍ଧଟି ନାଗବନ୍ଧ, ସେଥିରେ ଲାଗିଛି ସାରା ଶାଗୁଆନ କାଠର କୁନ୍ଦକାମ କରା ଯାଉଁଳି କବାଟ । ତା'କୁ ଲାଗି ପକ୍କା ଦଲାଣ ଟିଏ ଯେଉଁଠି ଚାରୋଟି ଖମ୍ବ ଉପରେ ପଡିଛି ଛାତ , ଯାହାର ଚାରିପଟ ଖୋଲା ଏବଂ ଚଟାଣ ଟି ଖୁବ୍ ମସୃଣ , ସେଇଠି ଠାକୁର ଙ୍କର ସବୁ ପର୍ବ ପର୍ବାଣୀ ପାଳିତ ହୁଏ । ଗୋଟିଏ କଡ଼କୁ ରହିଛି ଦୋଳ ବିମାନ, ଝୁଲଣ ଦୋଳି ମଝି ଖଣ୍ଡକ ଫାଙ୍କା ରଖି ଆରପଟକୁ ଦରି ଟିଏ ପଡ଼ିଥାଏ । ସେଇଠି ସଞ୍ଜ ବେଳେ ଭାଗବତ ଏବଂ ଅନ୍ୟାନ୍ୟ ପୁରାଣ ପଢାଯାଏ । ଦଲାଣ ଶେଷ ରେ ତୁଳସୀ ଚଉରା ଏବଂ କୂଅ । ଟିକିଏ ଦୂରରେ ଅଣଆଡିଆ ହୋଇ ବଡ଼ ଗୁହାଳ ଘର, ସେଥିରେ ଗାଈ ବାଛୁରୀ ପଲେ । ମୁଁ ହେତୁ ପାଇବା ଦିନରୁ ମାଉସୀ ଘରେ କେବେ ବି ଦଶ ବାରଟି ରୁ କମ୍ ଗାଈ ଦେଖିନାହିଁ। ଯୌଥ ପରିବାର ର ସମସ୍ତ ମହିଳାଙ୍କର ସେଇ ଗାଈଗୋରୁ ମାନଙ୍କ ସେବା କରିବାର ଦାୟିତ୍ୱ । ପୁରୁଷ ଲୋକମାନେ ନଡ଼ା କୁଟା ଘାସ କୋଳଥ ଚୁନିଚୋକଡ ଆଣି ଯୋଗାଇ ଦିଅନ୍ତି। ବାକି ଗାଈ ଙ୍କୁ ଦାନା ନଡ଼ା ଦେବା, ଗାଈ ଗୁହାଳ ସଫା କରିବା, ଗାଈ ଦୁହିଁ ଇତ୍ୟାଦି ମାଉସୀ ର ଶାଶୁ ଆଉ ଖୁଡିଶାଶୁ କରିଥାନ୍ତି । ମାଉସୀ କେବଳ ଘର ରୋଷେଇ ଆଉ ଗୋରୁ ମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରିଥାଏ। ଏଠାରେ ଗୁହାଳ ଆଉ ଗାଈ ଗୋରୁ ମାନଙ୍କ ପ୍ରସଙ୍ଗ ର ଅବତାରଣା ଏଇତି ପାଇଁ ଯେ ଶ୍ରାବଣ ମାସ ର ପୂର୍ଣ୍ଣିମା ଟି ମହାପ୍ରଭୁ ଶ୍ରୀ ବଳଭଦ୍ରଙ୍କ ଜନ୍ମଦିନ ତେଣୁ ଏହାକୁ ' ଗହ୍ମା ପୁନେଇଁ' ମଧ କୁହାଯାଏ। ଗୋରୁଗାଈ ମାନଙ୍କର ପୂଜା କରାଯାଇଥାଏ। ବୈଷ୍ଣବ ଧର୍ମାବଲମ୍ବୀ ମାନେ ଏହାକୁ ଖୁବ୍ ଶୁଦ୍ଧ ପୂତ ଭାବରେ ନିଷ୍ଠାର ସହ ପାଳନ କରନ୍ତି।

ମୋ' ମାଉସୀ ଘରେ ବଡ଼ି ସକାଳୁ କୁଅରୁ ପାଣି କଢ଼ା ହୋଇ ବଡ଼ ବଡ଼ ପିତଳ କୁଣ୍ଡ ରେ ଭର୍ତ୍ତି କରାଯାଏ। ଗାଈଗୋରୁ ମାନଙ୍କୁ ଗୁହାଳରୁ ବାହାରକୁ ଆଣି ଘାସ୍ଵିଡା ରେ ସେମାନଙ୍କ ଦେହମୁଣ୍ଡ ଘଷି ମାଜି ସଫା ସୁତର କରି ସେଇ ପିତଳ କୁଣ୍ଡର ପାଣି ଢ଼ାଳି ଧୋଇ ଦିଆଯାଏ। ତା' ପରେ ବଡ଼ ପିତଳ ତସଲାରେ ଗତ ରାତିରୁ ଶିଳରେ ବଟା ହୋଇ ରଖା ଯାଇଥିବା ହଳଦୀ ଏବଂ ଗୁଆ ଘିଅ ଲଗାଇ ଭଲ ଭାବରେ ଗାଧୋଇ ଦିଆଯାଏ। ନୂଆ ଗାମୁଛାରେ ପୋଛାପୋଛି କରି ସଫା ସୁତର ହୋଇଥିବା ଗୁହାଳରେ ଧାଡ଼ି କରି ଖୁଣ୍ଟ ମୂଳେ ବାନ୍ଧି ଦିଆଯାଏ । ଗାଈଗୋରୁ ଙ୍କ ମଥାରେ ଚନ୍ଦନ ସିନ୍ଦୂର ଅବିର ଲଗାଇ ବେକରେ ଫୁଲମାଳ ଏବଂ ଶିଙ୍ଗ ରେ ଛୋଟ ଛୋଟ ତୁଳାରାକ୍ଷୀ ବାନ୍ଧି ସଜେଇ ଦିଆଯାଏ । ତା'ପରେ ବନ୍ଦାଣ ଥାଳି ରେ ହଳଦୀ ଗୁଣ୍ଡ ଗୋଳା ଅରୁଆ ଚାଉଳ ଦୁବ ବରକୋଳି ପତ୍ର ଧୂପଦୀପ ଦେଇ ବନ୍ଦାପନା କରାଯାଏ। ଚକୁଳିପିଠା ଏବଂ ଖିରିସାପାଣି ଭୋଗ (ଅରୁଆ ଚାଉଳ, କ୍ଷୀର, ନଡିଆ, ତିନିରେ ତିଆରି ସୁସ୍ୱାଦୁ କ୍ଷୀରି) ଲାଗି ହୁଏ କଦଳୀ ପତ୍ରରେ । ସାରା ପରିବାର ଗଳ୍ବସ୍ତ୍ର ହୋଇ ପ୍ରଣାମ କରି ଗୋମାତା ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି।

ସେତେବେଳେ ଆଜିଭଳି ରଙ୍ଗ ବେରଙ୍ଗ ରାକ୍ଷୀ ର ଏତେ ଚଳଣି ନଥିଲା। ଗହ୍ମା ପୁନେଇଁ ଦିନ ମଠ ରେ ଠାକୁର ମାନଙ୍କୁ ଛୋଟ ଛୋଟ ତୁଳା ରାକ୍ଷୀ ଲାଗି କରାଯାଏ ଏବଂ ମୋଟା ସୂତାର ସାତପରସ୍ତ ଗୁଡା ହୋଇ ତିଆରି ହୋଇଥିବା ରକ୍ଷା ସୂତ୍ରକୁ ଠାକୁରଙ୍କ ପାଖରେ ପୂଜା କରି ନନା ଘରର ବୁଲି ଘରର ପୁରୁଷ ଲୋକ ମାନଙ୍କ ବ୍ବେକରେ ଗୋଲ ପଇତା ଭଳି କରି ରକ୍ଷା ମନ୍ତ୍ର ପଢି ଗଳାଇ ଦିଅନ୍ତି । ସମସ୍ତେ ତାଙ୍କର ପାଦ ତଳେ ନତମସ୍ତକ ହୋଇ ଯଥାଶକ୍ତି ଦକ୍ଷିଣା ପ୍ରଦାନ କରି ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି । ସେତେବେଳେ ସ୍ତ୍ରୀ ଲୋକ କି ଝିଅ ମାନେ ରାକ୍ଷୀ ବାନ୍ଧୁ ନଥିଲେ କିମ୍ବା ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧୁନଥିଲେ । ମୁଁ ଷଷ୍ଠ କି ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ରଙ୍ଗ ବେରଙ୍ଗର ରାକ୍ଷୀ ର ପ୍ରଚଳନ ହେଲା ଆଉ ଆମେ ଘରେ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧିଲୁ । ତା'ପରେ ଧୀରେ ଧୀରେ ବିଭିନ୍ନ ପ୍ରକାର ଫୁଲ ରାକ୍ଷୀ, ଜରି ,ମାଳି ଲଗା ରାକ୍ଷୀ ସବୁ ବଜାରକୁ ଆସିଲା । ରାକ୍ଷୀ ଆମ ଧର୍ମ ସଂସ୍କୃତି ସହିତ ଏମିତି ଯୋଡି ହୋଇଗଲା ଯେ ଲୋକମୁଖରେ 'ଶ୍ରାବଣ ପୂର୍ଣ୍ଣିମା' ଟି ଆଉ ଝୁଲଣ ପୂର୍ଣ୍ଣିମା କି ଗହ୍ମା ପୁନେଇଁ ନହୋଇ ରାକ୍ଷୀ ପୂର୍ଣ୍ଣିମା ବୋଲାଇଲା ।

କଟକରେ ଆମ ସାହି ପଛପଟେ ଥୋରିଆ ସାହି । ସେଇଠି ପାଖରେ ରହିଛି ଗହ୍ମାଡିଆଁ ପଡିଆ । ବଳଭଦ୍ର ଜନ୍ମ ଦିନ ସେଠାରେ ଗହ୍ମାଡିଆଁ ଉତ୍ସବ ପାଳନ କରାଯାଏ। ଲୋକମାନେ ନିଜ ନିଜର ବଳଦ ମାନଙ୍କୁ ସଜବାଜ କରି ସେଠାରେ ଦୌଡ଼ ପ୍ରତିଯୋଗିତାରେ ଭାଗ ନିଅନ୍ତି। ଯାହାର ବଳଦ ଦୌଡ଼ ପ୍ରତିଯୋଗିତାରେ ଜିତେ ସିଏ ପୁରସ୍କାର ପାଏ। ଆଖପାଖ ଅଞ୍ଚଳର ଲୋକମାନେ ସେଠାରେ ରୁଣ୍ଡ ହୁଅନ୍ତି ଗହ୍ମା ଡିଆଁ ଦେଖିବାକୁ।

ଆମ ମାଉସୀ ଘର ମଠରେ ଦି' ପହର ପୂର୍ବରୁ ଆରମ୍ଭ ହୋଇଯାଏ ଝୁଲଣ ସଜା । ଶାଗୁଆନ କାଠର ଦୁଇ ପଟେ ଛକି ପକା ଝୁଲଣ ଦୋଳି ମଝିରେ ପିତଳ ଜଞ୍ଜିର ଲଗା କାଠ ଦୋଳିପଟା ରେ ବିଜେ ହୁଅନ୍ତି ବସ୍ତ୍ର ଆଭୂଷଣ ରେ ସୁସଜ୍ଜିତ ରାଧାମାଧବ ଙ୍କର ଚଳନ୍ତି ଯୁଗଳ ପ୍ରତିମା। ଦୋଳି ପଟା ର ସାମ୍ନା ପଟରେ ଲାଗିଥାଏ ଲମ୍ବା ଦଉଡି ଟିଏ। ଦୋଳିର ସର୍ବାଙ୍ଗ କୁ ଫୁଲରେ ସଜେଇ ଦିଆଯାଏ। ସମସ୍ତେ ମୁଣ୍ଡିଆ ମାରି ଟିକିଏ ଟିକିଏ ସେଇ ଲମ୍ବା ଫୁଲ ର ଡୋରି କୁ ଟାଣି ଜୁଲାଇ ଦିଅନ୍ତି ଠାକୁର ଙ୍କୁ। ଦିନ ସାରା ଖୋଳ, କରତାଳ ଝାଞ୍ଜ ମୃଦଙ୍ଗ ସହ ଭଜନ କୀର୍ତ୍ତନ ଚାଲେ।

ସଞ୍ଜ ବେଳକୁ ଆରମ୍ଭ ହୁଏ ଗୋଟିପୁଅ ନାଚ । ଏଥିପାଇଁ ସ୍ୱତନ୍ତ୍ର ଦଳ ସବୁ ନିମନ୍ତ୍ରିତ ହୋଇ ଆସନ୍ତି। ଦଳରେ ଜଣେ ଗୁରୁଙ୍କ ସହିତ ଗାୟକ ବାଦକ ଏବଂ ଆଠରୁ ବାର ତେର ବୟସର ନର୍ତ୍ତକ ଥାଆନ୍ତି। ତନ୍ମଧ୍ୟରୁ ଆଠ ନଅ ବର୍ଷର ବାଳକ ଟିକୁ ରାଧାବେଶ କରି ବାର ତେର ବର୍ଷର କିଶୋରଟିଏ କୃଷ୍ଣ ବେଶରେ ଓଡିଶୀ ସଙ୍ଗୀତର ତାଳେ ତାଳେ ଓଡ଼ିଶୀ ଅଙ୍ଗଭଙ୍ଗୀରେ ନାଚ କରନ୍ତି। କିଛି କିଶୋର ସଖୀ ବେଶ ହୋଇଥାନ୍ତି। ଆରମ୍ଭ ହୁଏ ଓଡିଶୀ ଛାନ୍ଦ ଚମ୍ପୁ ସହ ସେମାନଙ୍କ ନୃତ୍ୟ ପରିବେଷଣ। 'ଅପ୍ରାକୃତ ପ୍ରେମ ମୂର୍ତ୍ତି ଶ୍ରୀରାଧା ଗୋବିନ୍ଦ...' ଦେଖ ଲୋ' ସଜନୀ କିଏ ତମାଳ ମୂଳେ.. ' ଶ୍ରୀରାଧା ବାତୁଳୀ ପ୍ରେମ ରସାତୁଳୀ...' ଇତ୍ୟାଦି ଅନେକ ଗୀତ ଛଳରେ ଖୁବ୍ ସୁନ୍ଦର ସୁଲଳିତ କଣ୍ଠରେ ଗାୟନ କରିଥାନ୍ତି ରାଧାରାଣୀ ଏବଂ ପରମ ପ୍ରେମମୟ ଶ୍ରୀକୃଷ୍ଣ ଙ୍କ ଅପୂର୍ବ ପ୍ରେମଲୀଳା । ସଖୀ ମାନଙ୍କ କଣ୍ଠରୁ ଶୁଭେ .. ' ଝୁଲାଅ ଗୋ' କିଶୋରୀ କାହ୍ନା, କିଶୋର କିଶୋରୀ ବୋଲି କୁଞ୍ଜେ ଉଡୁ ବାନା ....' ' ଝୁଲାଅ ଗୋ' ଝୁଲଣ ଦୋଳି ,ଯୁଗଳ ମୂରତି ସଙ୍ଗେ ନାଚ ଢଳି ଢଳି... '.. ଇତ୍ୟାଦି ଅନେକ ସୁନ୍ଦର ସଙ୍ଗୀତ। ସେମାନଙ୍କ ନୃତ୍ୟ ଦେଖିବାକୁ, ସଙ୍ଗୀତ ଶୁଣିବାକୁ ଅନେକ ଲୋକ ମଠରେ ରୁଣ୍ଡ ହୁଅନ୍ତି । ଝୁଲଣ ମଣ୍ଡପ ରେ ଠାକୁର ମାନଙ୍କୁ ଉଖୁଡା ନଡ଼ିଆ କଦଳୀ ସହ ରାଶି ଲଡୁ, ଫେଣି ,ଗଜା ,ବୁନ୍ଦି ଲଡୁ, ଫଳ ଭୋଗ ଲାଗି କରାଯାଇଥାଏ । ଭକ୍ତ ମାନେ ଦର୍ଶନ କରି ନାଚ ଦେଖି ପ୍ରସାଦ ସେବନ କରି ମହା ଆନନ୍ଦରେ ନିଜ ନିଜ ଘରକୁ ଫେରନ୍ତି। ରାଧାକୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ସହ ଅପେକ୍ଷା କରି ରହନ୍ତି ଆସନ୍ତା ବର୍ଷର ଝୁଲଣ ପୂର୍ଣ୍ଣିମା ଆସିବା ଯାଏଁ ।

କାଳ କ୍ରମେ ଯୁଗ ବଦଳିଛି ତା' ସହିତ ପରମ୍ପରା ମଧ । ଏବେ ଗାଈଗୋରୁ ତ ନାହାନ୍ତି କାହାରି ଘରେ, ଆଉ ଗହ୍ମା ପୁନେଇଁ ପାଳିବ କିଏ ? ଆଉ ଝୁଲଣ ପୂର୍ଣ୍ଣିମା ଆଜିକାଲି କେବଳ ମଠ ମନ୍ଦିରରେ ଯାହା ନାମକୁ ମାତ୍ର ବିଧି ଅନୁସାରେ ପାଳନ କରା ଯାଉଛି। କୀର୍ତ୍ତନ, ଗୋଟିପୁଅ ନାଚ କୁଆଡେ ଚାଲି ଗଲାଣି , ତା'ର ସ୍ଥାନ ନେଇଛି ଭଜନ ସନ୍ଧ୍ୟା । କଳିକତି ଗେଣ୍ଡୁମାଳ ଆଉ ନାଲିନେଳି ଲିଟୁ ଲାଇଟ୍ ରେ ସଜା ହେଉଛି ଝୁଲଣ ଦୋଳି । ଆଖି ଝଲସି ଯାଉଛି ସେସବୁ ଦେଖି, ଭକ୍ତିଭାବ ଅଛି କି ନାହିଁ ବୁଝାପଡୁ ନାହିଁ, ତଥାପି ପରମ୍ପରା ବଞ୍ଚି ରହିଛି । ଆଜି ମଧ କଟକ ସହରରେ ବାସ୍ତରିଟି ଯାକ ମଠରେ ଝୁଲଣ ପୂର୍ଣ୍ଣିମା ପାଳିତ ହେଉଛି। କିନ୍ତୁ ମୁଁ ଦେଖିଥିବା ସେ ପୁରୁଣା ଦିନ ର ମହକ ଆଉ ନାହିଁ । ସେଇ ପୁରୁଣା ଦିନର ସ୍ମୃତି ମୋ' ମନ ଗମ୍ଭୀରା ଭିତରେ ସାଇତି ହୋଇ ରହିଥିବ ମୁଁ ଜୀବନରେ ଥିବା ଯାଏଁ।

+ ଶାରଳା ଭବନ ପୋଡାପୋଖରୀ

କଟକ -୪

## ମନେ ପକାଇବା ୧୯୪୭ ଓ ୨୦୨୪ର ଅଗଷ୍ଟ ୧୪ ରାତିକୁ...



### ସୁବ୍ରତ କର

ଅଗଷ୍ଟ ୧୪ ରାତି ୧୯୪୭ ମସିହାରେ ଆମ ଦେଶ ସ୍ୱାଧୀନ ହୋଇଥିଲା । ସେହି ରାତିରେ ଲର୍ଡ ମାଉଣ୍ଟ ବେଟନ କରାଚିରୁ ଫେରି ଆମ ଦେଶକୁ ପ୍ରଥମ ପ୍ରଧାନମନ୍ତ୍ରୀ ନେହୁରୁଜୀଙ୍କ ହାତରେ ସମର୍ପଣ କରିଥିଲେ । ଠିକ୍ ସେହିପରି ଅଗଷ୍ଟ ୧୪ ତାରିଖ ୨୦୨୪ ମସିହା (୭୮ବର୍ଷ ପରେ) ଆଉ ଏକ ସ୍ୱାଧୀନତା ପାଇଁ ଦେଶକୁ ଲଢ଼ିବାକୁ ପଡ଼ିଲା । ସେ ସ୍ୱାଧୀନତା ହେଲା ନାରୀ ସ୍ୱାଧୀନତା । ମୋର ଗୋଟାଏ ପ୍ରଶ୍ନ ପ୍ରଧାନମନ୍ତ୍ରୀ ଏବଂ ଦେଶର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କୁ ଆମ ଦେଶରେ ସତରେ ନାରୀମାନଙ୍କୁ ସ୍ୱାଧୀନତା ମିଳିଛି । ଆମର ଝିଅ, ବହୁ ଭଉଣୀମାନେ ନିଜ ଇଚ୍ଛାରେ, ଖୁସିରେ ରାତି ଅଧରେ ଯେଉଁ ଜାଗାକୁ ବୁଲିବାକୁ ଯିବାକୁ ଚାହିଁବେ ନିର୍ଭୟରେ ଯାଇ ପାରିବେ ? ସେ ରାସ୍ତା ହେଉ, ବସ୍ ହେଉ ବା ଟ୍ରେନ୍ ଏବଂ ଯଦି କାହାରି ଝିଅ, ବୋହୂ ଏକୁଟିଆ ଯାଉଥିବେ ସେ ଲୋକର ରାତିର ନିଦ ହଜିଯିବ ଯେ ପର୍ଯ୍ୟନ୍ତ ସେମାନେ ଠିକଣା ପହଞ୍ଚି ନଥିବେ । ସନ୍ଧ୍ୟା ପରେ କେହି ଝିଅ ସାହସ କରୁ ନାହାନ୍ତି ବା କରିବେ ମଧ ନାହିଁ କାରଣ ଯେକୌଣସି ମୁହୂର୍ତ୍ତରେ ଦିଲ୍ଲୀ ପରେ କଲିକତା ଭଳି ନିର୍ଭୟା କାଣ୍ଡ ଘଟି ପାରେ । ଏବେ ପ୍ରଶ୍ନ ଜନ ସାଧାରଣଙ୍କ ଦେଶ ଚଳାଉଥିବା ନେତା ମାନଙ୍କୁ ଏବଂ ପ୍ରଶାସକ ମାନଙ୍କୁ ଏହା ପାଇଁ ଦାୟୀ କିଏ ? କହି ପାରିବେ ସେମାନେ ଦାୟୀ ବୋଲି ? ଏହାର କାରଣ ଏହିସବୁ ଘଟଣାଗୁଡ଼ିକ ସାଧାରଣତଃ ଆମ ଭଳି ଲୋକମାନଙ୍କଠାରେ ଘଟିଥାଏ । ଆମରତ ମା, ବାପା ନାହାନ୍ତି ସେଇଥିପାଇଁ ବୁଝିବାକୁ ମଧ କେହି ନାହାନ୍ତି ।

ବହୁଥର ପାର୍ଲାମେଣ୍ଟରେ ମହିଳା ମାନଙ୍କ ପାଇଁ ଏକ ତୃତୀୟାଂଶ ରିଜାରଭେସନର ବିଲ ଆସିବାରେ ଏବଂ ପାଶ ହେବାରେ ବିଫଳ ହୋଇଛି । ଏହିଠାରେ ଦେଖିବାକୁ ମିଳିଛି ସବୁ ଦଳ ଏକା ସାଙ୍ଗରେ ହାତ ମେଳେଇଛନ୍ତି । ଏକମାତ୍ର ଏହାର କାରଣ ପୁରୁଷ କେନ୍ଦ୍ରିକ ସମାଜରେ ନାରୀ ମାନଙ୍କ ସ୍ଥାନ ନାହିଁ ଏବଂ ସେମାନେ ପୁରୁଷମାନଙ୍କ ଜାଗା ନେଇ ପାରିବେ ନାହିଁ । କିନ୍ତୁ ସବୁଠୁ ବଡ଼ କଥା ହେଲା ଗୋଟାଏ ନାରୀର ମୃତ୍ୟୁରେ ସାରା ଦେଶ ଆଜି ଅସ୍ଥିରତା ମଧ୍ୟରେ ଅଛି । ଶାସନ ପ୍ରକ୍ରିୟାକୁ ବାଧ୍ୟ କରିଲା କୌଣସି ଡାକ୍ତର, ଡାକ୍ତରାଣୀ ଉପରେ କିଛି ହେଲେ ୬ ଘଣ୍ଟା ମଧ୍ୟରେ ଏହାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ । ପୁଣି ପ୍ରଶ୍ନ ଉଠୁଛି ଏହି ପଦକ୍ଷେପଟି କାହିଁକି ସମସ୍ତଙ୍କ ପାଇଁ ଲାଗୁ କରାହେଉ ନାହିଁ ବିଶେଷ କରି ମହିଳାମାନଙ୍କ ମୃତ୍ୟୁ ଅଭୟ ଦେଇଥିବା ହାତ ପାଖରେ ନିଜକୁ ହଜାଇ ଦେଉଛି । ଯେତେ ପର୍ଯ୍ୟନ୍ତ ଭ୍ରଷ୍ଟାଚାର ଏବଂ ରାଜନୈତିକ ଦଳର ଦେଶର ଇତିହାସ ରଚିବାକୁ ଯାଉଥିବା ନେତାମାନଙ୍କ ଏବଂ କିଛି ପ୍ରଶାସନିକ ମଧ ହସ୍ତକ୍ଷେପ ବନ୍ଦ ନ ହେବ ସେ ପର୍ଯ୍ୟନ୍ତ ଦେଶରେ ଯେକୌଣସି ସ୍ଥାନରେ ଏବଂ ଯେକୌଣସି ସମୟରେ ନିର୍ଭୟା କାଣ୍ଡ ଘଟି ଚାଲିଥିବ । ଏହା ନିଶ୍ଚିତ ଏକ ସତର୍କ ଘଣ୍ଟି ଦେଶ ଚଳାଉଥିବା ଲୋକମାନଙ୍କ ପାଇଁ ଭବିଷ୍ୟତରେ ତାଙ୍କର ନିଜ ଲୋକ ନିର୍ଭୟା ଘଟଣାରେ ଜଡ଼ିତ ନ ହୁଅନ୍ତୁ ।





## କାଳିଆ ପାଇଁ ରାକ୍ଷୀ

### ସୁଚରୀତା ପଢ଼ିହାରୀ

ରାକ୍ଷୀ ପଠାଇଲି
ତୁମେ ପାଇଁ ପ୍ରଭୁ
ବାନ୍ଧିବ ଶରଧା କରି
ସ୍ନେ ସମ୍ପର୍କ ର
ଡୋର ତୁମେ ହାତେ
ତୁମେ ଭାଇ ଟି ମୋହରି,

ତୁମେ ମାତା ପିତା
ଆତ୍ମୀୟ ସୋଦର
ତୁମେ ହିଁ ସ୍ନେ କିଛି
ରକ୍ଷା ବନ୍ଧନ ରେ
ମୋ ରାକ୍ଷୀ ବାନ୍ଧିବ
ଭାତୃ ପ୍ରେମ ଦିଅ ବିଞ୍ଚି,

ଉପହାର କିଛି
ଲୋଡ଼ା ନାହିଁ ମୋର
ଆଶିଷ ଟି ଦିଅ ଢାଳି
ବିପଦେ ଆପଦେ
ହୁଅ ସାହା ମୋତେ
ଜଗା ଭାଇ ମୋ ଶଙ୍ଖାଳି,
ରାକ୍ଷୀରେ ଅଛି ମୋ
ଭକ୍ତି ଆଉ ଭାବ
ତୁମକୁ ତ ସ୍ନେ ଜଣା
ସ୍ନେ ସମ୍ପର୍କ ତ
ତୁମ ଠାରେ ଶେଷ
ତୁମ ପ୍ରେମେ ହେଲି କିଣା .....

ଭୁବନେଶ୍ୱର

## ରାକ୍ଷୀ

### ରମାକାନ୍ତ ଦାସ



ସ୍ନେହ, ମମତାର ଅତୁଟ ବନ୍ଧନ
ଏକ ଭରସାର ପ୍ରତୀକ
ଭାଇ ହାତେ ବନ୍ଧା ସୂକ୍ଷ୍ମ ସୂତା ଖିଅ
ଭଉଣୀର ରକ୍ଷା କବଚ ।

ରାକ୍ଷୀ ନୁହେଁ ସେତ ସମ୍ପର୍କର ସାକ୍ଷୀ
ଭାଇ ଓ ଭଉଣୀର
ରାଗ-ରୁଷା, ମାନ-ଅଭିମାନ ଅଟେ
ପ୍ରତୀକ ଏ ସମ୍ପର୍କର ।

ଭରସାର ଶକ୍ତ ଡୋରିଟିଏ ରାକ୍ଷୀ
ଭାଇ ହାତେ ଭଉଣୀର ସ୍ନେହ ବନ୍ଧନ
ଭାଇ ଭଉଣୀର ପବିତ୍ର ସନ୍ତକ
ସୁମଧୁର ସମ୍ପର୍କର ଅଞ୍ଜନ ।

ଭାଇ-ଭଉଣୀଙ୍କୁ ନିଃସ୍ୱାର୍ଥ ପ୍ରେମେ
ସାରା ଜୀବନ ବାନ୍ଧିଦିଏ
ରାକ୍ଷୀ ଗୋଟେ ରେଶମୀ ସୂତା ନୁହେଁ
ବିଶ୍ୱାସର ଖିଅଟିଏ ।

ଭାଇ ଭଉଣୀଙ୍କ ଭଲପାଇବାର
ମୂକସାକ୍ଷୀ ଅଟେ ରାକ୍ଷୀ
ସୂକ୍ଷ୍ମ ସୂତାଖିଅ ଭଉଣୀର ସୁରକ୍ଷା
କବଚ
ଜନ୍ମ ଜନ୍ମ ପାଇଁ ସାକ୍ଷୀ ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ଅତୁଟ ବନ୍ଧନ...

### ରାମଚନ୍ଦ୍ର ବେହେରା



ଶିରାବଣ ଅନ୍ତେ ଆସିଅଛି ଆଜି
ପବିତ୍ର ଗହ୍ମା ପୁନେଇଁ
ଗେହ୍ଲେଇ ଭଉଣୀ ଭାଇ ହାତେ
ରାକ୍ଷୀ
ବାନ୍ଧିବ ହରଷେ ନେଇ
ଚନ୍ଦନ ଟିପା ଲଗେଇ
ବନ୍ଦାପନା କରି ଭାଇକୁ ମିଠେଇ
ଶ୍ରଦ୍ଧାରେ ଦେବ ଖୁଆଇ।

ଭାଇର ଜୀବନ ହେଉ ସୁଖମୟ
ହୃଦୟେ କାମନା ଭରି
ବିପଦେ ଆପଦେ ସାହା ହେବା ପାଇଁ
ଭାଇକୁ କରିବ ଅଳି
ଉପହାରଟିଏ ଦେଇ
ରକ୍ଷା କବଚ ମୁଁ ସାଜିବି ତୋହର
ପ୍ରତିଶୃତି ଦେବ ଭାଇ।

ଶିରୀ ମନ୍ଦିରରେ ରାକ୍ଷୀବନ୍ଧା ନୀତି
ଭକ୍ତିରେ ହୁଏ ପାଳନ
କଳା ଶ୍ରୀମୁଖଂକୁ ସୁଭଦ୍ରା ଭଉଣୀ
ବାନ୍ଧିଥାନ୍ତି ରାକ୍ଷୀ ଜାଣ
ଖୁସୀ ହୁଅନ୍ତି ସାଆନ୍ତେ
ସେଥିପାଇଁ ପ୍ରଭୁ ଗେହ୍ଲୀ ଭଉଣୀକୁ
ନେଇଥାନ୍ତି ରଥ ଯାତେ।

ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଂକ ହାତେ ପାଂଚାଳୀ
କୋଟିବସ୍ତ୍ର ଦେଇ ରକ୍ଷା କରିଥିଲେ
ଦ୍ରୌପଦୀଂକୁ ବନମାଳୀ
ରାକ୍ଷୀ ରଖିଥାଏ ମାନ
ଭାଇ ଭଉଣୀର ଅତୁଟ ବନ୍ଧନ
ଯୋଡିରଖେ ଚିରଦିନ।

ପ୍ରଭୁ ବଳିଆଂକ ଜନମ ଦିବସ
ଆସିଥାଏ ଏହି ଦିନ
ଗୋମାତାଂକ ପୂଜା କରନ୍ତି ସଭିଏଁ
ଶୁଭେ ହୁଳହୁଳି ସ୍ୱନ
ପୂଣ୍ୟ ଶିରାବଣ ମାସ
ସମ୍ପର୍କ ଖିଅକୁ ବାନ୍ଧିଦେଇ ଧୀରେ
ରାଜୁଟି କରିବ ଶେଷ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଭଡାଟିଆ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ଏତେବଡ଼ ଘରଟାରେ କେବଳ ରହୁ ଥାଆନ୍ତି ସୁକାନ୍ତି ମାଉସୀ । ସତୁରି ବର୍ଷର ବୁଢ଼ୀ । ଦୁର୍ଯୋଗ ବଶତଃ ସ୍ୱାମୀ ଏବଂ ଦୁଇ ପୁତ୍ରଙ୍କୁ ହରାଇ ହୋଇ ଯାଇଥାଆନ୍ତି ଏକାକୀ। ତାଙ୍କ ସହ ସେ ଘରଟିରେ ରହିବା ପାଇଁ ନିଜର ବୋଲି ଆଉ କେହି ନଥାନ୍ତି ମାତ୍ର ସ୍ୱାମୀ ଏବଂ ପୁଅ ଦୁଇଜଣଙ୍କ ସ୍ମୃତି ସନ୍ତକ ବିନା ।

ତାଙ୍କ ହାତ ଗୋଡ଼ ପାରୁଥିଲେବି ନିକଟ ଏବଂ ଦୂର ସମ୍ପର୍କୀୟ ମାନେ ପରାମର୍ଶ ଦେଲେ ଉପର କିମ୍ବା ତଳ ମହଲାକୁ ଭଡାରେ ଲଗାଇ ଦେବାକୁ । ଆଗ ଆଗ ସୁକାନ୍ତି ମାଉସୀ ଅରାଜି ହେଲେ । ତାଙ୍କ ସ୍ୱାମୀ ଏବଂ ସନ୍ତାନଙ୍କ ସ୍ମୃତି ସମ୍ବଳିତ ଗୃହ ମନ୍ଦିରରେ ଆଉ କାହାକୁ ପୂରାଇବାକୁ ଇଚ୍ଛା କରୁ ନଥିଲେ । ତା' ବ୍ୟତୀତ ନିଜର ଦୈନନ୍ଦିନର ଆବଶ୍ୟକତା ପାଇଁ ଘରଭଡା ମାଧ୍ୟମରେ କିଛି ଉପାର୍ଜନ କରିବା ନିଷ୍ପ୍ରୟୋଜନ ଥିଲା । ତାଙ୍କ ସ୍ୱାମୀଙ୍କ ଚାକିରି ବଶତଃ ତାଙ୍କୁ ଫ୍ୟାମିଲି ପେନସନ୍ ମିଳୁଥିଲା। ଗାଁଆରେ ଥିବା ମଉସାଙ୍କ ଭାଗ ଜମି ବାଡ଼ିରୁ ମିଳୁଥିବା ଫସଲ ଚଳିବା ପାଇଁ ଯଥେଷ୍ଟ ଥିଲା । ଜଣେ ମଣିଷ ବାର୍ଦ୍ଧକ୍ୟରେ କେତେବା ଖାଇବ ପିନ୍ଧିବ !

ଉପର ତଳ ମହଲା ମିଶାଇ ପୂରା ଘରଟିର ରକ୍ଷଣାବେକ୍ଷଣ କିନ୍ତୁ ଆବଶ୍ୟକ ଥିଲା । ପରିଣତ ବୟସରେ ସବୁଦିନ ଓଳା ପୋଛା କରିବା କାଠିକର ପାଠ । ପୁଣି ଯଦି ବ୍ୟବହାର ନକରିବେ ତେବେ ତଳୁ ଉପର ଯାଏ ସଫା ସଫି କରି ହାଲିଆ ହେବେ କାହିଁକି ? କାରବାର ନହେଲେ ବନ୍ଦ ଘରଟାରେ ଉଇ, ବୁଢ଼ିଆଣୀ , ଝିଟିପିଟି ଙ୍କର ରାଜୁତି ଚାଲିବ । ତା' ଛଡ଼ା ବେଳ ଅବେଳରେ, ଦେହ ପା ଭଲ ମନ୍ଦରେ କେହିଜଣେ ପାଖରେ ଥିଲେ ସାହା ଭରସା ହେବ ଭାବି ସୁକାନ୍ତି ମାଉସୀ ଶେଷରେ ରାଜି ହୋଇଗଲେ । ଘରର ଉପର ମହଲାଟି ଭଡାରେ ଦେଇ ଦେବାକୁ ମନ ସ୍ଥିର କଲେ।

ପୁରୀ ଭଳି ସହରରେ ଗୁଣ୍ଡିଚା ମନ୍ଦିରଠାରୁ ଅଳ୍ପ ଦୂରରେ ଥିବା ତାଙ୍କ ଘରଟି ଭଡାରେ ଲାଗିବାରେ କିଛି ଅସୁବିଧା ନଥିଲା। ଗୋଟିଏ ଛୋଟ ଚାକିରିଆ ପରିବାର ଜୁଟିଗଲେ । ସ୍ୱାମୀ ସ୍ତ୍ରୀ ଏବଂ ତାଙ୍କର ଛୋଟିଆ ପିଲାଟିଏ । ତାଙ୍କୁ ବି ମାଉସୀଙ୍କ ଘରର ଉପର ମହଲାଟି ପସନ୍ଦ ହୋଇଗଲା । ରମେଶ ବାବୁ ବି ଏପରି ଘରୋଇ ପରିବେଶ ଚାହୁଁ ଥିଲେ ଯେଉଁଠି ସୁରକ୍ଷା ସହ ଚଳ ପ୍ରଚଳ ହେବାର ସ୍ୱାଧୀନତା ଥିବ । ସେ ଦିନବେଳେ ଅଫିସ୍ ଏବଂ ପୁଅ ସ୍କୁଲ ଚାଲିଥିବା ପରେ ଘରେ ଏକୁଟିଆ ରହି ଯାଉ ଥାଆନ୍ତି ତାଙ୍କ ସ୍ତ୍ରୀ ରେଣୁ । ଯେହେତୁ ତଳ ଘରେ ସୁକାନ୍ତି ମାଉସୀ ରହୁ ଥାଆନ୍ତି ତେଣୁ ରମେଶ ବାବୁ ନିଶ୍ଚିନ୍ତ ଥାଆନ୍ତି। ରେଣୁ ବି ସେ ଘରେ ରହୁ ରହୁ ସୁକାନ୍ତି ମାଉସୀଙ୍କ ସହ ମିଳାମିଶା ଆରମ୍ଭ କରି ଦେଇ ଥାଆନ୍ତି । ତାଙ୍କୁ ନିଜର ମା' ତଥା ଶାଶୂ ଭଳି ଗୁରୁଜନ ଭାବି ଆଦର ସମ୍ମାନ କରୁ ଥାଆନ୍ତି ।

ରମେଶ ବାବୁ ଏବଂ ପୁଅ ରୋହିତ୍ ସକାଳୁ ଖାଇ ପିଇ ଘରୁ ବାହାରି ଯିବା ପରେ ରେଣୁ ଘର କାମ ସାରି ଆସି ଯାଆନ୍ତି ତଳ ଘରକୁ। ସୁକାନ୍ତି ମାଉସୀଙ୍କ ସହ ବସି ଗପ ସପ ହୁଅନ୍ତି । ମାଉସୀ ଯେତେ ମନା କଲେବି ନିଜେ ରାନ୍ଧୁଥିବା ତୁଣ ତରକାରି ତାଙ୍କ ପାଇଁ ନେଇ ଆସନ୍ତି ରେଣୁ । ଧୀରେ ଧୀରେ ତାଙ୍କର ସାତ ବର୍ଷର ପୁଅ ରୋହିତ୍ ବି ସୁକାନ୍ତି ମାଉସୀଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇ ଯାଉଥାଏ । ତାକୁ ଜଣେ ଜେଜେମା ମିଳି ଯାଇଥାନ୍ତି ଗେହ୍ଲା କରିବା ପାଇଁ । ସେଥିପାଇଁ ସେ ସ୍କୁଲରୁ ଫେରି ତଳ ମହଲାରେ ବହି ବସ୍ତାନି ରଖି ଦେଇ ଗଡ଼ି ପଡୁଥାଏ ସୁକାନ୍ତି ମାଉସୀଙ୍କ ଖଟ ଉପରେ। ସେଇଠି ତାର ଅଧିକାଂଶ ସମୟରେ ଖିଆପିଆ ଖେଳ କୁଦ ଅଳି ଅର୍ଦ୍ଦଳି । ବାପା ମା'ଙ୍କ ଠାରୁ ଅଧିକ ସ୍ନେହ ଆଦର ଏବଂ କମ୍ ଆକଟ କରୁଥିବା ସୁକାନ୍ତି ମାଉସଙ୍କ ପାଖରେ ରହିବା ପାଇଁ ରୋହିତ୍‌କୁ ଭଲ ଲାଗୁଥାଏ। ସେ ଖୁସି ହେଉଥାଏ। ମାଉସୀ ବି ନାତି ସଦୃଶ ରୋହିତ୍‌କୁ ଦେଖି କିଛି ମାତ୍ରାରେ ତାଙ୍କ ପୁତ୍ର ଶୋକ ପାସୋରି ଦେଉଥିଲେ। ଭୁଲି ଯାଉଥାଆନ୍ତି ତାଙ୍କ ବିମର୍ଷ । ତାଙ୍କ ହୃଦୟରେ ସଞ୍ଚିତ ଥିବା ସମସ୍ତ ସ୍ନେହ ମମତା ଅକୁଣ୍ଠିତ ଚିତ୍ତରେ ଅଜାଡ଼ି ଦେଉ ଥାଆନ୍ତି ରୋହିତ୍ ଉପରେ । ସେ ବି କେବଳ ପଢିବା ଏବଂ ଶୋଇବା ବ୍ୟତୀତ ଆଉ ସବୁ ସମୟ ବିତାଉ ଥାଏ ସୁକାନ୍ତିଙ୍କ ସହ ।

ରମେଶ ବାବୁ ଭଡା ସୂତ୍ରରେ ଉପର ମହଲାରେ ରହିବା ପରଠାରୁ ସୁକାନ୍ତି ମାଉସୀଙ୍କର ଅନେକ ଦିନରୁ ନିଶୂନ ପଡିଥିବା ଘରଟି କ୍ରମେ କୋଳାହଳରେ ଜୀବନ୍ତ ହୋଇ ଉଠୁଥାଏ । କେବେଠୁ ତାଙ୍କ ଜୀବନରୁ ହଜି ଯାଇଥିବା ସରସତା କ୍ରମେ ଲେଉଟି ଆସୁଥାଏ । ଘରେ ଆଉ ଗୋଟିଏ ପରିବାର କାରବାର ହେବା ସହ ଗୋଟିଏ ଛୋଟ ଛୁଆର ଉପସ୍ଥିତି ମୁଖରିତ କରୁଥାଏ ସୁକାନ୍ତି ମାଉସୀଙ୍କ ନିରସ ଜୀବନକୁ । ଦିନେ ଘର ଧୁଆ ପୋଛା କରିବା ସମୟରେ ମାଉସୀଙ୍କର ଗୋଡ ଖସିଯିବାରୁ କଚାଡ଼ି ହୋଇ ପଡ଼ିଗଲେ । ସୌଭାଗ୍ୟକୁ ସେତେବେଳେ ରମେଶ ବାବୁ ଘରେ ଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଉଠାଇ ଡାକ୍ତରଖାନା ନେଇଗଲେ । ଚିକିତ୍ସା ଆରମ୍ଭ କରି ଡାକ୍ତର ଗୋଟିଏ ଦିନ ତାଙ୍କୁ ଡାକ୍ତରଖାନାରେ ରହିବା ପାଇଁ ପରାମର୍ଶ ଦେଲେ । ରମେଶ ବାବୁ ଏବଂ ତାଙ୍କ ସ୍ତ୍ରୀ ରେଣୁ ଅଦଳ ବଦଳ କରି ମାଉସୀଙ୍କୁ ଜଗି ରହିଲେ ସେ ଘରକୁ ଫେରି ଆସିଲା ଯାଏ। ଆଜିକାଲିର ସମାଜରେ ପରିଲକ୍ଷିତ ହେଉଥିବା ସମ୍ପର୍କର ଶିଥିଳତା ଦୃଷ୍ଟିରୁ ସୁକାନ୍ତି ମାଉସୀ ଆଶ୍ୱସ୍ତ ଥିଲେ କ୍ଷ ରମେଶ ବାବୁ ଏବଂ ରେଣୁ ନିଜର ପୁଅ ବୋହୂ ଭଳି ତାଙ୍କର ସେବା ଯତ୍ନ କରୁଥିଲେ ।

ସୁକାନ୍ତି ମାଉସୀ ନିଜର ଆତ୍ମୀୟ ମାନଙ୍କୁ ହରାଇବା ସତ୍ତ୍ୱେ ଯେତେ ନିଜକୁ ଦୃଢ଼ କରି ଧୈର୍ଯ୍ୟର ସହ ସବୁ ଦୁଃଖ କୁ ସହି ନେବାର କ୍ଷମତା ରଖୁ ଥିଲେବି ଆକସ୍ମିକ ଏବଂ ସାମୟିକ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅନିଶ୍ଚିତ ଥିଲେ । ଘରେତ ସବୁବେଳେ ବିରାଜମାନ କରୁଥିଲା ଅଖଣ୍ଡ ନିରବତା । ଅତୀତ ସ୍ମୃତି ରୋମନ୍ଥନ ଥିଲା ଏକ ମାତ୍ର ବିକଳ୍ପ । କେତେବା ସେ ଦୁଃଖ ସାଗରରେ ବୁଡ଼ି ରହିବେ। ଏକାକୀତ୍ୱ ବି ଆନ୍ଦୋଳିତ କରୁଥିଲା । କିନ୍ତୁ ଯେବେଠୁ ରମେଶ ବାବୁଙ୍କ ଭଳି ଭଡାଟିଆ ମିଳିଗଲେ ତାଙ୍କ ଘର ପରିବେଶ ବଦଳି ବାକୁ ଲାଗିଲା । ତା' ସହ ତାଙ୍କ ମାନସିକ ଅସ୍ଥିରତା ବି ବହୁ ମାତ୍ରାରେ ହ୍ରାସ ପାଇଥିଲା । ଅନ୍ୟପକ୍ଷରେ ରମେଶ ବାବୁଙ୍କୁ ମିଳି ଯାଇଥିଲେ ସୁକାନ୍ତି ମାଉସୀଙ୍କ ଭଳି ଜଣେ ସ୍ନେହୀ ମଣିଷ । ଏମିତି ଘର ମାଲିକାଣୀ ଯାହାଙ୍କର ଦୌରାତ୍ମ୍ୟ ତ ଦୂର କଥା କୌଣସି କଥା ନେଇ ଆକଟ କିମ୍ବା ପ୍ରତିବନ୍ଧକ ନଥିଲା ତାଙ୍କ ଘରେ । ବରଂ ସେ ତାଙ୍କ ପୂରା ଘର, ବାଡ଼ି ଛାଡ଼ି ଦେଇଥିଲେ ତାଙ୍କ ଅବାଧ କାରବାର ଲାଗି । ବାଡ଼ିରେ ଲାଗିଥିବା କଦଳୀ, ନଡ଼ିଆ, ଆମ୍ବ, ପଣସ ,ସଜନା ଆଦି ତୋଳି ବ୍ୟବହାର କରିବା ସ୍ୱାଧୀନତା ମଧ୍ୟ ଦେଇଥିଲେ।

ଆଜିକାଲିର ଛୋଟ ପରିବାରରେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ରୋହିତ୍ ଭଳି ଛୋଟ ପିଲାମାନେ । ବାପା ମା' ଙ୍କର ଗୋଟିଏ ମାତ୍ର ସନ୍ତାନ ହୋଇ ଥିବାରୁ ସାଙ୍ଗରେ ଖେଳିବାକୁ ଛୋଟ କି ବଡ ଭାଇ ଭଉଣୀ ନଥାନ୍ତି । ପୁଅ ବୋହୂ ଚାକିରି ବାକିରି ପାଇଁ ନିଜ ବାପା ମାଆଙ୍କ ଠାରୁ ଦୂରରେ ରହୁ ଥିବାରୁ ଛୋଟ ପିଲାମାନେ ବଞ୍ଚିତ ହେଉଛନ୍ତି ଜେଜେ ଜେଜେମାଙ୍କର ସ୍ନେହ ଶ୍ରଦ୍ଧାରୁ । ସେ ଦୃଷ୍ଟିରୁ ରୋହିତ୍ ଭାଗ୍ୟବାନ । ତାକୁ ସେପରି ସ୍ନେହ ମମତା ମିଳି ଯାଉଥିଲା ସୁକାନ୍ତି ମାଉସୀଙ୍କ ପାଖରେ । ସେ ବି ନିଜ ଜେଜେମା ଭଳି ଦିନ ସାରା ତାଙ୍କରି ପାଖରେ ନସର ପସର ହୁଏ ।

ଉଭୟ ରମେଶ ବାବୁ ଏବଂ ସୁକାନ୍ତି ମାଉସୀ ନିଜ ନିଜର ଆବଶ୍ୟକତାକୁ ଉପଲବ୍ଧି କରି ପରସ୍ପରର ସହାୟତାରେ ଗୋଟିଏ ଘରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ କରୁଥାଆନ୍ତି । ବେଳେ ବେଳେ କୌଣସି ଅନିବାର୍ଯ୍ୟ କାରଣ ବଶତଃ ନିୟମିତ ରୂପେ ଘର ଭଡା ଦେଇପାରନ୍ତି ନାହିଁ ରମେଶ ବାବୁ । ସେଥିପାଇଁ କୌଣସି ଆପତ୍ତି ନଥାଏ ସୁକାନ୍ତି ମାଉସୀଙ୍କର । କିନ୍ତୁ ତାଙ୍କ ଦୂର ସମ୍ପର୍କୀୟ ମାନେ ଏସବୁ ଲକ୍ଷ୍ୟ କରି ଭାବନ୍ତି ବୋଧହୁଏ ମାଉସୀଙ୍କ ଅନ୍ତେ ରମେଶ ବାବୁ ତାଙ୍କ ଘରଟି ହଡପ କରିନେବେ । ସେଠୁ ଆଉ ଯିବେ ନାହିଁ । ଏସବୁକୁ କର୍ଣ୍ଣପାତ ନ କରି ସୁକାନ୍ତି ମାଉସୀ ଭାବନ୍ତି, କିଏ ଜାଣେ ଜୀବନ ଆଉ କେତେଦିନ! ଯେତେଦିନ ବି ଥାଉ ଆୟୁଷ ରମେଶ ବାବୁଙ୍କ ଭଳି ଜଣେ ସହୃଦୟ ବ୍ୟକ୍ତି ଭଡାଟିଆ ଭାବେ ମିଳି ଯାଇଥିବାରୁ ସେ ନିଜର ଆତ୍ମୀୟ ମାନଙ୍କୁ ହରାଇ ନିଃସଙ୍ଗ ଜୀବନ ବିତାଇବାର ଦୁଃଖ ଅନେକ ମାତ୍ରାରେ ଭୁଲି ଯାଇଥାନ୍ତି । ସମାଜରେ ସୁକାନ୍ତ ମାଉସୀଙ୍କ ଭଳି ବୟସାଧିକ ବ୍ୟକ୍ତି ମାନଙ୍କ ସମସ୍ୟା ଯେତିକି ଉତ୍କଟ ସେସବୁର ସମାଧାନ ନିମିତ୍ତ ସେତିକି ବିକଳ୍ପ ମଧ୍ୟ ଉପଲବ୍ଧ । କିନ୍ତୁ ସେ ବିକଳ୍ପ ଗୁଡିକୁ ଉପଯୋଗ କରିବା ନିମିତ୍ତ ଆବଶ୍ୟକ ସକାରାତ୍ମକ ମନୋଭାବ, ସମ୍ବେଦନଶୀଳ ହୃଦୟ ଏବଂ ବିଶ୍ୱାସ ଯୋଗ୍ୟ ପାଖ ପଡୋଶୀ । ପ୍ରଲମ୍ବିତ ଜୀବନ କାଳରେ ସୁଖ ଦୁଃଖର ସମନ୍ୱୟ ତ ରହିବ । ସମସ୍ତଙ୍କ ଜୀବନରେ ଉଣା ଅଧିକେ ଉଭୟ ଅନୁଭୂତ ହେଉଥିବ । କିନ୍ତୁ ତାକୁ ଧୈର୍ଯ୍ୟର ସହ ସମ୍ମୁଖୀନ କରିବା ସମଭାବାପନ୍ନ ବ୍ୟକ୍ତିର ନିଦର୍ଶନ। ସେ ଦୃଷ୍ଟିରୁ ସୁକାନ୍ତି ମାଉସୀ ଅନୁଭବୀ । ତାଙ୍କ ଜୀବଦଶାରେ ସୁଖ ଅପେକ୍ଷା ଅଧିକ ଦୁଃଖ ଭୋଗି ଥିବାରୁ ପରିଣତ ବୟସରେ କେହି ତାଙ୍କୁ ଭାଙ୍ଗି ପଡ଼ିବାର ଦେଖି ନାହିଁ । ବରଂ ସମ୍ପର୍କୀୟ ମାନଙ୍କ ସୁଖ ଦୁଃଖରେ ଉପସ୍ଥିତ ରହି ସେ ନିଜର ଧୈର୍ଯ୍ୟ ଏବଂ ସନ୍ତୁଳିତ ମାନସିକତାର ପରିଚୟ ଦେଇଛନ୍ତି। ସେ ନିଜ ମନକୁ ଦୃଢ଼ କରି ନେଇ ଥାନ୍ତି । ଏବେ ଆଉ ଯେତେଦିନ ବଞ୍ଚିବେ ନିଜ ପାଇଁ ବଞ୍ଚିବେ । ହସ ଖୁସିରେ କାଳାତିପାତ କରିବେ । ଦୁଃଖ ଅନୁଶୋଚନାରେ ବୁଡ଼ି ରହି ବାକି ଜୀବନକୁ ବ୍ୟର୍ଥ କରିବେ ନାହିଁ । ସୌଭାଗ୍ୟ ବଶତଃ କିଛି ଦିନ ନିଜକୁ ଭୁଲାଇ ଦେବା ଭଳି ସୁଯୋଗ ପାଇଛନ୍ତି ରମେଶ ବାବୁଙ୍କ ଭଳି ଜଣେ ଭରସା ଯୋଗ୍ୟ ଭଡାଟିଆଙ୍କୁ ପାଇ।

ଫ୍ଲାଟ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬ ମୋ:୯୯୬୮୨୮୦୮୯୬

# ନୂଆ ସକାଳ



ଜୟଶ୍ରୀ ପଟ୍ଟନାୟକ

କାବ୍ୟା ଏବେ ଆମେରିକାରେ ପୋଷ୍ୟ ସନ୍ତାନ ଭାବେ ନାଗରାଜନ ଓ ସୌନ୍ଦର୍ଯ୍ୟାର ଝିଅ ହୋଇ ରହିଛି । ଛୋଟ ଝିଅରୁ ବଡ଼ ହେଲାଣି । ଷ୍ଟାଣ୍ଡାର୍ଡ଼ ଟୁ ରେ ପଢିଲାଣି । ପାଠ ଭଲ ପଢୁଥିବାରୁ ତାକୁ ସେଠାକାର ମେମ ମାନେ ଆଗ ଧାଡ଼ିରେ ବସାଉଛନ୍ତି । ସବୁ ହୋମୱର୍କ ଓ କ୍ଲାସୱର୍କ ଠିକ ସମୟରେ କରିଦେଉଥିବାରୁ ରୋଜି, ସୋଫିଆ, ହେଲେନ ମେମ ତାକୁ ବହୁତ ସ୍ନେହ କରନ୍ତି । ଇଂଲିଶ, ହିନ୍ଦୀ ଓ ତାମିଲ ସବୁ ଭାଷା ଶିଖିଗଲାଣି । ସୁନ୍ଦର ସୁନ୍ଦର ରାଇମ ତାକୁ ବୋଲି ଆସେ ଆକ୍ସନ ସହ ବୋଲି ଫ୍ରି ପିରିୟଡ଼ ରେ ମେମ ମାନେ ପିଲାମାନଙ୍କ ସାମ୍ନା ରେ ଗାଇବାକୁ କୁହନ୍ତି। ସେ ମଧ ହାତ ଗୋଡ଼ ଛାଟି ଆଖି ଓଠକୁ ନଚେଇ ସୁନ୍ଦର ମୁଖଭଙ୍ଗୀରେ ଗାଇଲା ବେଳେ ଦୁଇବେଣୀ ରେ ଲାଲ ରିବନ ସାଙ୍ଗକୁ ସୁଟ, ବୁଟ ଓ ସ୍କୁଲ ୟୁନିଫର୍ମରେ ବାର୍ବୀ ଡ଼ଲ ପରି ଦେଖା ଯାଉଛି । ଏବେ ସେ ଜନ୍ମିତ ମା ଠାରୁ ଦୂରେଇ ପୋଷ୍ୟ ସନ୍ତାନ ଭାବେ ଆଉ ଗୋଟେ ବାପା ମା କୁ ଆଦରି ନେଇଛି । ସେ ଜାଣିନାହିଁ ତା ଅତୀତ ଇତିହାସ ବିଷୟରେ । ଦିନେ ସେ କନ୍ୟା ସନ୍ତାନ ଭାବରେ ରାସ୍ତା କଡ଼ରେ ପଡିଥିଲା। ତା ମା ବାପା ଏତେ ନିଷ୍ଠୁର ଯେ ଜନ୍ମ କରି ପାଳି ପୋଷି ମଣିଷ କରିବା ବଦଳରେ ଫିଙ୍ଗି ଦେଇଥିଲେ ରାସ୍ତାକଡ଼ରେ। ସେଦିନ ସେମାନେ ଭାବି ନଥିଲେ ଜନ୍ମିତ ସନ୍ତାନର ବାପା ମା ହୋଇ କିପରି କୁକୁର ବିଲୁଆଙ୍କ ହାବୁଡ଼ରେ ଛୁଆଟିକୁ ଛାଡ଼ି ଦେଇ ଆସିବେ ବୋଲି । କେଉଁ ଗାଡ଼ି ମଟର ତଳେ ଚାପି ହୋଇ ଚାଲିଗଲା କୁନି ଝିଅଟିର ପ୍ରାଣ ବୋଲି ଖବର ଶୁଣିବାରେ , କି କେଉଁ ଦଲାଲ ହାବୁଡ଼ରେ ପଡ଼ିଥିଲେ ତାକୁ ଭୋଗିବାକୁ ହୁଅନ୍ତା ନରକ ଯନ୍ତ୍ରଣା କିମ୍ବା ବସ୍ତିର ପିଲା ହୋଇ ଜରି ଗୋଟାଳି ଝିଅର ପରିଚୟ ପାଇଥାନ୍ତା । ମାତ୍ର ଭାଗ୍ୟ ତାର ଉଦୟ ହୋଇଛି । ଝିଅ ଭାବି ବାପା ମା ଯାହାକୁ ଫିଙ୍ଗି ଦେଇଥିଲେ ରାସ୍ତାକଡ଼ରେ ତାକୁ ଭାଗ୍ୟ ନେଇଗଲା ସୁଦୂର ଆମେରିକା ।



ଗୋଟିଏ କୋଟିପତି ବାପାର ଝିଅ ହୋଇ ଆଜି ସେ ବେଶ ଖୁସିରେ ରହିଛି । ନୂଆ ଜୀବନ ପାଇଛି ସେଥିପାଇଁ କୁହାଯାଏ ଯେ ଭାଗ୍ୟେନଃ ଫଳନ୍ତି ଫଳମ । ସ୍ୱପ୍ନପରି ଲାଗୁଥିବା କଥାର ପଛରେ ଯେଉଁ ବାସ୍ତବତା ଭରି ରହିଛି ସେ କାହାଣୀ ଶୁଣିଲେ ଯେ କେହିବି ଆଶ୍ଚର ?୍ୟ ହୋଇଯିବ । କାବ୍ୟାର ବାପା ରିକ୍ସା ଟାଣୁଥିଲା ଯାହା ଟଙ୍କା ରୋଜଗାର ହୁଏ ସେଥିରେ ତା ମା ଆଉ ବଡ଼ ଦୁଇଭାଇ ଭଲରେ ଚଳି ଯାଉଥିଲେ । ସେତେବେଳେ ପିଲାମାନେ ଛୋଟ ଥିଲେ କାବ୍ୟା ର ମା ବାପା ହେଲେ ଲକ୍ଷ୍ମୀ ଆଉ ଶିବୁ । କିଛି ଦିନ ପରେ ସେମାନଙ୍କ କୋଳ ମଣ୍ଡନ କରିଥିଲା କାବ୍ୟା । ଲକ୍ଷ୍ମୀ ଚାହୁଁ ନ ଥିଲା ତାର ତୃତୀୟ ସନ୍ତାନ ହେଉ ବୋଲି । ହେଲେ ଭଗବାନଙ୍କ ଇଚ୍ଛା ନିକଟରେ ନିଜକୁ ସମର୍ପି ଦେଇଥିଲା ସେ । ଆଜିକାଲି ରିକ୍ସା ବେପାର ଆଉ ଚାଲୁ ନ ଥିବାରୁ ଓଳିଏ ଖାଇଲେ ଆର ଓଳି ଉପାସରେ ରହିବାକୁ ପଡୁଥିଲା । ପିଲା ମାନଙ୍କୁ ଆଉ ମରଦ କୁ ଯାହା ଯେମିତି ମାଗି ଯାଚି ରୋଷେଇ କରି ଦେଉଥିଲା ଲକ୍ଷ୍ମୀ ଆଉ ସେମାନେ ଖାଇ ସାରିବା ପରେ ସେହି ତୋରାଣିକୁ ଢକ ଢକ ପିଇ ଦେଇ ଉଦର ଭରୁଥିଲା । କେତେଦିନ ଏମିତି ଚଳିବ ଭାବି ପାଖ ଆପାର୍ଟମେଂଟ ରେ କେତେ ଘର କାମ ଧରିଲା। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେଇ ଆସୁଥିବା ବେଳେ କରୋନା ପୁଣି ଦାଉ ସାଧିଲା। କାବ୍ୟା ଜନ୍ମ ହେବା ଦିନରୁ ଲକ୍ଷ୍ମୀ ଓ ଶିବୁର ମନ ଖୁବ ଉଦାସ ହୋଇ ଯାଇଥିଲା । ସେମାନଙ୍କୁ ଲାଗୁଥିଲା ଝିଅ ଯେମିତି ଗୋଟେ ବୋଝ ହେଇ ଆସିଛି ସେମାନଙ୍କ ଜୀବନରେ । ଲକ୍ଷ୍ମୀ କିଛି ମାତ୍ରାରେ ଖୁସି ଥିଲା ହେଲେ ଶିବୁର ମନ କନ୍ୟା ସନ୍ତାନ ପାଇଁ ଖୁସି ନ ଥିଲା । କରୋନା ପୋଛି ଦେଇଥିଲା ସେମାନଙ୍କ ବଞ୍ଚିବାର ରାହା । ଆର୍ଥିକ ଅନାଟନ ସେମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ତେଣୁ ଶିବୁ ଝିଅଟିକୁ ନେଇ ରାସ୍ତାକଡ଼ରେ ଛାଡ଼ି ଦେଇ ଆସିବାକୁ ସବୁବେଳେ କହେ ଲକ୍ଷ୍ମୀ କୁ । ହେଲେ ଲକ୍ଷ୍ମୀର ମାତୃତ୍ୱ ବିଳପି ଉଠେ । ପର ମୁହୂର୍ତ୍ତରେ ଝିଅଟିର ଭରଣ ପୋଷଣ କେମିତି କରିବ ସେହିକଥା ଭାବେ । ପୁଅ ଦୁଇଟି ବଡ଼ ହେଲେ କୋଉ ଦୋକାନରେ ମୂଲ ଲାଗି ଚଳିଯିବେ ହେଲେ ଝିଅଟିକୁ ଶାଶୂଘର ପଠେଇବାକୁ ସମ୍ବଳ ନାହିଁ ତା ପାଖରେ । ଏହି ଚିନ୍ତା ତାକୁ ବ୍ୟତିବ୍ୟସ୍ତ କରିପକାଏ । ଝିଅକୁ ଏବେ ତେର ମାସ ଚାଲିଲାଣି । ଖନେଇ ଖନେଇ କଥା କହିଲାଣି । ଟିକେ ଟିକେ ଚାଲିବା ଆରମ୍ଭ କରିଛି । ଲକ୍ଷ୍ମୀ ତାକୁ ଦୂରେଇ ଦେବାକୁ ଚାହୁଁ ନ ଥିଲା ହେଲେ ଶିବୁ ସମ୍ପୂର୍ଣ୍ଣ ନାରାଜ ଝିଅ ବୋଲି ପାଖରେ ରଖିବାକୁ । ସେ ବାରମ୍ବାର କହେ ଝିଅଟି କଥା କହିବାର ହେଲାଣି ମଣିଷ ଚିନ୍‌ହିବାର ହେଲାଣି ତାକୁ ଏହି ସମୟରେ ରାସ୍ତା କଡ଼ରେ ଛାଡ଼ିଦେଲେ କେହି ନା କେହି ଲୋକ ଉଦ୍ଧାର କରି ନେଇଯିବେ। ସେ ସୁଖରେ ରହି ପାଠ ପଢ଼ିବ ।ଆମେ ତାକୁ ପୋଷି ପାରିବା ନାହିଁ । ତାକୁ ବାହା ଦେଇ ପାରିବାନି । ସ୍ନୋ, ଟିକିଲି କଜ୍ଜ୍ୱଳ, ନୂଆ ଜାମା,ଚପଲ ଯାହା ମାଗିବ ଦେଇ ପାରିବାନି । ଯୁକ୍ତି କଲା ଲକ୍ଷ୍ମୀ ପୁଅ ଦୁଇଟିକୁ ପୋଷି ପାରିବା ହେଲେ ଝିଅ ବୋଲି କଣ ଫିଙ୍ଗିଦେବା ? ଶିବୁର ଗୋଟେ ଜିଦ ତୋତେ ଯାହା କହୁଛି ସେଇୟା କର। ନହେଲେ ମା ଝିଅ ଦୁଇଜଣଙ୍କୁ ବାହାରକୁ ପଠେଇଦେବି । ଉପାୟ ହୀନ ହୋଇ ଲକ୍ଷ୍ମୀ ଦିନେ କାଳି ଅନ୍ଧାରରୁ ଉଠି ନିଦରେ ଶୋଇଥିବା ଝିଅକୁ ବସ୍ତିଠାରୁ ଅନତି ଦୂରରେ ଥିବା ରାସ୍ତା କଡ଼ରେ, ଗଛମୂଳେ ଛାଡ଼ି ଦେଲା ଏବଂ ଗୋଟିଏ ଶାଲ ଢାଙ୍କି ହୋଇ ଲୁହ ଛଳ ଛଳ ଆଖିରେ ସେଠାରୁ ଫେରିଆସିଲା । କାଳେ ଧରା ପଡିଯିବ ସେହି ଭୟରେ ଗାଁ କୁ ପଳାଇଲା । ରାତି ପାହିଲା ବେଳକୁ ଝିଅର କାନ୍ଦ ଶୁଣି ସେହି ରାସ୍ତା ଦେଇ ଯାଉଥିବା ଦେଖଣାହାରୀ ମାନେ ଅନେକ ସମାଲୋଚନା କଲେ ଗୋଟିଏ ମା ର ଏହି ଛୋଟ ଓ ଘୃଣ୍ୟ କାମ ପାଇଁ । ସାହିରେ ବସ୍ତିରେ ଖୋଜା ଚାଲିଲା କାହାର ଛୁଆ ? କିଏ ତାର ବାପା ମାଆ ?କିଏ ଏମିତି ଜନ୍ମ କରି ପୋଷି ପାରିଲାନି ଯେ ରାସ୍ତାକଡ଼ରେ ଛାଡ଼ିଦେଇ ଯାଇଛି ? ପୋଷି ଯଦି ପାରୁ ନ ଥିଲା ତେବେ ଜନ୍ମ କାହିଁକି କରୁଥିଲା ? ଇତ୍ୟାଦି ଇତ୍ୟାଦି ଅନେକ କଥା ସେଠାକାର ପରିବେଶକୁ ଗୁଞ୍ଜରିତ କରୁଥିଲା। କିଛି ସମୟ ପରେ ଉଦ୍ଧାରକାରୀ ଦଳ ସୂଚନା ପାଇ ଆସି ନେଇଗଲେ ପୋଷ୍ୟ ସନ୍ତାନ କେନ୍ଦ୍ରକୁ। ପୋଷ୍ୟ ସନ୍ତାନ କେନ୍ଦ୍ରରେ କାବ୍ୟାର ଲାଳନ ପାଳନ କରାଗଲା । ଏହା ଭିତରେ କାବ୍ୟା ଉପରେ ହୋଇଥିବା ସମ୍ବାଦ ଭିତ୍ତିକ ଭିଡିଓ ଦେଖି ତାକୁ ଝିଅ କରି ନେଇଯିବାକୁ ଆଗେଇ ଆସିଥିଲେ ସୁଦୂର ଆମେରିକାରେ ରହୁଥିବା ତାମିଲ ଦମ୍ପତି ନାଗରାଜନ ଓ ସୌନ୍ଦର୍ଯ୍ୟା । ଆଗରୁ ଭାରତ ସରକାରଙ୍କ ପୋଷ୍ୟ ସନ୍ତାନ ଆପଣେଇବାର ନିୟମ ଅନୁଯାୟୀ ଅନ ଲାଇନ ଆବେଦନ କରିଥିବା ତାମିଲ ଦମ୍ପତି ତାକୁ ପୋଷ୍ୟ ସନ୍ତାନ କେନ୍ଦ୍ରରୁ ନେଇ ଯାଇଥିଲେ ସୁଦୂର ଆମେରିକା । କାବ୍ୟା ର ହୋଇଥିଲା ପୁନର୍ଜନ୍ମ । ସେଠାରେ ସେ ତାଙ୍କର ଜନ୍ମିତ ସନ୍ତାନଠାରୁ ବି ବଳିକି ସ୍ନେହରେ ବଢ଼ିଲା । ଅଭାବ ନ ଥିଲା ତାର ଖାଇବା ପିଇବା, ପିନ୍ଧିବା ଏବଂ ସ୍କୁଲରେ ନାମ ଲେଖାଇ ପାଠ ପଢିବାରେ ।

ଏବେ ସେ ଦ୍ୱିତୀୟ ଶ୍ରେଣୀର ଛାତ୍ରୀ । ଧୀରେ ଧୀରେ ଇଂରାଜୀ ସହିତ ତାମିଲ ମାତୃଭାଷାକୁ ଆପଣାଇ କହି ଶିଖିଲାଣି । ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ବକ୍ତୃତା, ରଚନା, ଗୀତ, ନାଚ ସବୁଥିରେ ପ୍ରାଇଜ ଆଣି ଘର ଭରିଲାଣି । ଗୋଟେ ମା ବାପାଠାରୁ ଜନ୍ମ ହୋଇ ପୋଷ୍ୟ ସନ୍ତାନ ଭାବେ ଆସିଥିଲେ ମଧ କୌଣସିଥିରେ ତାର ଅଭାବ ରଖି ନ ଥିଲେ ତାମିଲ ଦମ୍ପତି । ତାର ଅଳି ଅଝଟ ସବୁକୁ ସହୁଥିଲେ । ଯାହା ଯେତେବେଳେ ମାଗୁଥିଲା ତାହା ପୂର୍ଣ୍ଣ କରୁଥିଲେ। ଏବେ ସେହି ଝିଅକୁ ସାଙ୍ଗରେ ଆଣି ନାଗରାଜନ ଆସିଥିଲେ ଆମେରିକାରୁ ଓଡ଼ିଶା । ପୋଷ୍ୟ ସନ୍ତାନ କେନ୍ଦ୍ରକୁ ବୁଲାଇବା ପାଇଁ । ତାକୁ ଦେଖି ଭାବ ବିହ୍ୱଳ ହୋଇ ଯାଇଥିଲେ କର୍ମଚାରୀ ମାନେ। ସେମାନେ କାବ୍ୟାକୁ ପୋଷ୍ୟ ରୂପରେ ଆପଣେଇଥିବା ମା ସହିତ ଲାଇଭ ରେ କଥାବାର୍ତ୍ତା କଲେ । ତାର ବ୍ୟବହାର ବିଷୟରେ - ସେ କିପରି ପଢୁଛି, ଖେଳୁଛି, ଖାଉଛି ଏବଂ ସେଠିକାର ପରିବେଶ ସହିତ ଚଳି ପାରୁଛି କି ନାହିଁ ଇତ୍ୟାଦି ବିଷୟରେ । ମିସେସ ସୌନ୍ଦର୍ଯ୍ୟା କହିଲେ ସେ ଝିଅ ହୋଇ ଆସିଛି ଝିଅ ହୋଇ ରହିବ । ତାକୁ ଯେତେବେଳେ ୩ ବର୍ଷ ବୟସ ହୋଇଥିଲା ସେ ଜାଣିଥିଲା ତାର ଜନ୍ମ ଓଡ଼ିଶାରେ ବୋଲି ।ତାକୁ ରାସ୍ତାକଡ଼ରୁ ଉଦ୍ଧାର କରି ଅଣା ଯାଇଥିଲା ବୋଲି। ସେ ଜାଣିଥିଲା ତାର ଜନ୍ମ କାହାଣୀ । ସେ ଏବେ ଭଲ ପାଠ ପଢୁଛି । ଟେନିସ, କ୍ୟାରମ ଖେଳୁଛି। ଟିଭିରେ କାର୍ଟୁନ ଦେଖୁଛି । ସେ ତାମିଲ ଓ ଇଂଲିଶ ରେ କଥା ହେଉଛି । ବହୁତ ମେଳାପି । କଲୋନୀର ପିଲାମାନଙ୍କ ସହିତ ମିଶି ଖେଳୁଛି, ନାଚ କରୁଛି ଏତିକି କହିଦେଇ ମିସେସ ସୌନ୍ଦର୍ଯ୍ୟା କହିଲେ ବାକି କଥା ତାକୁ ପଚାରନ୍ତୁ। ତା ମୁହଁରୁ ଶୁଣିଲେ ସମସ୍ତେ ଖୁସି ହେବା ସହ ମୁଁ ବି ଖୁସି ହେବି । ଏବେ କାବ୍ୟା ଠାରୁ ତା ଅନୁଭୂତିକୁ ଜାଣିବାକୁ ଚାହିଁଲେ କର୍ମଚାରୀ ମାନେ । ସେ ସେଠାରେ କିପରି ଅଛି ବୋଲି । କାବ୍ୟା ବହୁତ ଖୁସିରେ ଅଛି ବୋଲି କହିଲା । ଯାହା ମାଗୁଛି ତାହା ମୋତେ ଦେଉଛନ୍ତି । ପାଠ ପଢୁଛି ତା ସହ ଖେଳୁଛି, ନାଚୁଛି । ସାଙ୍ଗ ମାନଙ୍କ ସହ ମିଶି ଜନ୍ମ ଦିନରେ କେକ କାଟୁଛି ,ନୂଆ ଜାମା ପିନ୍ଧୁଛି । କାର୍ଟୁନ ଦେଖୁଛି । ଯୋଗା କ୍ଲାସ ଯାଉଛି । ତାକୁ ଶେଷ ପ୍ରଶ୍ନ ଟିଏ କଲେ କର୍ମଚାରୀ ମାନେ କାବ୍ୟା ତୋତେ ଯଦି ତୋର ମା ସହିତ ଭେଟ କରାଇବୁ ତେବେ ତୁ କଣ କହିବୁ ? କାନ୍ଦି ପକେଇଲା ସେ ଏବଂ କହିଲା ମୁଁ ମା କୁ ଦେଖିଲେ ପଚାରିବି ଏତିକି। ମୁଁ କଣ ଭୁଲ କରିଥିଲି ବୋଲି ମୋତେ ରାସ୍ତାକଡ଼ରେ ପକାଇ ଦେଇଥିଲୁ ? ମୋର କଣ ଇଛା ନଥିଲା ଭାଇ ମାନଙ୍କ ସହ ମିଶି ଚଳିବାକୁ? ମୁଁ ଝିଅ ବୋଲି ମୋତେ ସେ ଅଧିକାର ରୁ ବଞ୍ଚିତ କରିଦେଲୁ କାହିଁକି ? ଆଉ କିଛି କହି କାନ୍ଦୁ ବୋଲି ଚାହୁଁ ନ ଥିଲେ କର୍ମଚାରୀ ମାନେ । ଖୁସିରେ ଥିବା ଝିଅଟିକୁ ଦୁଃଖରେ ଭାରାକ୍ରାନ୍ତ ନ କରି ତା ଓଠରେ ହସ ଦେଖିବାକୁ ଚାହିଁଥିଲେ ସମସ୍ତେ । ତେଣୁ ତାକୁ ଗିଫ୍ଟ ଓ ଚକୋଲେଟ ଦେଇ ତା ଆଖି ଲୁହକୁ ପୋଛି ଦେଇଥିଲେ କର୍ମଚାରୀ ମାନେ ।

କାବ୍ୟା ଏବେ ତାମିଲ ଓ ଇଂରାଜୀ କହିଲାଣି । ଓଡ଼ିଆ ବଦଳରେ ତାମିଲ ମାତୃଭାଷା କୁ ଆପଣେଇଲାଣି । ଏହାଠାରୁ ବଳି ଖୁସି ଆଉ କଣ ଦରକାର ଗୋଟିଏ ଝିଅ ପାଇଁ । ଯେଉଁ ପିତା ମାତା ମାନଙ୍କ ମନରେ ଝିଅ ପ୍ରତି ଘୃଣ୍ୟ ମନୋଭାବ ରହିଛି ଝିଅ ଜନ୍ମ ହେଲେ ତାର ପାଠପଢା ଚିନ୍ତା ନ କରି ଶାଶୂଘର କେମିତି ଯିବ ସେକଥା ମନେପଡୁଛି ସେଭଳି ପିତାମାତା ଙ୍କ ପାଇଁ କାବ୍ୟାକୁ ଆପଣେଇ ନେଇଥିବା ପିତାମାତା ପୁନର୍ଜନ୍ମ ଦେଇଛନ୍ତି । ସୂର ?୍ୟୋଦୟ ର ସିନ୍ଦୁରିତ ସକାଳ ଟିଏ ଆଣି ଦେଇଛନ୍ତି ଯୋଉ ସକାଳର କଅଁଳ ଖରାରେ ଝିଅଟିଏ ଖେଳୁଛି ବୁଲୁଛି, କଣ୍ଢେଇ ପରି କଥାବାର୍ତ୍ତା କରୁଛି । ଆଶା ସମ୍ଭାବନା ର ସ୍ୱପ୍ନ ନେଇ ସମାଜରେ ଜୀଇଁ ପାରୁଛି । ବୃନ୍ତଚ୍ୟୁତ ନ ହୋଇ ଫୁଲ ପରି ହସି ପାରୁଛି । ମା ବାପା ଡାକିବାର ସୌଭାଗ୍ୟ କୁ ଆଦରି ପାରିଛି । ସେହି ମା ବାପା ଅଜସ୍ର ଧନ୍ୟବାଦ ପାଇବାର ହକଦାର । ଆଉ ଯେଉଁ ପିତା ମାତା ମାନେ କନ୍ୟା ସନ୍ତାନ କୁ ଜନ୍ମ ଦେଇ ରାସ୍ତାକଡ଼ରେ ଛାଡି ଦେଇ ଆସନ୍ତି ସେମାନଙ୍କ ପାପ ପାଇଁ କ୍ଷମାର ଶବ୍ଦ ବି ଅଭିଧାନରେ ନାହିଁ । ସେମାନେ ଜାଣି ରଖିବା ଦରକାର ଯେ ଆଜି ଝିଅମାନେ ପ୍ରଶାସିକା, ଡାକ୍ତର, ଇଞ୍ଜିନିୟର, ପାଇଲଟ,ସୈନିକ ହୋଇ ବନ୍ଧୁକ ଚାଳନା କରିବା ଠାରୁ ମହାକାଶ ଯାତ୍ରାରେ ବି ସଫଳ ହୋଇ ପାରିଛନ୍ତି । ରାଜନୀତି କ୍ଷେତ୍ରରେ ସଶକ୍ତ ହୋଇ ନିଜ ଅଧିକାର ବିଷୟରେ ଲଢ଼ି ପାରୁଛନ୍ତି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ, ଉଚ୍ଚ ପଦବୀରେ ଅଧିକାରୀ ହୋଇ କାର୍ଯ୍ୟଭାର ତୁଲାଉଛନ୍ତି । ଦେଶର ପ୍ରଗତିରେ ସହାୟକ ହେଉଛନ୍ତି । ଅତୀତର ସମୟ ଆଉ ନାହିଁ ଏବେ ଆଧୁନିକତା ସହିତ ତାଳ ଦେଇ ଚାଲୁଛି ସମାଜ। ସେଦିନ ପୋଷ୍ୟ ସନ୍ତାନ କେନ୍ଦ୍ରରେ କର୍ମଚାରୀ ମାନଙ୍କ ସହ ସାକ୍ଷାତ ହୋଇ ସାରିବା ପରେ ପୁନର୍ବାର ଆମେରିକା ଫେରି ଯିବାପାଇଁ ବାହାରିଗଲେ କାବ୍ୟାକୁ ନେଇ ନାଗରାଜନ । ଗୋଟେ ଭାବ ବିହ୍ୱଳ ପରିବେଶ ଭିତରୁ ଦୂରେଇ ଯାଉଥିଲା କାବ୍ୟା ଓଡିଶା ମାଟିରୁ, ମମତାରୁ, ମାତୃଭାଷା ଠାରୁ ସମସ୍ତଙ୍କୁ ପ୍ରଣାମ କରି ଉପହାର ଚକୋଲେଟ ନେଇ ହସି ହସି ଡେଇଁ ଡେଇଁ ବିଦାୟ ନେଇ ସବୁଦିନ ପାଇଁ ଆପଣେଇ ନେଇଥିବା ବାପାର ହାତକୁ ଧରି । ରାସ୍ତାକଡ଼ରୁ ଉଦ୍ଧାର ହୋଇଥିବା ଝିଅ ଉଡ଼ାଜାହାଜ ରେ ଦେଖୁଥିଲା ସକାଳର ପ୍ରାକୃତିକ ଦୃଶ୍ୟ ସବୁ । ମୋବାଇଲରେ ସାଉଁଟୁଥିଲା ଜନ୍ମମାଟିର ସ୍ମୃତିସବୁ ।

+ଗଙ୍ଗନଗର ଛକ
ଭୁବନେଶ୍ୱର, ୟୁନିଟ ୭
ମୋ: ୭୯୭୮୧୧୦୪୭୪

## ରକ୍ଷା ବନ୍ଧନର ମହତ୍ୱ



**ରାଜସ୍ମିତା ବାରିକ୍**

ହିନ୍ଦୁଧର୍ମରେ ପର୍ବ ପର୍ବାଣୀର ବିଶେଷ ମହତ୍ୱ ରହିଛି। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣମୀ ଦିନ ପାଳନ କରାଯାଇଥାଏ । ଏହାକୁ ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ଦିନ ବଳଭଦ୍ରଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଏ। ରାକ୍ଷୀ ପୂର୍ଣ୍ଣିମା ଏପରି ଏକ ପର୍ବ ଗୋଟିଏ ସୂତ୍ରରେ ବାନ୍ଧି ରଖେ ଭାଇ ଭଉଣୀର ପବିତ୍ର ସମ୍ପର୍କକୁ । ଭଉଣୀଟିଏ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ନିଜର ସୁରକ୍ଷା ପାଇଁ । ଭାଇ ମଧ୍ୟ ଭଉଣୀଟିର ସୁରକ୍ଷା ଦେଇଥାଏ। ପୁରାଣ ଇତିହାସରେ ମଧ୍ୟ ରାକ୍ଷୀ ବାନ୍ଧିବାର ଅନେକ ଉଦାହରଣ ରହିଛି। ଭଉଣୀର ଏହି ରାକ୍ଷୀ ବାନ୍ଧି ସାରିବା ପରେ ଭାଇ କେମିତି ଭଉଣୀକୁ ସୁରକ୍ଷା ଦେବାକୁ ପଛଘୁଞ୍ଚା ଦେଇନାହାନ୍ତି। ଏହି ସାଧାରଣ ସୂତ୍ରଟି ଭଉଣୀଟି ଭାଇ ହାତରେ ବାନ୍ଧି ସାରିବା ପରେ ଭଉଣୀ ପାଇଁ ସୁରକ୍ଷାର ଡୋରି ହୋଇଯାଏ।

ମହାଭାରତରେ ମଧ୍ୟ ଦ୍ରୌପଦୀ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ରାକ୍ଷୀ ବାନ୍ଧିବାର କଥା ପୁରାଣ ରେ ରହିଛି। ଶ୍ରୀକୃଷ୍ଣ ଶିଶୁପାଳ କୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ବାନ୍ଧି ଦେଇଥିଲେ ଯାହା ଫଳରେ ରକ୍ତ ବନ୍ଦ ହେଇଯାଇଥିଲା । ଦ୍ରୌପଦୀଙ୍କ ଠାରୁ କୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଭାଗବାନ ଶ୍ରୀକୃଷ୍ଣ ରାକ୍ଷୀର ପାଉଣା ସଦୃଶ ତାଙ୍କ ବିପଦ ସମୟ ରେ ରକ୍ଷା କରିଥିଲେ । ଦୁର୍ଯ୍ୟୋଧନ ଯେତେ ଚେଷ୍ଟା କରି ମଧ୍ୟ ଦ୍ରୋପତିଙ୍କ ବସ୍ତ୍ର ହରଣ କରିପାରିନଥିଲେ । କୃଷ୍ଣ ବସ୍ତ୍ର ପ୍ରଦାନ କରି ତାଙ୍କର ଲଜ୍ୟା ନିବାରଣ କରିଥିଲେ ।

ଇତିହାସ ରେ ମଧ୍ୟ ରହିଛି ମୋଗଲ ସମ୍ରାଟ ହୁମାୟୁନ ଏବଂ ରାଣୀ କର୍ଣ୍ଣାବତୀଙ୍କ ଭାଇ ଭଉଣୀ ର ବନ୍ଧନ ବିଷୟ ରେ । କର୍ଣ୍ଣାବତୀ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଏକୁଟିଆ ହୋଇଯାଇଥିଲେ । ସେହି ସମୟ ରେ ରାଣୀ କର୍ଣ୍ଣାବତୀ ହୁମାୟୁନଙ୍କ ନିକଟକୁ ରାକ୍ଷୀ ପଠାଇଥିଲେ। ସୁଲତାନ ବାହାଦୁରଶାହାଙ୍କୁ ପ୍ରତିହତ କରିବାର ସକ୍ଷମ ରାଣୀ କର୍ଣ୍ଣାବତୀଙ୍କ ନିକଟ ରେ ନଥିଲା । ତାଙ୍କ ପାଖରେ ସୈନ୍ୟବଳ ନଥିଲା। ମୋଗଲ ସମ୍ରାଟ ହୁମାୟୁନ ଭାଇର କର୍ତ୍ତବ୍ୟ ଏବଂ ଭଉଣୀର ସୁରକ୍ଷା ପାଇଁ ସୈନ୍ୟ ମାନଙ୍କୁ ଯୁଦ୍ଧ ପାଇଁ ପଠାଇ ଥିଲେ ଏବଂ ଚିତୋରକୁ ରକ୍ଷା କରିଥିଲେ ।

କେବଳ ଭାଇ ହାତ ରେ ରାକ୍ଷୀ ବନ୍ଧିବାର ପର୍ବ ଏ ନୁହଁ । ଏହି ଦିନ ମଧ୍ୟ ଗୋମାତା ଏବଂ ଗଛ ରେ ମଧ୍ୟ ରାକ୍ଷୀ ବନ୍ଧାଯାଏ। ଗୋମାତା ଏବଂ ବୃକ୍ଷ ମାନବ ଜାତିର ବହୁତ୍ ଉପକାର କରନ୍ତି । ପରର ଉପକାର ପାଇଁ ସେମାନେ ନିଜର ସମ୍ପୂର୍ଣ୍ଣ ଜୀବନ ସମରପଣ କରିଦେଇଥାନ୍ତି ଏଇ ସ୍ୱାର୍ଥ ପର ମାନବ ଜାତି ନିକଟରେ । ଗୋମାତା ଆମକୁ ଅନେକ ବିପଦରୁ ରକ୍ଷା କରିଥାନ୍ତି। କୌଣସି ବିପଦ ଆସିବାର ଥିଲେ ଗାଇ ଗୋରୁ ମାନେ ଜାଣି ପାରିଥାନ୍ତି । ସେମାନେ ସୂଚନା ଦେଇଥାନ୍ତି। ଗୋମାତା ଅନ୍ୟର ହିତ ପାଇଁ ନିଜ ଅମୃତ ତୁଲ୍ୟ ଗୋଦୁଗ୍ଧକୁ ଦାନ କରିଦିଏ । ସେ କେବେ କିଛି ସ୍ୱାର୍ଥ ରଖେ ନାହିଁ । ମଣିଷ ସବୁ ପ୍ରକାର ଉପକାର



ପାଇସାରିଲା ପରେ ଗାଈଟି ଯେତେବେଳେ ବୃଦ୍ଧ ଅବସ୍ଥାକୁ ଆସେ ମଣିଷ କୁ ତାର ସେବା କରିବାର ଥାଏ ସେ କିନ୍ତୁ ଗାଈଟିର ସେବା ନକରି ବିକ୍ରି କରିଦିଏ। ମୃତ୍ୟୁ ପରେ ବି ମଧ୍ୟ ସେ ଆମର ଉପକାର କରେ ତାର ହାଡ଼କୁ ସାର ରୂପେ ବ୍ୟବହାର କରାଯାଇଥାଏ। ସେଥି ପାଇଁ ସେ ଗୋମାତା । ଗୋମାତା ମଧ୍ୟ ନିଜ ରାକ୍ଷୀ ର ମହତ୍ୱ ରକ୍ଷା କରି ସୁରକ୍ଷା ପ୍ରଦାନ କରେ । ନିଜର କର୍ମ ପାଇଁ ସର୍ବଦା ପୂଜନୀୟ ହୋଇ ରହିଛନ୍ତି।

ଗଛ ରେ ମଧ୍ୟ ରାକ୍ଷୀ ବନ୍ଧା ଯାଏ। ଗଛ ବି ଆମକୁ ଅନେକ ବିପଦରୁ ରକ୍ଷା କରେ । ଆମର ମୌଳିକ ଆବଶ୍ୟକତାକୁ ଗଛ ପୂରଣ କରେ । ଆମର ବଞ୍ଚିବାର ପ୍ରତିଟି ଜିନିଷ ବୃକ୍ଷ ଆମକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଯୋଗାଇଥାଏ। ମଣିଷ ବଞ୍ଚିବା ପାଇଁ ଯେ ଟିକେ ପବନ ଆବଶ୍ୟକତା ରହିଛି ତାକୁ ବୃକ୍ଷ ତାର ଜୀବନ ଥିବା ପର୍ଯ୍ୟନ୍ତ ମାନବ ଜାତି ପାଇଁ ଯୋଗାଇ ଦେଇଥାଏ । ବଜ୍ରପାତ ଭଳି ମହାବିପଦରୁ ଆମକୁ ରକ୍ଷା କରେ । ନିଜ ଜୀବନ ତ ଚାଲିଯାଏ କିନ୍ତୁ ମଣିଷ ଜୀବନକୁ ରକ୍ଷା କରିଦେଇଥାଏ । ସେଥି ପାଇଁ ସରକାର ତାଳ ଗଛକୁ ଅଧିକ ମାତ୍ରା ରେ ଲଗାଇବା ପାଇଁ ସୂଚନା ଦେଇଛନ୍ତି। ଆମର ଏତେ ପ୍ରକାର ଉପକାର କରିବା ସତ୍ତ୍ୱେ ଆମେ ତାର ବିନାଶ ପଛରେ ଲାଗିପଡ଼ିଛୁ । ସେଥିପାଇଁ ଜଗନ୍ନାଥ ଦାସ ଓଡିଆ ଭାଗବତ ବୃକ୍ଷର ମାହାତ୍ମ୍ୟ ବିଷୟ ରେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। ବୃକ୍ଷକୁ କବି ସୁଜନ ସହିତ ତୁଳନା କରିଛନ୍ତି ଏବଂ ବୃକ୍ଷ କେବେ କାହାକୁ ନିରାଶ କରେ ନାହିଁ ବୋଲି କହିଛନ୍ତି । ସେଥିପାଇଁ ସେ ବୃକ୍ଷ ର ଜୀବନ କୁ ଧନ୍ୟ ଧନ୍ୟ ବୋଲି କହିଛନ୍ତି -

ଧନ୍ୟଜୀବନଏହାଙ୍କର
ଜୀବିକା ହୋନ୍ତି ପ୍ରାଣୀଙ୍କର

ନୀଳଗିରି, ବାଲେଶ୍ୱର



## ରାକ୍ଷୀ ଓ ଚାରା

**ଜଗଦୀଶ ସାହୁ**



ଶ୍ରାବଣ ପୁନେଇଁ ହସୁଛି ଜହ୍ନ
ଜହ୍ନ ଦେଖି ନାଚେ କଇଁର ମନ
ମନରେ ଭଉଣୀ ବାନ୍ଧିଛି ଆଶା
ଆଶା ତାର ଭାଇ ହେବ ଭରସା
ଭରସା ପ୍ରତୀକ ରେଶମୀ ସୂତା
ସୂତାରେ ସାଇତା ସ୍ନେହ ମମତା
ମମତା ଡୋରୀର ନାଆଁଟି ରାକ୍ଷୀ
ରାକ୍ଷୀ ଯୁଗ ଯୁଗ ପାଇଁଟି ସାକ୍ଷୀ
ସାକ୍ଷୀ ରହୁ ଆମ ଏ କୁନିଚାରା
ଚାରା ପୋତିଦେବା ହସିବ ଧରା ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ରେଶମୀ ସୂତା ଡୋର

**ରମେଶ ଚନ୍ଦ୍ର ନାୟକ**



ଶ୍ରାବଣ ମାସରେ ପୁନେଇଁ ତିଥିରେ
ଜହ୍ନ ହସେ କିରି କିରି,
ଭାଇର ହାତରେ ଭଉଣୀ ବାନ୍ଧିବ
ରେଶମୀ ସୂତାର ଡୋରି ।

ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ
ଅତୁଟ ରଖିଛି ରାକ୍ଷୀ,
ବିପଦେ ଆପଦେ ଜୀବନର ପଥେ
ରହିଅଛି ସଦା ସାକ୍ଷୀ ।

ସମ୍ପର୍କ ବନ୍ଧନ ଅଟେ ଏହି ରାକ୍ଷୀ
ପବିତ୍ର ପୁଣ୍ୟର ଦିଅଁ,
ଅତୁଟ ବନ୍ଧନେ ବାନ୍ଧି ରଖିବାକୁ
ଅଟେ ଏକ ସୂତା ଖିଅ ।

ଭାଇ ହାତେ ରାକ୍ଷୀ ବାନ୍ଧଇ ଭଉଣୀ
ଭାଇର ଶୁଭ ମନାସି,
ରାକ୍ଷୀ ଛୁଇଁ ଭାଇ ଶପଥ କରଇ
ଦେବା ପାଇଁ ହସ ଖୁସି ।

ପୀରତି ପୁଲକ ଖୁସିର ଝଲକ
ଭାଇ ଭଉଣୀର ସ୍ନେହ,
ପ୍ରେମର ବନ୍ଧନ ଅମୂଲ୍ୟ ରତନ
ଗୋଟେ ମନ ଦୁଇ ଦେହ ।

ହସ ଭରି ଦିଏ ପବିତ୍ର ଉତ୍ସବେ
ସରବେ ହରଷ ମୁଖ,
ଏ ରକ୍ଷା ବନ୍ଧନ ରକ୍ଷା କରିବାକୁ
ସଦା ଭରି ଦେବ ସୁଖ ।

ଦରଭା, ମଙ୍ଗଳପୁର, ଯାଜପୁର
ମୋ : ୭୯୭୮୧୫୧୭୧୦

## ରକ୍ଷାବନ୍ଧନ



**କାଳି ଦାସ**

ଭାଇ ଭଉଣୀଙ୍କ ସ୍ନେହ ର ନିଦର୍ଶନ ହେଲା ରକ୍ଷାବନ୍ଧନ। ସମୟର ସ୍ରୋତରେ ଭାଇ ଭଉଣୀ ନିଜ ନିଜର ସଂସାରର ଦୁଃଖ ସୁଖ ଭିତରେ ବୁଡିଯାଇଛନ୍ତି। ପରିଚୟ ବଦଳିଯାଇଛି, ଆବଶ୍ୟକତା ମଧ୍ୟ ଅଲଗା ହୋଇଯାଇଛି, ଅନେକ ସମସ୍ୟା ଦେଇ ଗତିକରିଛନ୍ତି । ବୟସର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି । "ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହିଶୈଶବ, ଯେତେବେଳେ ସେମାନେ ଏକାଠି ବଢିଛନ୍ତି, ଖାଇଛନ୍ତି, ଖେଳିଛନ୍ତି ଝଗଡା ମଧ୍ୟ କରିଛନ୍ତି। ଯେଉଁ ଜୀବନକୁ ସେମାନେ ପଛ ରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତିକୁ ସାଉଣ୍ଟି ନେଇ ରାକ୍ଷୀର ରଙ୍ଗୀନ ସୂତା ରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ ।

ଚତୁର୍ମାସ୍ୟା ର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସର ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ।ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ୍ୟ କହିଥାଉ।ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ। ବଳଦେବ ଙ୍କୁ ହଳଧର ମଧ୍ୟ କୁହାଯାଏ।ଶ୍ରାବଣ ପୂର୍ଣ୍ଣିମାରେ ହଳଲଙ୍ଗଳକୁ ପୂଜା କରାଯାଏ।ଭଗବାନ ଶ୍ରୀ କୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାରରେ ଗାଈ ସହିତ ଜଡିତ ଥିଲେ। ବୃନ୍ଦାବନରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବାର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ , ବାଛୁରି ଓ ବଳଦ କୁ ଏହି ଦିନ ରେ ପୂଜା କରାଯାଇଥାଏ ପିଠା ଖୁଆ ଯାଇଥାଏ। ଭାରତୀୟ ସଂସ୍କୃତି ରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି। ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁ ରୁ ବହୁରିଥିବା ଗାଈ ପଲ ଓ ଗୋଧୂଳି ବେଳାରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ୱା ବାଡି ଧରି ଓଡଉଥିବା ଗୌଡ଼।ଗାଁ ର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତି ରେ ଗାଈ ଓ କୃଷିର ମହତ୍ୱ ସବୁ ଦିନ ରହିଛି ।

ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବ ରୁ ଦୋକାନ ବଜାର ରେ ରଙ୍ଗ ବେରଙ୍ଗ ର ରାକ୍ଷୀ ଦେଖିବା କୁ ମିଳିଥାଏ । ଦୂରରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି। ଭଉଣୀ ପଠାଇଥିବା ରାକ୍ଷୀକୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତରେ ବାନ୍ଧିଥାନ୍ତି ।

ରାକ୍ଷୀ ବାନ୍ଧିବା ପଛରେ ଉହୁଣୀ ର ଭାଇ ପାଇଁ ରହି ଥିବା ସ୍ନେହ ଜଣା ପଡେ। ଭଉଣୀ ଭାଇ ର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀର ରକ୍ଷା ପାଇଁ ଭାଇ ମଧ୍ୟ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ।

ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀ ରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇଥିଲେ। ରାଣୀ କର୍ଣ୍ଣବତି ଚିତୋର ର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ।ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟର ଶାସକ ସୁଲତାନ ବାହାଦୁର ସାହା ଚିତୋରକୁ ଆକ୍ରମଣ କରିଥିଲେ। ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋରର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇ ଜଣେ ଭଉଣୀ ର ଧର୍ମ ପାଳନ କରିଥିଲେ। ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀ ର ରାଜ୍ୟ କୁ ବଞ୍ଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଞ୍ଚିବା ଡେରି ହୋଇଯାଇଥିଲା। ଚିତୋରର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରିସାରିଥିଲେ।

ଏହି ପରମ୍ପରାକୁ ଆଖିରେ ରଖି ଆଜି ମଧ୍ୟ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତ ରେ ରାକ୍ଷୀ ବାନ୍ଧି ଥାନ୍ତି ।

ରାକ୍ଷୀ ପର୍ବ କୁ ମୁଖ୍ୟତଃ ଜୈନ ଧର୍ମ ର ଲୋକ ଏବଂ ହିନ୍ଦୁ ଧର୍ମର ଲୋକମାନେ ପାଳନ କରିଥାନ୍ତି। ସହର ବଜାରର ମିଠା ଦୋକାନ, ଫଳ ଦୋକାନ ଗୁଡିକରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ। ଲୋକମାନେ ମିଠା ଓ ଫଳ ନେଇ ଘର କୁ ଯାଇଥାନ୍ତି । ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତରେ ରାକ୍ଷୀ ବାନ୍ଧିଥାନ୍ତି ଆଳତିର ଥାଳି ଧରି ଭାଇଙ୍କୁ ଅଳତି ମଧ୍ୟ କରିଥାନ୍ତି। ରାକ୍ଷୀ ଅବସରରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି। ପୁରୀଜଗନ୍ନାଥ ମନ୍ଦିର ରେ ମଧ୍ୟ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ। ପାଟରା ବିଶୋଇ ସେବାୟତ, ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ। ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି। ଭଗବାନ ବଳଭଦ୍ରଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ। ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ। ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ।

ଓଡିଶାରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମାରେ ମଣ୍ଡା ମିଠା ତିଆରି କରାଯାଇଥାଏ। ଗଞ୍ଜାମ ଜିଲ୍ଲାର ଗାଁ ମାନଙ୍କରେ ବିଭିର୍ନ୍ନ ଖେଳର ପ୍ରତିଯୋଗୀତାର ପରମ୍ପରା ରହିଛି। ଯେଉଁମାନେ ଖେଳର ପ୍ରତିଯୋଗୀତାରେ କୃତ୍ତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ୍ୟ କରାଯାଇଥାଏ।

ଆମ ଜୀବନ ବିଭିର୍ନ୍ନ ସମ୍ପର୍କକୁ ନେଇ ପରିପୂର୍ଣ୍ଣ। ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା। ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି, କେତେ ଖରା ରେ ସିଝିଛନ୍ତି, କେତେ ବର୍ଷା ରେ ଭିଜିଛନ୍ତି, ଶିତ ରେ ଥରିଛନ୍ତି, ହାତଧରା ଧରି ହୋଇ ବଡ ହୋଇଛନ୍ତି। ଘରର ଚାରି କାନ୍ଥ ଭିତରୁ ମିଶି କରି ବାହାରକୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ। ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି।ସେହି ସ୍ମୃତି ଯାହା ଭୁଲିବା ର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା।

ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯

## ସୁନା ଭଉଣୀ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ସୁନା ଭଉଣୀ ମୋ ସୁନା ଭଉଣୀ
ଗହ୍ମା ପୁନେଇ ଅଥୟ ହେଲାଣି।
ଫରଚା ହେଲାଣି ମେଘ ଆକାଶ
ସୁରୁଜ ଦିଶିଲେ ହୋଇ ହରଷ।

କିଣିଲୁ କି ନାଇଁ ମୋ ପାଇଁ ରାକ୍ଷୀ
ଆଣିବୁ ଦୋକାନୁ ପରଖି ଦେଖି।
ଅନଲାଇନରୁ ଯଦି ଆଣିବୁ
ଭଲ ଅବା ମନ୍ଦ କେବେ ଦେଖିବୁ ?

ଖୁସି ହେବୁ ଭାରି ଏଇ ବରଷ
ଫୁଟିବ ତୋହର ଓଠରେ ହସ।
କିଣିଛି ତୋ ପାଇଁ ସ୍କେଚ୍ କଲର
ନୂଆ ଫ୍ରକ୍ ସାଥେ ଫୁଲ ରବର।

ଜଗନ୍ନାଥ ପାଶେ ମନାସି ଶୁଭ
ମୁଣ୍ଡରେ ପକାଇ ଚାଉଳ ଦୁବ।
ଚନ୍ଦନ ଟିପାଏ ଦେଇ ମଥାରେ
ବାନ୍ଧି ଦେବୁ ରାକ୍ଷୀ ମୋ ହାତରେ।

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ରକ୍ଷାବନ୍ଧନ

**ଅବନ୍ତି ପଣ୍ଡା**



ରଙ୍ଗୀନ ରେଶମ ସୂତାର ଡୋରିରେ
ତିଆରି ଛୋଟିଆ ରାକ୍ଷୀଟିଏ
ଭାଇ ଭଉଣୀର ସ୍ନେହ ସରାଗର
ପବିତ୍ର ବନ୍ଧନ ଗାଥା ଗାଏ
ରାକ୍ଷୀ ପୂର୍ଣ୍ଣିମାରେ ଭାଇ ହାତେ ରାକ୍ଷୀ
ଆଦରେ ଭଉଣୀ ବାନ୍ଧି ଦିଏ
ରାକ୍ଷୀ ରୂପରେ ସେ ସୁରକ୍ଷା କବଚ
ଭାଇ ଠାରୁ ତାର ମାଗିନିଏ
ଭାଇ ବୁଝି ଥାଏ ଭଉଣୀର ରାକ୍ଷୀ
କେବଳ ରେଶମ ଡୋରି ନୁହେଁ
ବିପଦ ଆପଦୁ ରକ୍ଷା ପାଇଁ ରାକ୍ଷୀ
ଭଉଣୀ ତା ହାତେ ବାନ୍ଧି ଦିଏ
ଇତିହାସ ଆଉ ପୁରାଣ ପୃଷ୍ଠା ବି
ରକ୍ଷା ବନ୍ଧନର କଥା କୁହେ
ଭାଇ ଭଉଣୀର ପବିତ୍ର ବନ୍ଧନ
ଯୁଗେ ଯୁଗେ ଅମଳିନ ଥାଏ
ବଳି ରାଜାଙ୍କର ଭକ୍ତି ଭାବେ ବନ୍ଧା
ଶ୍ରୀବିଷ୍ଣୁ ରହିଲେ ପାତାଳରେ
ତାଙ୍କ ମୁକ୍ତି ପାଇଁ ଲକ୍ଷ୍ମୀ ବାନ୍ଧି ଥିଲେ
ରାକ୍ଷୀ ବଳି ରାଜାଙ୍କ ହାତରେ
ଶ୍ରୀକୃଷ୍ଣଙ୍କ କ୍ଷତ ସ୍ଥାନରେ ପାଞ୍ଚାଳୀ
ପଣତକୁ ଚିରି ବାନ୍ଧିଦେଲେ
ପ୍ରତି ଦାନେ କୋଟି ବସ୍ତ୍ର ଦେଇ କୁରୁ
ସଭାସ୍ଥଳେ ଲଜ୍ଜା ନିବାରିଲେ
ପୁରୁ ରାଜା ହେଲେ ଯୁଦ୍ଧରେ ନିହତ
ଦେଖି ରାଣୀ ଶୋକେ ମୂହ୍ୟମାନ
ଆଲେକଜାଣ୍ଡାରଙ୍କ ହାତେ ରାକ୍ଷୀ ବାନ୍ଧି
ପ୍ରଜା, ରାଜ୍ୟ କଲେ ଥଇଥାନ
ମେବାର ମହିଶୀ କର୍ଣାବତୀ ରାକ୍ଷୀ
ବାନ୍ଧିଲେ ହୁମାୟୁନଙ୍କ ହାତରେ
ଭଉଣୀର ସ୍ନେହ ପ୍ରତି ଦାନେ ସୈନ୍ୟ
ପେଶିଲେ ଯୁଦ୍ଧର ସମୟରେ
ରାଣୀ ଲକ୍ଷ୍ମୀ ବାଇ ଟାଖି ଖୁଣ୍ଟିଆଙ୍କ
ହାତେ ରାକ୍ଷୀ ସ୍ନେହେ ବାନ୍ଧିଥିଲେ
ପବିତ୍ର ରାକ୍ଷୀ ର ମାନ ରଖିବାକୁ
ଘୋର ବିପଦରେ ସାହାହେଲେ
ରାକ୍ଷୀ ନୁହେଁ ଖାଲି ରେଶମ ସୂତାଟେ
ସ୍ନେହ ମମତାର ଡୋରି ଟିଏ
ଭାଇ ଭଉଣୀଙ୍କ ରକ୍ଷା ସୂତ୍ର ସେଯେ
ବିପଦ ଆପଦ ଟାଳିଦିଏ ?

ଜଗତସିଂହପୁର

## ରାକ୍ଷୀରେ ରାକ୍ଷୀ

**ନିତ୍ୟାନନ୍ଦ ମହାନ୍ତି**



ରାକ୍ଷୀରେ ରାକ୍ଷୀ ତୁ ଆମ ସାକ୍ଷୀ
ସ୍ନେହ ପ୍ରେମ ବନ୍ଧନର
ତୋ ପାଇଁ ଯୋଡ଼ା ସମ୍ପର୍କ ସେତୁ
ଭାବାବେଗ ହୃଦୟର।

ରକ୍ଷାବନ୍ଧନ ଏପରି ଦିନ
ଉଲ୍ଲାସ ନେଇ ଆସେ
ଭାଇ ଭଉଣୀ ମିଠା ସମ୍ପର୍କେ
ଘରଟି ଆମର ବାସେ।

ଭଉଣୀ ଆସି ପାଖରେ ବସି
ବାନ୍ଧେ ଯେବେ ରାକ୍ଷୀ କରେ
ଭାବଇ ଭାଇ ମୋଠାରୁ ନାହିଁ
ଭାଗ୍ୟବାନ କେ ମର୍ତ୍ତ୍ୟରେ।

ସୁଖ ଦୁଃଖରେ ହସ କାନ୍ଦରେ
ଧଇର୍ଯ୍ୟ ହୃଦୟେ ଧରି
ଭୁଲନ୍ତି ଦୁଃଖ ମନାନ୍ତି ସୁଖ
ପୋଛନ୍ତି ଲୋତକ-ବାରି।

ଉପହାରଟି ଭଉଣୀ ପାଇଁ
ନୁହେଁ କେବେ ଚିରସ୍ଥାୟୀ
ଭାଇ ଭଉଣୀ ଅତୁଟ ପ୍ରେମ
ଜୀବନ ସାରା ପାଇଁ।

ସୂତା ପ୍ଲାଷ୍ଟିକ ଜରିର ରାକ୍ଷୀ
ବାହ୍ୟ ସୁନ୍ଦର ଦିଶେ
ସ୍ନେହ ପ୍ରେମର ଭାବ ବନ୍ଧନ
ହୃଦୟ ଭିତରେ ବସେ।

ଧନ୍ୟରେ ରାକ୍ଷୀ ତୁ ଆମ ସାକ୍ଷୀ
ସମ୍ପର୍କର ସୂତା ଖିଅ



ତୋ ଲାଗି ହସେ ସଂସାରେ ଆଜି
ଭଉଣୀ ଭାଇର ସ୍ନେହ।

ଚକାପାଦ, କନ୍ଧମାଳ
ମୋ:୮୮୯୫୧୨୪୬୭୩

## ହୃଦ୍‌ଘାତରେ ମହିଳାଙ୍କ ମୃତ୍ୟୁ

ବସ୍ତା, ୧୮/୮ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ ପୁଟୁରା ପଞ୍ଚାୟତ ଅନ୍ତର୍ଗତ କମାରଗଡ଼ିଆ ଗ୍ରାମର ଅତ୍ୟନ୍ତ ଗରୀବ, ଧର୍ମପରାୟଣା ମହିଳା ସବିତା ଶାସମଲଙ୍କ ୪୭ ବର୍ଷ ବୟସରେ ଭୁବନେଶ୍ୱରସ୍ଥ ହାଇଟେକ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ହୃଦଘାତରେ ମୃତ୍ୟୁ ହୋଇଯାଇଛି । ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିବା କ୍ଷଣି ତାଙ୍କର ସ୍ୱାମୀ ପ୍ରତାପ, ଏକମାତ୍ର କନ୍ୟା ଶ୍ରୀୟା ଓ ଗ୍ରାମବାସୀ ପ୍ରମୁଖ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ନାଏବ ସରପଞ୍ଚ ସୁଜିତ୍ ମଣ୍ଡଳ, ପୂର୍ବତନ ୱାର୍ଡ଼ ସଭ୍ୟ ପଞ୍ଚାନନ ଭକ୍ତା, ରବିନ୍ଦ୍ର ମହାନ୍ତି, ଉତ୍ତମ କୁମାର ମହାନ୍ତି, ପ୍ରଭାସ ଶାସମଲ, ବିଦିଶା ମହାନ୍ତି, ସ୍ୱର୍ଣ୍ଣମୟୀ ସାନ୍ତରା, ମୋନାଲିସା ମହାନ୍ତି ପ୍ରମୁଖ ପହଞ୍ଚି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ତାଙ୍କ ମର ଶରୀରକୁ ଗାଁ ମଶାଣିକୁ ନିଆଯାଇ ଦାହ କରାଯାଇଥିଲା । ତାଙ୍କର ନାବାଳିକା କନ୍ୟା ଶ୍ରୀୟା ମୁଖାଗ୍ନି ଦେଇଥିଲେ । ସେ ଦୀର୍ଘ ଦିନ ଧରି ହୃଦ ରୋଗରେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧନ ଥିବାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଯାଇଛି । ଫଳତଃ ଶୁଦ୍ଧିକ୍ରିୟା କରିବାକୁ ତାଙ୍କ ସ୍ୱାମୀଙ୍କ ହାତରେ ଟଙ୍କାଟିଏ ନଥିବାରୁ ସେ ଦୁଃଖରେ ଅତ୍ୟନ୍ତ ମର୍ମାହତ । ଏଭଳି ଦୁର୍ଦ୍ଦିନରେ ତାଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି ଓ ପଞ୍ଚାନନ ଭକ୍ତା ସମାଜର ବଦାନ୍ୟ ବ୍ୟକ୍ତିମାନଙ୍କୁ ଅନୁରୋଧ କରିଛନ୍ତି ।

# ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆଙ୍କ ଭୂମିକା କିଛି କମ୍ ନଥିଲା : ପ୍ରମିଳା ପଣ୍ଡା



ଉଦଳା , ୧୮/୮ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମପଂଚାୟତ ଦ୍ୱାରା ଆୟୋଜିତ ୭୮ତମ ସ୍ୱାଧିନତା ଦିବସ ବେଶ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ 'ରଘୁପତି ରାଘବ ରାଜାରାମ..' ସଂଗୀତ ବୋଲି ହାତରେ ତ୍ରିରଙ୍ଗା ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ । ଏହାପରେ ସମସ୍ତେ ଖେଳ ପଡ଼ିଆ ଠାରେ ଏକତ୍ରିତ ହୋଇଥିଲେ । ଏଠାରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରି ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ପରେ ଶ୍ରୀମତୀ ପଣ୍ଡା ତାଙ୍କର ବକ୍ତବ୍ୟରେ ଦେଶକୁ ସ୍ୱାଧିନ କରିବା ପାଇଁ ଓଡ଼ିଶାର ବୀର ସୁରେନ୍ଦ୍ର ସାଏ, ଜୟିରାଜଗୁରୁ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଅବଦାନ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିବା ସହ ସ୍ୱାଧିନତା ଆନ୍ଦୋଳନରେ ଓଡ଼ିଆଙ୍କ ଭୂମିକା କିଛି କମ ନଥିଲା ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଦେଶାତ୍ମବୋଧକ ସଂଗୀତ, ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ସ୍ଥାନୀୟ ସରପଂଚ ରିତାଜଂଲି ମାର୍ଣ୍ଡି ଙ୍କ ଅଧକ୍ଷତାରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ସମ୍ପାଦକ ମିଥୁନ ମହାନ୍ତି ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

# ସ୍ୱାଧୀନତା ଦିବସରେ ଭାରତମାତା ଓ ଗାନ୍ଧୀ ବେଶରେ ଛାତ୍ରଛାତ୍ରୀ




ବାଲିଆପାଳ , ୧୮/୮ (ନି.ପ୍ର): ବାଲିଆପାଳ ବ୍ଲକ ଘଣ୍ଟୁଆ ସ୍ଥିତ ସହଯୋଗ ହାଇ ସ୍କୁଲ ରେ ୭୮ ତମ ସ୍ୱାଧୀନତା ଦିବସ ଧୂମ ଧାମ ରେ ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାତ୍ର ଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି ଉତ୍ସବ ରେ ପୂର୍ବତନ ଶିକ୍ଷକ ଧରଣୀଧର ପ୍ରଧାନ ଜାତୀୟ ପତାକାକୁ ଉତ୍ତୋଳନ କରି ଥିଲେ। ପରେ ଜାତୀୟ ସଂଗୀତ ଗାନ, ମାର୍ଚ୍ଚ ଫାଷ୍ଟ, ଅଭିବାଦନ ଗ୍ରହଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ନବମ ଶ୍ରେଣୀ ଛାତ୍ରୀ ଲିପିକା ହରପ୍ରିୟା ଭାରତ ମାତା ବେଶ, ଛାତ୍ର ମିଞ୍ଜିଲ ପ୍ରଧାନ ଗାନ୍ଧୀ ବେଶ ହୋଇ ଚିତାକର୍ଷକ ଭାବ ଭଙ୍ଗୀରେ ସଂଳାପ ପରି ବେଷଣ କରିଥିଲେ। ବିଦ୍ୟାଳୟ ର କର୍ମ ଚାରୀ, ଛାତ୍ର ଅଭିଭାବକ ଓ ଗ୍ରାମବାସୀ ବହୁ ସଂଖ୍ୟା ରେ ଉପସ୍ଥିତ ଥିଲେ।

## ଡାକ୍ତର ରବିନାରାୟଣ ପାଣିଗ୍ରାହୀଙ୍କ ବିୟୋଗରେ ସ୍ମୃତିସଭା

ଖଇରା, ୧୮/୮ (ନି.ପ୍ର): ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାକ୍ତନ ଚିକିତ୍ସାଧିକାରୀ ଡା ରବିନାରାୟଣ ପାଣିଗ୍ରାହୀ ଙ୍କ ବିୟୋଗରେ ଖଇରା ଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ପତ୍ରୀ, ରମାକାନ୍ତ ଶତପଥି,ପଙ୍କଜ ମହାନ୍ତି, ଡା ହରେକୃଷ୍ଣ ରାଉତ, ପଦ୍ମନାଭ ପଣ୍ଡା,ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଅବସର ପରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ହୋଇ ସହଯୋଗର ହାତ ବଢାଇବା ବିଷୟରେ ଅତିଥି ମାନେ ଆଲୋକପାତ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଭୁଶୁଡୁଛି ବିଜେଡିର...

ନେଇ ବୈଠକ କରିଛନ୍ତି। ବିଡ଼ମ୍ବନାର ବିଷୟ ହେଉଛି ଯିଏ ଦିନେ ରାଜ୍ୟ ସଂଗଠନ କଥା ବୁଝୁଥିଲେ, ଆଜି ସେ ନିଜ ଅଞ୍ଚଳର ପଞ୍ଚାୟତକୁ ଜଗୁଛନ୍ତି । ନିକଟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୩ ଜଣ ସମିତି ସଭ୍ୟ ଓ ୮ ଜଣ ସରପଞ୍ଚଙ୍କ ସମେତ ବହୁ ଆଗଧାଡିର ନେତା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପସ୍ଥିତିରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିଲେ। ସେହିପରି ଦୁଇ ଦିନ ତଳେ ବରୀ ନିର୍ବାଚନ ମଣ୍ଡଳୀର ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୧୧ ସମିତି ସଭ୍ୟ ଓ ୬ ସରପଞ୍ଚ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି। ସେହିପରି କେନ୍ଦୁଝର ବିଜେଡିକୁ ବି ଲାଗିଛି ଜବରଦସ୍ତ ଝଟକା। କେନ୍ଦୁଝର ସଦର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସହ ୭ ଜଣ ସମିତି ସଭ୍ୟ, ୧୫ ଜଣ ସରପଞ୍ଚ ବିଜେପିରେ ସାମିଲ୍ ହୋଇଛନ୍ତି । ଏହାପୂର୍ବରୁ ଗତ ଦୁଇ ତାରିଖରେ ୧୮ ଜଣ ସମିତି ସଭ୍ୟ ଓ ସରପଞ୍ଚ ଏବଂ ୮ ତାରିଖରେ ବାଂଶପାଳ ବ୍ଲକ୍ ର ୨୧ ଜଣ ସମିତି ସଭ୍ୟ ଓ ସରପଞ୍ଚ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବିଜେପିରେ ଯୋଗ ଦେଇଛନ୍ତି। ବିଜେପି-ବିଜେଡି ଭିତରେ ପଞ୍ଚାୟତକୁ ନେଇ ଟଣା ଓଟରା ଲାଗିଥିବାବେଳେ କଂଗ୍ରେସ ନିଜ ଅସଜଡା ଘରକୁ ନେଇ ଚିନ୍ତାରେ । ଗୋଟିଏ ପଟେ ପଞ୍ଚାୟତ ସ୍ତରରେ ବିଜେଡି ଛାଡୁଛନ୍ତି ନେତା । ଅନ୍ୟପଟେ ନବୀନ ନିବାସରେ ହଲ୍‌ଚଲ୍ । ଗତକାଲି ନବୀନ ନିବାସରେ ବେଗୁନିଆ ଓ ପାଲଲହଡା ଅଞ୍ଚଳର ପଞ୍ଚାୟତ ପ୍ରତିନିଧିମାନେ ଆସି ନବୀନଙ୍କୁ ଭେଟିଛନ୍ତି । ଆଉ ନବୀନ, ସମସ୍ତଙ୍କୁ ଏକ୍ ରହିବାକୁ ପରାମର୍ଶ ଦେଇଛନ୍ତି। ଯେଉଁ ସବୁ ନିର୍ବାଚନ ମଣ୍ଡଳୀରେ ଦଳ ଜିତିଛି ଓ ଯେଉଁଠି ପଞ୍ଚାୟତ ସ୍ତରରେ ଦଳ ଭଲ ସ୍ଥିତିରେ ଅଛି, ସେହି ସବୁ ଅଞ୍ଚଳରେ ପଞ୍ଚାୟତ ସଂଗଠନକୁ ସୁଦୃଢ କରିବାକୁ ବିଜେଡି ପ୍ରସ୍ତୁତି କରୁଛି। ଅଢେଇ ବର୍ଷ ପରେ ରାଜ୍ୟରେ ହେବ ପଞ୍ଚାୟତ ନିର୍ବାଚନ। ଏହାପରେ ପରେ ମହାନଗର ନିଗମ ନିର୍ବାଚନ ହେବ ।

### ଭୁବନେଶ୍ୱର ପରେ...

୭ଟି ସିମ୍ ବକ୍ସ । ତା'ସହ ୫ ଶହରୁ ଅଧିକ ସିମ୍ କାର୍ଡ ଜବତ ହୋଇଥିଲା । ସିମ୍ ବକ୍ସକୁ କରେଣ୍ଟ ଓ ଇଣ୍ଟରନେଟର ସଂଯୋଗ ବି ରହିଥିଲା । ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ସେସବୁ ଉପକରଣ ଜବତ ପରେ ଘର ସିଲ୍ କରିଛି। ଅଟକ ବ୍ୟକ୍ତିଙ୍କ ନାଁ ରାଜୁ ମଣ୍ଡଳ ବୋଲି ସୂଚନା ମିଳିଥିଲା । ଏହି ବ୍ୟକ୍ତି ଜଣକ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଥିଲା । ଭୁବନେଶ୍ୱରରୁ ସିମ୍ ବକ୍ସ ଜବତ ଘଟଣାରେ ପୋଲିସ କମିଶନରଙ୍କ ବଡ଼ ଖୁଲାସା କରିଥିଲେ । ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏ ସିମ୍ ବକ୍ସ ଜରିଆରେ ପାକିସ୍ତାନ, ଚୀନ ଓ ମଧ୍ୟପ୍ରାଚ୍ୟ ଦେଶରୁ କଲ୍ ଆସିବାକୁ କରାଯାଉଥିଲା ଯୋଜନା । ଏହାର ମାଷ୍ଟର ମାଇଣ୍ଡ ବାଂଲାଦେଶୀ ନାଗରିକ ଆଶାଦ୍ଦୁର ଜମାନ। ଶୁକ୍ରବାର ଏ ଘଟଣାରେ ଗିରଫ ହୋଇଥିବା ଯୁବକ ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଏଠାରେ କେବଳ ଏଜେଣ୍ଟ ଭାବେ କାମ କରୁଥିବା କଥା ସିପି କହିଥିଲେ । ଗତ ଅକ୍ଟୋବର ୨୧ରେ ଭାରତରେ ପ୍ରବେଶ କରିଥିଲା ଆଶାଦ୍ଦୁର ଜମାନ। ଭୁବନେଶ୍ୱର ଆସି ରାଜୁ ସହ ଲିଙ୍ଗରାଜ ହୋଟେଲରେ ରହିଥିଲା। କେଶୁରାରେ ଭଡ଼ା ଘର ନେଇ ସିମ୍ ବକ୍ସ ରାକେଟ୍ ଚଳାଇ ଆସୁଥିଲେ।

### ଏଥର ଗଣେଶ ପୂଜାରେ...

ଚଳିତ ପୂଜାରେ ଗଣେଶ ମୂର୍ତ୍ତି ଯେପରି ବିକୃତ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ପୋଲିସ କମିଶନର। ଯଦି କୌଣସି କ୍ଲବ କିମ୍ବା ଅନୁଷ୍ଠାନ ମୂର୍ତ୍ତି କୁ ବିକୃତ କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଦୋହରାଇଛନ୍ତି। ତାସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଯେପରି ନ ହେବ, ସାଉଣ୍ଡ ଲିମିଟ ଅନୁଯାୟୀ ବକ୍ସ ବଜାଇବେ ବୋଲି କହିଛନ୍ତି ପୋଲିସ୍ କମିଶନର୍।

### ଆସିଷ୍ଟାଣ୍ଟ କମିଶନର ...

ସମସ୍ତଙ୍କ ନାଁରେ ସମାନ ଅଭିଯୋଗ । ଆୟବର୍ହିଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ସମସ୍ତଙ୍କୁ ଗିରଫ କରିଛି ଭିଜିଲାନ୍ସ । ସବୁଠାରୁ ବଡ଼ କଥା ହେଲା ରାଜ୍ୟରେ ଏବେ ବଡ଼ରୁ ସାନ ସବୁ ଅଫିସରଙ୍କ ମଧ୍ୟରେ ଭିଜିଲାନ୍ସ ରେଡ୍ ଭୟ ରହିଥିବା ବେଳେ ନିକଟରେ ଜଣେ ଜିଓଲୋଜିଷ୍ଟ ବାବୁ ୪୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଛନ୍ତି । କନସଲଟାନ୍ସି ଫି' କରାଇଦେବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗିର ଭୂତଳ ଜଳ ଉନ୍ନୟନ ଖଣ୍ଡର ଜିଓଲୋଜିଷ୍ଟ ଅସୀମ ଅଂଶୁମାନ ନାୟକ । ସମ୍ବଲପୁରର ତପନ ମହାନ୍ତି ନାମକ ଜଣେ ହିତାଧିକାରୀଙ୍କୁ ଜଳ ସଂରକ୍ଷଣ ପ୍ରକଳ୍ପର କନସଲଟାନ୍ସି ଫି' କରାଇଦେବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏନେଇ ତପନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ମୁତାବକ ଅଫିସରେ ଲାଞ୍ଚ ନେଉଥିବା ବେଳେ ଧରିଥିଲା ଭିଜିଲାନ୍ସ ଟିମ୍ । ବଲାଙ୍ଗିର, ବରଗଡ଼, ସମ୍ବଲପୁର ଟିମ ମିଳିତ ଭାବେ ଚଢ଼ାଉ କରିଥିଲେ । ବଲାଙ୍ଗିର ଅଫିସ, ଭଡା ଘର ଏବଂ ସମ୍ବଲପୁର ଘରେ ଚଢ଼ାଉ କରିଥିଲା । ଭଡା ଘର ଭିତରୁ ଭିଜିଲାନ୍ସ ବିଭାଗ ୧ ଲକ୍ଷ ୬୮ ହଜାର ଟଙ୍କା ଜବତ କରିଥିଲା । ସେହିପରି ଆଜି ଆୟ ବହିର୍ଭୂତ ସମ୍ପତ୍ତି ନୁହେଁ ବରଂ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ବାଲେଶ୍ୱର ନୀଳଗିରି ଡେପୁଟି କଲେକ୍ଟରଙ୍କ ଘରେ ରେଡ୍ ହୋଇଥିଲା । କୋଟିଏରୁ ଅଧିକ ଟଙ୍କାର ଅର୍ଥ ହଡ଼ପ ଅଭିଯୋଗରେ ଡେପୁଟି କଲେକ୍ଟର ପରିକ୍ଷିତ ଜେନାଙ୍କ ଘରେ ଚଢ଼ାଉ କରିଥିଲା ଭିଜିଲାନ୍ସ ।

### ପାଣ୍ଡିଆନଙ୍କ ହେଲିକପ୍ଟର...

କରନ୍ତୁ ନିଷ୍ପେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ। ଗତ ବିଜେଡି ସରକାରରେ କେବେ ଫାଇଭ୍-ଟି ସଚିବ ଓ କେବେ ଫାଇଭ୍ ଟି ଅଧ୍ୟକ୍ଷ ହିସାବରେ ଭି.କେ. ପାଣ୍ଡିଆନ୍ ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ସମୟରେ ଜିଲ୍ଲାରୁ ଜିଲ୍ଲାକୁ ହେଲିକପ୍ଟରରେ ବୁଲି ଲୋକଙ୍କଠାରୁ ଅଭିଯୋଗପତ୍ର ସଂଗ୍ରହ କରିଥିଲେ । ସେ ବାବଦରରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଅଭିଯୋଗ ଉଠିଛି । ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚର ହିସାବ ସୂଚନା ଅଧିକାର କର୍ମୀମାନେ ମାଗୁଥିଲେ ବି ତା'ର ସଠିକ୍ ତଥ୍ୟ ମିଳୁନାହିଁ । ଏମିତିକି ପାଣ୍ଡିଆନ୍‌ଙ୍କ ନାଁରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏକ ଏତଲା ମଧ୍ୟ ହୋଇଛି। ସେପଟେ ପାଣ୍ଡିଆନଙ୍କ ହେଲିକପ୍ଟର ବୁଲାର ତଦନ୍ତକୁ ସ୍ୱାଗତ ପ୍ରସଙ୍ଗରେ ବିଜେଡି କହିଛି ନବୀନ ସରକାର ଅମଳରେ କୌଣସି ଦୁର୍ନୀତି ହୋଇନି ।

### ତାରାଙ୍କ ବିସ୍ଫୋରକ...

ସେଥିପାଇଁ ଆମେ ପ୍ରୟାସ କରୁଛୁ ବୋଲି ତାରା କହିଛନ୍ତି। ଆଗାମୀ ଭବିଷ୍ୟତ ନେଇ ତାରା କହିଛନ୍ତି, ସମସ୍ତେ ଚେଷ୍ଟା କଲେ ଆର ଥର କଂଗ୍ରେସ ନିଶ୍ଚିତ ଆସିବ। ଓଡ଼ିଆ ଭାଇମାନେ ଏକଜୁଟ୍ ହେବା ଦରକାର। ସମସ୍ତ ଏକଜୁଟ ହେବା ଦରକାର। ସମସ୍ତଙ୍କ ଭିତରେ ସମନ୍ୱୟ ରହିବା ଦରକାର। ଗଲା ନିର୍ବାଚନରେ ଲୋକ ଚାହୁଁଥିଲେ କଂଗ୍ରେସ ଆସୁ। ଯେହେତୁ ଆମର କିଛି ହୋଇପାରିଲା ନାହିଁ, ତେଣୁ ଲୋକମାନେ ବିଜେପି ଆଡେ ପଳାଇଗଲେ ବୋଲି ତାରା କହିଛନ୍ତି।

### ମାଗଣାରେ ମିଳିବ ମହାପ୍ରସାଦ:...

ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଏକ ବ୍ୟାଖ୍ୟାନ କେନ୍ଦ୍ର ଖୋଲାଯିବ। ଯେଉଁଠି ଜଗନ୍ନାଥ ମନ୍ଦିରର ସମ୍ପୂର୍ଣ୍ଣ ନୀତିକାନ୍ତି,ବ୍ୟବସ୍ଥାବଳୀ ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଭକ୍ତଙ୍କୁ ତଥ୍ୟ ଦିଆଯିବ। ସେପଟେ ରତ୍ନଭଣ୍ଡାର ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଆଇନମନ୍ତ୍ରୀ କହିଛନ୍ତି, ଭଣ୍ଡାର ମରାମତି ନେଇ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇସାରିଛି। ଯଥାଶୀଘ୍ର ଭିତର ରତ୍ନଭଣ୍ଡାର ସିନ୍ଧୁକ ସ୍ଥାନାନ୍ତରଣ ସହ ମରାମତି କାର୍ଯ୍ୟ ଓ ଗଣତି ମଣତି ଆରମ୍ଭ ହେବ।

### ଗାଧୋଇବା ବେଳେ ...

ଖୋଜାଖୋଜି କରିଥିଲେ। କିନ୍ତୁ ପାଇନଥିଲା। ତେବେ ପରିବାର ଲୋକେ ଗାଁ ବନ୍ଧକୁ ଯାଇ ଦେଖିଲା ବେଳକୁ ସେମାନଙ୍କ ଡ୍ରେସ୍ ପାଉଛ ଉପରେ ରହିଛି। ତେଣୁ ସେମାନଙ୍କ ମନରେ ସନ୍ଦେହ ହୋଇଥିଲା। ପରିବାର ଲୋକେ ଏନେଇ ସାନଖେମୁଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଗାଁ ପୋଖରୀରେ ଖୋଜାଖୋଜି କରିବା ପରେ ଦୁଇ ଝିଅଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ନେଇ ପାଟପୁର ଥାନାରେ ନଂ ୧୪/୨୪,୧୫/୨୪ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆପାତକାଳିନ ଜୀବନରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବଡ଼ସାହି , ୧୮/୮ (ନି.ପ୍ର): ବଡ଼ସାହି ବ୍ଲକ୍ ଅଧିନ ବିଜିପୁର, ମାନଗୋବିନ୍ଦ ପୁର ସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଦ୍ୱାରା ଓଲଟପୁର ର ଡେପୁଟୀ ଡାଇରେକ୍ଟର ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଏବଂ ତାଙ୍କର ସହଯୋଗୀ ସାଧନା କେନ୍ଦ୍ର ର ସଦସ୍ୟ ମାନଙ୍କ ସହାୟତାରେ ଏହିବ୍ଲକର ମାନଗୋବିନ୍ଦ ପୁର, ମାଣତ୍ରୀ, ମୁଷାଗଡିଆ, ଶାଳଗାଁ, ଆଙ୍କପୁରା, ସୋରଷକୋଠା ଉଚ୍ଚ ବିଦ୍ୟାଳୟରେ ମାଣତ୍ରୀ କଲେଜ ଏବଂ ବଡ଼ସାହି କଲେଜ ରେ ଆପାତକାଳିନ ଜୀବନ ରକ୍ଷା ପଦ୍ଧତି ବିଷୟରେ (ବେସିକ ଲାଇଫ ସପୋର୍ଟ) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ର ଛାତ୍ରୀମାନଙ୍କୁ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରି ଆପାଦକାଳୀନ ଜୀବନ ରକ୍ଷାର ବିଭିନ୍ନ ପଦ୍ଧତି ବିଷୟରେ ଉଭୟ ଭିଡିଓ ଏବଂ ଡମି ଦ୍ୱାରା ଶିକ୍ଷା ଦିଆଯାଇଥିଲା । ଏଭଳି ପ୍ରଶିକ୍ଷଣ ଶିବିର ଦ୍ୱାରା ବହୁତ ଲୋକଙ୍କ ଜୀବନ ରକ୍ଷା କରିହେବ ବୋଲି ବହୁ ଛାତ୍ରଛାତ୍ରୀ ତଥା ଶିକ୍ଷକ ମାନେ ଖୁସି ବ୍ୟକ୍ତ କରି ଏହାକୁ ପ୍ରସଂଶା କରିଥିଲେ । ଏବଂ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ କେନ୍ଦ୍ର ଦ୍ୱାରା ଆୟୋଜିତ ହେବାକୁ ଥିବା କ୍ୟାନସର ଚିକିତ୍ସା ପ୍ରଶିକ୍ଷଣ ଏବଂ ସଚେତନ ଶିବିର ପାଇଁ ସମସ୍ତଙ୍କୁ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା ।

# ବେତନଟୀ ଧର୍ମଶାଳାଠାରେ କୁଡୁମୀ ସେନାର ଏକ ପ୍ରସ୍ତୁତି ବୈଠକ




ବେତନଟୀ , ୧୮/୮ (ନି.ପ୍ର): ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ଦିନ କୁଡୁମୀ ଜାତିକୁ ଆଦିବାସୀ ବର୍ଗରୁ ବାଦ୍ ଦେଇଥିବାରୁ ଜାତି ପ୍ରତି ହେଇଥିବା ଐତିହାସିକ ଅନ୍ୟାୟ ପ୍ରତିବାଦ ରେ ୬ ସେପଟ୍ଟେମ୍ବର କଳା ଦିବସ ପାଳନ ପାଇଁ କୁଡୁମୀ ସେନା ର ପ୍ରତିଷ୍ଠାତା ସଭାପତିଙ୍କ ଆହ୍ୱାନ ରେ ବେତନଟୀ ବ୍ଲକରେ କୁଡୁମୀ ସେନା ପକ୍ଷ ରୁ କଳା ଦିବସ ପାଳନ ପାଇଁ ବେତନଟୀ ବ୍ଲକ ର ଧର୍ମଶାଳା ଠାରେ ମାନଗୋବିନ୍ଦ ମହାନ୍ତଙ୍କ ନେତୃତ୍ୱ ରେ ଏକପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୁଡୁମୀ ସେନାର କର୍ମକର୍ତ୍ତା ବିବେକାନନ୍ଦ ମହାନ୍ତ, ମନୋଜ ମହାନ୍ତ , ଡମ୍ବରୁଧର ମହାନ୍ତ, ଟିକିଲି ମହାନ୍ତ,ଲକ୍ଷ୍ମଣ , ଲିପୁନ, ସିପୁନ, ପ୍ରିୟନାଥ, ଅନାଦି ମହାନ୍ତ ଓ ଅନ୍ୟ ମାନଙ୍କ ମଧ ରେ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ଯୋଗ ଦେଇଥିଲେ।

# ମା' ତାରିଣୀ ୟୁଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ବାଲିଆପାଳ , ୧୮/୮ (ନି.ପ୍ର): ବାଲିଆପାଳ ବ୍ଲକ ନାରାୟଣପୁର ପନ୍ତା ୟୁଥ କ୍ଲବ ପକ୍ଷରୁ ରବିବାର ନରାଛକ ବଙ୍ଗାମୁହଁ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବାଲିଆପାଳ ଥାନାଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଏହି ଶିବିରକୁ ଉଦଘାଟନ କରି ରକ୍ତଦାନର ମହତ୍ୱ ସମ୍ପର୍କରେ କହିଥିଲେ। କ୍ଲବର ସଭାପତି ଉଦୟ କୁମାର ସାହୁ, ସଦସ୍ୟ ମନୋଜ କୁମାର ଜେନା, ସୁଦର୍ଶନ ବିଶ୍ୱାଳ, ଭାଗବତ ଦାସ, ଚନ୍ଦନ ବିଶ୍ୱାଳ, ସୌମ୍ୟ ରଞ୍ଜନ ବିଶ୍ୱାଳ, କାହ୍ନୁ ଚରଣ ଦାସ, ନିରଞ୍ଜନ କୁହ୍ଲରି, ଆଦିତ୍ୟ କୁମାର ବେହେରା, ମୁନା ସାମନ୍ତରାୟ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।ଜିଲ୍ଲା ରେଡକ୍ରସ, ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ମଙ୍ଗଳ'



ଉଦଳା , ୧୮/୮ (ନି.ପ୍ର): କପ୍ତିପଦା ବ୍ଲକର ପେଡ଼ାଗଡ଼ି ପଂଚାୟତ ଅନ୍ତର୍ଗତ ଗୋଠପୁରା ଗ୍ରାମର ବାସିନ୍ଦା ରୁହ୍ୟା ମୁର୍ମୁଙ୍କ ପୁତ୍ର 'ମଙ୍ଗଲ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି 'ମଙ୍ଗଲ' ନିକଟରେ ଥିବା କୁକୁରଡ଼ିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣି ପାସ କରିଛନ୍ତି । ପରେ ସେ ନୁଦଡ଼ିହା ଗ୍ରାମସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟକୁ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ଏଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନଦେଲେ ନାମ ଲେଖାଯାଇ ପାରିବ ନାହିଁ ବୋଲି କହି ବିଦା କରିଦେଲେ । ଫଳରେ ଅନ୍ୟ କୌଣସି ଉପାୟ ନପାଇ ଆଜକୁ ଗୋଟିଏ ବର୍ଷ ହେବ 'ମଙ୍ଗଲ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ଜଣାଇଛନ୍ତି । ମଙ୍ଗଲଙ୍କୁ ବର୍ତମାନ ବୟସ ୧୩ ବର୍ଷ ଛୁଇଁଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ମଙ୍ଗଲ'ଙ୍କ ପରି ବର୍ତମାନ ମଧ୍ୟ ବହୁ ପିଲା ବିଭିନ୍ନ କାରଣରୁ ବିଦ୍ୟାଳୟ ବାହାରେ ଅଛନ୍ତି । ଖାଲି ସେତିକି ନୁହେଁ ଆଧାର ନଥିବା ଯୋଗୁଁ ଖାଦ୍ୟ ଯୋଜନାରେ ସରକାର ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି ତାହା ମଧ୍ୟ 'ମଙ୍ଗଲ' ପାଇପାରୁ ନାହାଁନ୍ତି । ବିଭାଗୀୟ କର୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଶାନ୍ତିକାନନରେ 'ଚିତ୍ର ଓ ସାହିତ୍ୟ: ସାମସମୟିକ ଅଭିରୁଚି' ଶୀର୍ଷକ ଆଲୋଚନାଚକ୍ର




ବାଲେଶ୍ୱର, ୧୮/୮ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଓ ୟଙ୍ଗ ହାର୍ଟସ୍ ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'ଚିତ୍ର ଓ ସାହିତ୍ୟ : ସାମସମୟିକ ଅଭିରୁଚି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯଶସ୍ୱୀ ଚିତ୍ରଶିଳ୍ପୀ ତଥା କବି ରମାକାନ୍ତ ସାମନ୍ତରାୟ ଓ ଚିତ୍ରଶିଳ୍ପୀ ଅଞ୍ଜନ କୁମାର ସାହୁ ଅତିଥି ବକ୍ତା ଭାବେ ଯୋଗ ଦେଇ ଆନ୍ତର୍ଜାତିକ ଚିତ୍ରକଳା ଓ ଚିତ୍ରଶିଳ୍ପୀମାନଙ୍କର ଉଦାହରଣ ଦେବା ସହିତ ଚିତ୍ରକଳାକୁ ସାହିତ୍ୟର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବର୍ଣ୍ଣନା କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ଦେଇଥିବାବେଳେ ୟଙ୍ଗ ହାର୍ଟସ୍‌ର ସଭାପତି ଚିତ୍ରଶିଳ୍ପୀ ମରୁତ ରାଉତ ଉତ୍ସବର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିଲେ ଓ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଭାଗବତ ପ୍ରଧାନଙ୍କ ପତ୍ନୀ ବିୟୋଗ



ନୀଳଗିରି , ୧୮/୮ (ନି.ପ୍ର): ନୀଳଗିରି ଗଡ଼ଜାତ ମାଟିର ତତ୍କାଳୀନ ମହାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗବତ ପ୍ରଧାନଙ୍କ ଧର୍ମପତ୍ନୀ ମାଳତୀ ଲତା ପ୍ରଧାନ ପକ୍ଷାଘାତ ରୋଗରେ ପୀଡିତ ୮୯ ବର୍ଷ ବୟଷରେ ମୃତ୍ୟବରଣ କରିଛନ୍ତି। ଦୀର୍ଘ ୭ମାସ ଧରି ସେ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଆଜି ପ୍ରାତଃ ୫ଟା ସମୟରେ ମୃତ୍ୟୁବରଣ କରିଛନ୍ତି ।ପରିବାରବର୍ଗ ଓ ଜ୍ଞାତିକୁଟୁମ୍ବ ମର ଶରୀରକୁ ପୁରୀ ସର୍ଗଦ୍ୱାରରେ ଶେଷ କୃତ୍ୟ ସମ୍ପନ୍ନ କରିଛନ୍ତି। ତାଙ୍କର ଚାରିଜଣ ଝିଅ ବିବାହ ହୋଇଯାଇଥିବା ଜଣାଯାଇଛି ।ସ୍ୱାମୀ ସ୍ୱର୍ଗତ ଶ୍ରୀ ପ୍ରଧାନ ସ୍ୱାଧୀନତା ପାଇଁ ସଂଗ୍ରାମ କରି ପଣବନ୍ଦୀ ଭାବରେ କାରବରଣ କରିଥିଲେ। ମିଷ୍ଟଭାଷୀ, ପରୋପକାରୀ,ଧର୍ମପରାୟଣ ମହିଳାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜିଲ୍ଲା ବିଜେପି ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ପାଳନ

ବାଲେଶ୍ୱର, ୧୮/୮ (ନି.ପ୍ର): ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟ ବୈଠକ ଗୃହରେ ଆଜି ପୂର୍ବାହ୍ନରେ ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇଯାଇଛି, ପ୍ରତିବର୍ଷ ଭଳି ରକ୍ଷା ବନ୍ଧନର ପୂର୍ବ ଦିନ ଇଶ୍ୱରୀୟ ପ୍ରଜାପିତା ବ୍ରହ୍ମ କୁମାରୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥାଏ ଏବର୍ଷ ମଧ୍ଯ ତାହା ପାଳନ କରାଯାଇଛି, ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରକ୍ଷା ବନ୍ଧନର ତାତ୍ପର୍ଯ୍ୟ ତଥା ରକ୍ଷା ବନ୍ଧନ କେବଳ ଗୋଟିଏ ଦେଶ କି ଗୋଟିଏ ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ ବରଂ ଏହା ବିଶ୍ୱ ବ୍ୟାପି ଓ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ପାଳନ କରାଯାଏ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ମହାପାତ୍ର ରକ୍ଷା ସୂତ୍ର କେବଳ ଗୋଟିଏ ସୂତା ନୁହେଁ ବରଂ ତାହା ଏକ ସମ୍ପର୍କର ମଜଭୁତ ଡୋର ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଇଶ୍ୱରିୟ ପ୍ରଜାପିତା ବ୍ରହ୍ମ କୁମାରୀ ପକ୍ଷରୁ ଅତିଥି ଭାବେ ଆସିଥିବା ବି.କେ. ମିନତି ତାଙ୍କ ବକ୍ତବ୍ୟରେ ରକ୍ଷା ବନ୍ଧନ ସମ୍ପର୍କୀୟ ବାର୍ତ୍ତା ପ୍ରଦାନ୍ କରିଥଲେ, ଅନ୍ୟ ମାନଙ୍କ ମଧ୍ୟରେ ବି. କେ ମିଲି, ବି. କେ.ସିଦ୍ଧେଶ୍ୱର ଓ ବି.କେ. ରଜନୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ପକ୍ଷରୁ ଜିଲ୍ଲା ଉପ ସଭାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ଗଣ ମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହସଂଯୋଜକ ରଣଜିତ୍ ପୃଷ୍ଟି,ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ୍ ମହାପାତ୍ର, ଉପସଭାପତି ଅରୂପ ଜେନା,ସଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, କୋଷଧକ୍ଷ ସ୍ୱର ଝଙ୍କାର ସେଠୀ, ଅନିଲ ମହାନ୍ତି,ଉମାକାନ୍ତ ପଣ୍ଡା, ମନୋହର ପେରିଓ୍ୱାଲ୍ , ସର୍ବେଶ୍ୱର ପାତ୍ର, ସ୍ୱିଟି ବାରିକ୍,ରୋଜାଲିନ ପାଣି, ପ୍ରଶାନ୍ତି ପଣ୍ଡା ପ୍ରମୁଖ ପରସ୍ପରଙ୍କ ହାତରେ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ବଣ୍ଟନ କରିଥିଲେ।




# ଲଘୁଖଣିଜ ସମ୍ପଦ ଚୋରା ଚାଲାଣ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେପୂର୍ବତନ ବିଧାୟକ ସୁକାନ୍ତ ନାୟକ



ନୀଳଗିରି, ୧୮/୮ (ନି.ପ୍ର): ଲଘୁ ଖଣିଜସମ୍ପଦ ଭରା ନୀଳଗିରି ରାଜସ୍ୱ ବିଭାଗ ଅଧୀନରେ ଦୈନନ୍ଦିନ ଚୋରା ଚାଲାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ। ଏନେଇ ଗତ ଜୁଲାଇ ୧୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖିବା ପରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଅତିରିକ୍ତ ଶାସନସଚିବ ଅଗଷ୍ଟ ୧୨ତାରିଖରେ ଖଣି ଓ ଇସ୍ପାତ ବିଭାଗର ସ୍ୱତନ୍ତ୍ର ଶାସନସଚିବଙ୍କୁ ଅବଗତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ବିଧାନସଭା କ୍ଷେତ୍ରରେ ପ୍ରଚୁର ପରିମାଣର ଲଘୁଖଣିଜ ସମ୍ପଦ ରହିଥିବା କାରଣରୁ ଏଠାରେ ଉକ୍ତ ଉତ୍ସରୁ ମାଫିଆ ମାନେ ଚୋରାରେ ଖଣିଜ ସମ୍ପଦ ଉତ୍ତୋଳନ କରି ମାଲେମାଲ ହେଉଥିବା ଦେଖିବାକୁ ମିଳିଛି। ନୀଳଗିରି ତହସିଲ ଅଧିନରେ ଥିବା ନରଣପୁର, ଭଉଁରିଆବାଡ଼, ଗରଡ଼ିହି, ବରହମପୁର ଏବଂ ଔପଦା ବ୍ଲକ ବଉଳଗଡିଆ ଅଞ୍ଚଳରେ ଶହଶହ ଟ୍ରିପ ମୋରମ ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ବେଳେ ସୋନ ନଦୀ ପଠା ନରସିଂହପୁର, କାଠପାଳ, କୁଲ୍ଲାପାଳ, ଡୁମଗଣ୍ଡିରା ଅଞ୍ଚଳରେ ବ୍ୟାପକ ବାଲି ଉତ୍ତୋଳନ କରାଯାଉଥିବା ବେଳେ ଇସ୍ପାତ ଓ ଖଣିଜ ବିଭାଗ ଅଧିନରେ ଥିବା ରାଜସ୍ୱ ବିଭାଗ ନିରବତା ଅବଲମ୍ବନ କରିବା ନେଇ ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ଏଥିସହିତ ନୀଳଗିରି ତହସିଲ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ବାଘମରା ଓ ବେଗୁନିଆ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ପଥର ବ୍ଲାଷ୍ଟିଂ ହେଉଥିବା ନେଇ କ୍ଷୋଭ ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ଅବଗତ କରାଇବା ସହିତ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ଠାକୁରଙ୍କ ନୀତିରେ ଚରମ ଅବହେଳା: ପୁଣି ଉପବାସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର, ୧୮/୮ (ନି.ପ୍ର): ଠାକୁରଙ୍କ ନୀତିରେ ଚରମ ଅବହେଳା । ପୁଣି ଉପବାସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ । ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ଜାହିର କରିଛନ୍ତି । ନିଯୋଗ ନିଯୋଗ ମଧ୍ୟରେ ମନମାଳିନ୍ୟ ହେଲେ ପ୍ରଭୁ ଲିଙ୍ଗରାଜ କାହିଁକି ରହିବେ ଉପବାସ ବୋଲି ପ୍ରଶ୍ନ ଉଠାଇଛନ୍ତି ଭକ୍ତ। ପଇତା ଲାଗି ନୀତିକୁ ନେଇ ପୂଜାପଣ୍ଡା ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ପ୍ରଭୁ ଗତକାଲି ଠାରୁ ଉପବାସରେ ଅଛନ୍ତି। ଲିଙ୍ଗରାଜ ମନ୍ଦିରରେ ଗତକାଲିଠାରୁ ନୀତିକାନ୍ତି ବନ୍ଦ ଅଛି। ଭକ୍ତ ମନ୍ଦିର ଯାଇ ଦର୍ଶନ କରୁଛନ୍ତି ହେଲେ ନୀତିକାନ୍ତି ବନ୍ଦ ଅଛି। ସେପଟେ ଆସନ୍ତାକାଲି ଶ୍ରାବଣ ଶେଷ ସୋମବାର କିଭଳି ଭାବେ ନୀତିକାନ୍ତି ସ୍ୱାଭାବିକ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ନୀତିକାନ୍ତି ସ୍ୱାଭାବିକ କରିବା ଦାବିରେ ସେବା ପ୍ରତିନିଧି ସଂଗଠନ ପକ୍ଷରୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଛି।

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର




ଭଦ୍ରକ, ୧୮/୮ (ନି.ପ୍ର): କଲ୍ୟାଣୀ ନଗରସ୍ଥିତ ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶଙ୍କ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର "ସିଂହ ସଂକ୍ରାନ୍ତି ଆସର" ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ଉଦ୍‌ଘାଟନରେ ଅନୁଷ୍ଠିତ "ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସ" ଶୀର୍ଷକ ଆଲୋଚନା ଚକ୍ରରେ ଭାଗବତ ଜୀବନ ଚରୀତର ଅମୃତ ଭାଷା ବୋଲି ମତ ପ୍ରକାଶ ପାଇଥିଲା। ଜଗନ୍ନାଥ ଦାସଙ୍କ ଲେଖନୀ ମୂନରେ ମାତା ଶାରଦା ବା ସରସ୍ୱତୀଙ୍କର ଆଶୀର୍ବାଦ ସ୍ୱରୂପ ହେଲା ଭାଗବତ ଓ ଏହାର ସରଳାଭାଷା, ଯାହାକି ପ୍ରତ୍ୟେକ ପଦ ମାନବ ସମାଜ ପାଇଁ ନୀତିଶିକ୍ଷା ଓ ସୁଚଳନୀର ପଥ ଦେଖାଇଥାଏ। ଏଣୁ ଜଗନ୍ନାଥ ଦାସ କୃତ ଶ୍ରୀମଦ୍ ଭାଗବତ ଓଡ଼ିଆ ଜାତିର ଅସ୍ମିତା ମୁଖ୍ୟବକ୍ତା ପ୍ରବଠକ ଦୟାନିଧି ବେହେରା, ମୁଖ୍ୟ ଆଲୋଚକ ଅଧାପକ ନୀହାର ରଞ୍ଜନ କର, ମୁଖ୍ୟ ଅତିଥି ଶୀକ୍ଷାବିତ୍ ବାବୁଲାଲ୍ ଦାସ, ଶିକ୍ଷାବିତ୍ କୃପାସିନ୍ଧୁ ନାୟକ, ଇଂ ରବିନ୍ଦ୍ର କୁମାର ଜେନା, ପାର୍ଥସାରଥି ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ନାରାୟଣ ଚନ୍ଦ୍ର ପାଢ଼ୀ, ମଧୁସୂଦନ ମହାପାତ୍ର, ମାଧବଚନ୍ଦ୍ର ଜେନା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶିଶୁକବି ଡ. ଅରୁଣ କୁମାର ପଣ୍ଡାଙ୍କର ଶିଶୁପୁସ୍ତକ "ବହିମେଳା" ଉନ୍ମୋଚନ କରିଥିଲେ ଓ ପୁସ୍ତକଟି ଶିଶୁ ବୋଧଗମ୍ୟ ହୋଇଛି ବୋଲି କହିଥିଲେ। ଶୀକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ କବି ସଂଯୁକ୍ତା ବଳ ନୟାକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଅବସରରେ ବୈକୁଣ୍ଠନାଥ ଓଝା, ଶଶିକାନ୍ତ ବେହେରା, କୈଳାଶଚନ୍ଦ୍ର ଜେନା, ଗୌରାଙ୍ଗ ଚନ୍ଦ୍ର ବାରିକ, ବିଳାସିନୀ ମହୁରୀ, ସସ୍ମିତା ସାହୁ, ଜଗନ୍ନାଥ ରାଉତ, ଅଂଶୁମାନ ସ୍ୱାଇଁ, ଜଗନ୍ନାଥ ନାୟକ, କୈଳାସ ଦାସ, ଇଂ ଦେବୀକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ମନୋଜ ମିଶ୍ର, ବିଜୟ ବହଳୀ, ବିପ୍ଳବ କୁମାର ହୋତା, ସର୍ବୋଦୟ କର୍ମୀ ଅମର କୁମାର ପାଣିଗ୍ରାହୀ, ଉମାକାନ୍ତ ମହାଲିକ, ସାଲଖି ମୁର୍ମୁ, ସୁକାନ୍ତ କୁମାର ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରକୃତକବି ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ ମଂଚ ଆହ୍ୱାନ ଓ ଅତିଥି ପରିଚୟ, ସହସମ୍ପାଦିକା ମମତାରାଣୀ ଦାଶ୍ ବେଦପାଠ ଓ ମଂଚପରିଚାଳନା, ଶେଷରେ ଶିକ୍ଷାବିତ୍ ଆଶୁତୋଷ କରଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପଞ୍ଚାୟତ କର୍ମଚାରୀ (ପିଅନ) ମହାସଂଘର ସାଧାରଣ ବୈଠକ: ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ



ବସ୍ତା, ୧୮/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସଦାନନ୍ଦପୁର କଲ୍ୟାଣ ମଣ୍ଡପ ରେ ଜିଲ୍ଲା ସ୍ତରୀୟ ପଞ୍ଚାୟତ କର୍ମଚାରୀ ପିଅନ ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମ କୁ ଜିଲ୍ଲା ସଂଘର ଜିଲ୍ଲା ସଭାପତି ଗଙ୍ଗାଧର ବେହେରା ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ, ଶିବକୃଷ୍ଣ ବେହେରା ,କରୁଣା କର ଜେନା, କାଶୀନାଥ ଜେନା, ଘନଶ୍ୟାମ ନାୟକ ପ୍ରମୁଖ ଯୋଗ ଦେଇ। ରାଜ୍ୟରେ ସମସ୍ତ ପଞ୍ଚାୟତ ରେ ପିଅନ ପଦବୀ ସୃଷ୍ଟି କରି ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ କରିବା। ଗ୍ରାମ ପଞ୍ଚାୟତ ୨୦୧୪ ମସିହାର ୧୨୫ ଅଧିନିୟମ ଓ ୧୯୬୪ ମସିହାର ୧୨୩ ଆଇନ୍ ସଂଶୋଧନ କରିବା। ବର୍ତମାନ କାର୍ଯ୍ୟରତ ପିଅନ ଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରୀ ୪୫୦ ଟଙ୍କା ପ୍ରଦାନ। ପିଅନ ମାନଙ୍କ ପାଇଁ ପଞ୍ଚାୟତରାଜ ଓ ଅର୍ଥ ବିଭାଗରେ ସ୍ୱତନ୍ତ୍ର ବଜେଟ ରଖିବା, ଚାକିରି କ୍ଷେତ୍ରରେ ବୀମାଭୁକ୍ତ କରିବା ସହିତ,ସାମାଜିକ ସୁରକ୍ଷା ପ୍ରଦାନ କରିବା । ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା ଏବଂ ପଞ୍ଚାୟତରାଜ ବିଭାଗ ଓ ଅର୍ଥ ବିଭାଗର ମିଳିତ ହାଇ ପାୱାର କମିଟି କରି ସରକାରୀ କର୍ମଚାରୀ ମାନ୍ୟତା ଓ ସୁବିଧା ସୁଯୋଗ ପ୍ରଦାନ କରିବା। ପ୍ରତି ମାସ ନିୟମିତ ଅନଲାଇନ୍ ମାଧ୍ୟମରେ ପେମେଣ୍ଟ ପ୍ରଦାନ କରିବା, ଅବସର ପରେ କର୍ମଚାରୀ ଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ଭଳି ବିଭିନ୍ନ ଦାବି ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ତେବେ ଯଦି ସରକାର ଦାବି ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଦୃଢ଼ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ଟି ବ୍ଲକର ସଭାପତି, ସମ୍ପାଦକ, କୋଷାଧକ୍ଷ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବାବେଳେ, ନରେଶ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସଭାରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତରା ଗ୍ରାମପଞ୍ଚାୟତ ର ୫୬ ବର୍ଷୀୟ ବୃଦ୍ଧ ପିଅନ ମଧୁସୂଦନ ଦଳାଇ ନିଜର ଦୁଃଖ କଥା କହି ଭୋଭୋ କାନ୍ଦି ପକାଇଲେ। ସେ ଆଜକୁ ୩୦ ବର୍ଷ ପୂର୍ବରୁ ମାସିକ ମାତ୍ର ୫୦ ଟଙ୍କା ପରେ ୧୦୦ ଟଙ୍କାରେ କାମ କରି ଏବେ ମାସିକ ଏକ ହଜାର ଟଙ୍କା ହାରରେ ୩୦ ହଜାର ଟଙ୍କା ଦରମା ପାଇବାକୁ ଥିଲେ ବି, ୩୦ ମାସ ହେବ ଦରମା ପାଇନାହାନ୍ତି।ଅନ୍ୟ ପଟେ ଔଷଧ ଦୋକାନ, ରାସନ୍ ଦୋକାନ, ଚା-ପାନ ଦୋକାନ ସହିତ ସାର ଔଷଧ ଦୋକାନରେ ବାକି ରହିଛି। ନାତି ନାତୁଣୀ ପାଞ୍ଚ ଦଶ ଟଙ୍କା ମାଗିଲେ ବି ସେ ଦେବାକୁ ଅକ୍ଷମ। ନିଜକୁ ଅସହାୟ ମନେ କରୁଛନ୍ତି। ଦରମା ଟଙ୍କା ପାଇଁ ସ୍ଥାନୀୟ ସରପଞ୍ଚ ରଶ୍ମିତା ଜେନା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶିଷ କୁମାର ଜେନା ସମେତ ବ୍ଲକ ପ୍ରଶାସନ କୁ ବାରମ୍ବାର ନିବେଦନ କରିଥିଲେ ବି କେହି ତାଙ୍କ ଦୁଃଖକଥା ବୁଝୁନାହାନ୍ତି ବୋଲି କହି ଭୋଭୋ କାନ୍ଦି ପକାଇଥିଲେ। ତେବେ ଏଥି ପ୍ରତି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ମଧୁସୂଦନ କୁ ନ୍ୟାୟ ଦେବାକୁ ସଂଘ ଦାବି କରିଛି। ଏ ନେଇ କର୍ତୃପକ୍ଷ କୈଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଖଇରବଣି ଗ୍ରାମରେ ଯୁବତୀଙ୍କ ଝୁଲନ୍ତା ଶବ

ବେତନଟୀ, ୧୮/୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଖଇରବଣି ଗ୍ରାମରେ ଆଜି ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା କ୍ରମରେ ଜନୈକା ଯୁବତୀ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମା ଓ ବାପା ଚାଷକାର୍ଯ୍ୟ ପାଇଁ ବିଲକୁ ଯାଇଥିବା ବେଳେ ପୁରେନ୍ଦ୍ର ସିଂ ଙ୍କ ଝିଅ ତପୋଇ ୧୮ ବର୍ଷ , ପାରିବାରିକ କଳହ ଯୋଗୁଁ ଘର ଛପରରେ ବେକରେ ରଶି ଲଗାଇ ଝୁଲି ପଡ଼ିବା ଫଳରେ ମୃତ୍ୟୁ ହୋଇଯାଇଥିଲା। କିଛି ସମୟପରେ ତାଙ୍କ ସାନଭାଇ ଦେଖି ଚିତ୍କାର କରିବା ଫଳରେ ପଡୋଶୀ ମାନେ ଆସି ଯୁବତୀଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ଏଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଆଜି ରାତି ହୋଇ ଯାଇଥିବା ଯୋଗୁଁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ପରିବେଶ ସୁରକ୍ଷା ଉପରେ ଆଧାରିତ ମାଆ ପାଇଁ ଗଛଟିଏ ଲୋକାର୍ପିତ




ବେତନଟୀ , ୧୮/୮ (ନି.ପ୍ର): ବେତନଟୀ ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ଦ୍ୱାରା ରଚିତ ଏବଂ ଝୁମର ରାଣୀ ବିଦ୍ୟୁମତୀ ମହାନ୍ତଙ୍କ କଣ୍ଠଦାନ ରେ ନିର୍ମିତ ପରିବେଶ ସୁରକ୍ଷା ଉପରେ ଆଧାରିତ ଓଡ଼ିଆ ସଂଗୀତ 'ମାଆ ପାଇଁ ଗଛ ଟିଏ ' ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର ସୁବ୍ରତ କୁମାର ରାଣା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଲୋକାର୍ପଣ କରି ଥିଲେ। ଏହି ସଂଗୀତଟି ଉକ୍ତ ପରିବେଶ ପ୍ରଦୂଷଣକୁ ଦୂର କରିବା ପାଇଁ ଏବଂ ଜଳ ବାୟୁ ପ୍ରଦୂଷଣ ଏବଂ ବିଶ୍ୱ ତାପନରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ସୃଷ୍ଟି କରି ଅଧିକ ରୁ ଅଧିକ ବୃକ୍ଷ ରୋପଣ ପାଇଁ ପ୍ରେରଣା ଦେବ ବୋଲି ମୁଖ୍ୟ ଅତିଥି ଡ଼କ୍ଟର ରାଣା ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ଏଡଭୋକେଟ ପ୍ରଦ୍ୟୁମ୍ନ କୁମାର ପରିଡ଼ା, ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ଶ୍ୟାମ ସୁନ୍ଦର ଦାଶ, ଡ଼କ୍ଟର ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ଼କ୍ଟର ଯୋଗେନ୍ଦ୍ର ନାଥ ପଣ୍ଡା,ବାଲେଶ୍ୱର ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡା,ସ୍ଥାନୀୟ ବିଧାୟକ ପ୍ରତିନିଧି ରତିକାନ୍ତ ମହାନ୍ତ ଯୋଗଦାନ କରିଥିଲେ । ବେତନଟୀ କଲେଜ ଅଧକ୍ଷ ମନୋରଞ୍ଜନ ମହାନ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧାପକ ଶ୍ରୀନିବାସ ଭଞ୍ଜ।

# ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପରିଷଦର କର୍ମକର୍ତ୍ତା ମନୋନୟନ

## ରବିନ୍ଦ୍ର ସିଂ ସଭାପତି, ଅନିରୁଦ୍ଧ ଗଜ ସାଧାରଣ ସମ୍ପାଦକ




ଖଇରା, ୧୮/୮ (ନି.ପ୍ର): ଓଡିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ଆନୁକୁଲ୍ୟରେ ଖଇରା ବ୍ଲକ ସ୍ତରୀୟ ସାଧାରଣ ସବା ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଜିଲା ସମ୍ପାଦକ ସୁବ୍ରତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ବିଡିଓ ଅନନ୍ତ କୁମାର ହାଁସଦା, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ଦାସ,ଜିଲା ସଭାପତି ପ୍ରସନ୍ନ ଦାସ,ଯୁଗ୍ମ ସମ୍ପାଦକ ପ୍ରମୋଦ ରାମ ପ୍ରମୁଖ ଅତିଥି ଭାବେ ଯୋଗ ଅନୁସୂଚିତ ଜାତି ଓ ଜନଜାତି ମାନେ ଭୋଗୁଥିବା ସମସ୍ୟା ଓ ଏହାର ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ । ପରେ ବ୍ଲକସ୍ତରରେ କର୍ମଚାରୀଙ୍କ କଲ୍ୟାଣ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ରବିନ୍ଦ୍ର କୁମାର ସିଂ ସଭାପତି, ଅନିରୁଦ୍ଧ ଗଜ ସାଧାରଣ ସମ୍ପାଦକ, ଭରତ ଶିଅଳ କାର୍ଯ୍ୟକାରୀ ସଭାପତି, ବୁଦ୍ଧଦେବ ନାୟକ ଯୁଗ୍ମ ସମ୍ପାଦକ,ଦ୍ରୁପଦ ନାୟକ ସଙ୍ଗଠନ ସମ୍ପାଦକ, ଚନ୍ଦ୍ରିକା ସିଂ ସାଂସ୍କୃତିକ ସମ୍ପାଦକ, ସୁନିଲ କୁମାର ପାତ୍ର ଆର୍ଥୀକ ସମ୍ପାଦକ,ଚିତ୍ତରଞ୍ଜନ ଜେନା ଯୁଗ୍ମ ସମ୍ପାଦକ,ହରିହର ଶିଅଳଙ୍କୁ ଅଡିଟର ରୁପେ ମନୋନୀତ କରାଯାଇଥିଲା ।

## ଜୁଏଲ ଓରାମଙ୍କ ପତ୍ନୀଙ୍କ ବିୟୋଗ

ଭୁବନେଶ୍ୱର , ୧୮/୮ (ନି.ପ୍ର): ଡେଙ୍ଗୁରେ ଚାଲିଗଲେ ଜୁଏଲ ଓରାମଙ୍କ ପତ୍ନୀ। ସୁଚନାନୁସାରେ ଜୁଏଲ ଓରାମଙ୍କ ପତ୍ନୀ ସପ୍ତାହେ ହେବ ଏକ ଘରୋଇ ହସ୍ପିଟାଲରେ ଡେଙ୍ଗୁ ରୋଗରେ ଚିକିତ୍ସି ତ ହେଉଥିଲେ।ଶେଷରେ ଶନିବାର ରାତି ୧୧ ଟା ସମୟରେ ତାଙ୍କର ଦେହାନ୍ତ ହୋଇଥିବା ନେଇ ଖବର ପହଁଚିଥିଲା।ଜୁଏଲ ଓରାମଙ୍କ ପତ୍ନୀଙ୍କ ମରଶରୀର ଦେଖିବା ପାଇଁ ଲୁମ୍ବିନିବାହାର ଏଚଆଇଜି ୧୧୪ ନମ୍ବର ପ୍ଲଟରେ ପହଁଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବଳଯିତ ରାତିରେ ଭୁବନେଶ୍ୱର ଲୁମ୍ବିନୀ ବିହାରରୁ ନିଜ ଜନ୍ମଭୂମି କେନ୍ଦୁଡିହିକୁ ମରଶରୀର ଯାଇଛି।ସେଠାରେ ଜୁଏଲ ଓରାମଙ୍କ ପତ୍ନୀଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି କହିଛନ୍ତି ଜୁଏଲ ଓରାମ।୫୮ ବର୍ଷ ବୟସରେ ଜୁଏଲ ଓରାମଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଛି।

# ଖୋର୍ଦ୍ଧାରେ ସ୍ୱଚ୍ଛ ଭାରତ ଅଭିଯାନ: ସରକାରୀ ଚିକିତ୍ସାଳୟରେ ଉଦ୍ଘାଟନ କଲେ ବିଧାୟକ ପ୍ରଶାନ୍ତ ଜଗଦେବ




ଖୋର୍ଦ୍ଧା, ୧୮/୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାସ୍ଥିତ ସରକାରୀ ଚିକିତ୍ସାଳୟ ପରିସରରେ ଆଜି ସ୍ୱଚ୍ଛ ଭାରତ ଅଭିଯାନ ତଥା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ଥାନୀୟ ବିଧାୟକ ଚିକିତ୍ସାଳୟ ପରିସରରେ ଥିବା ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରକାଶ ଥାଉକି, ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସ୍ୱାଧୀନତା ଦିବସ ପୂର୍ବରୁ ସଫଳ କରିବା ପାଇଁ ସମଗ୍ର ଭାରତ ବର୍ଷରେ ପାଳନ କରାଯାଉଥିବା ବେଳେ ସ୍ଥାନୀୟ ବିଧାୟକ କହିଲେ ସ୍ୱଚ୍ଛ ଭାରତ ଅଭିଯାନ ହେଉଛି ପରିବେଶ ସୁରକ୍ଷାର ଉପଯୁକ୍ତ ମାର୍ଗ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ପ୍ରତ୍ୟେକ ବର୍ଷ ସ୍ୱାଧୀନତା ଦିବସ ପୂର୍ବରୁ ଏହି ମହାନ୍ କାର୍ଯ୍ୟକୁ ଏକ ପର୍ବ ଭଳି ପାଳନ କରିପାରିଲେ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ନିରୋଗୀ ହୋଇ ବଂଚି ପାରିବ । ଏହି ଅବସରରେ ଚିକିତ୍ସାଳୟର କର୍ମଚାରୀମାନଙ୍କ ସହ ଆଲୋଚନା କରିବା ବେଳେ ରୋଗୀ ସେବାରେ କିଭଳି ଉନ୍ନତି ଆସିପାରିବ ପରାମର୍ଶ ଦେଇଥିଲେ । ଶେଷରେ ଚିକିତ୍ସାଳୟ ପରିସରରେ ପୂର୍ବରୁ ଲଗାଯାଇଥିବା ବୃକ୍ଷଗୁଡ଼ିକର ଦ୍ୱିତୀୟ ବର୍ଷ ଜନ୍ମବାର୍ଷିକୀ ନଡ଼ିଆ ବାଡ଼େଇ ପାଳନ କରିଥିଲେ । ଆଜିର ଏହି ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ବୃନ୍ଦାବନ ପଣ୍ଡା, ସାଂସଦ ପ୍ରତିନିଧି ଦିଲୀପ ହୋତା ଓ ବିଭୁ ପ୍ରକାଶ ବଳିୟାରସିଂହ, ବିଜେପି ନେତା ନରେନ୍ଦ୍ର ପୃଷ୍ଟି, ଆଇନ୍ଜୀବୀ ବିକ୍ରମ ଚମ୍ପତି, ଲିଙ୍ଗରାଜ ସାହୁ, ପ୍ରମୋଦ ସାହୁ, କାଉନ୍ସିଲର୍ କମଳ ପ୍ରଧାନ, ଲିନା ସ୍ୱାଇଁ ଓ ଶୁଭଲକ୍ଷ୍ମୀ ମହାରଣା ଏବଂ ଶୋଭନ୍ ଘୋଷଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo